CMYK

- Vol.- 44, Issue No. 27
- Saturday, 27 April 2024
- ଶନିବାର, ୨୭ ଏପ୍ରିଲ ୨୦୨୪
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI



ଟି-୨୦ ବିଶ୍ୱକପ୍‌ର ବ୍ରାଣ୍ଡ ଆମ୍ବାସଡର ହେଲେ ଯୁବରାଜ

Web: www.dinalipi.com, E-mail: dinalipinews@gmail.com

### ଇଭିଏମ୍-ଭିଭିପାଟ୍ ମାମଲା: ସୁପ୍ରିମକୋର୍ଟ କହିଲେ

# ଇଭିଏମରେ ସବୁ ସ୍ଥାନରେ ଭୋଟିଂ

ନୂଆଦିଲ୍ଲୀ,୨୬।୪: ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି)କୁ ନେଇ ହୋଇଥିବା ଆବେଦନକୁ ଶୁକ୍ରବାର ଖାରଜ କରି ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ଏହା ସହ ବାଲାଟ ପେପରରେ ଭୋଟିଂ ସବୁସ୍ଥାନରେ ଭୋଟିଂ କରିବାକୁ କ୍ଲିନଚିଟ ଦେଇଛନ୍ତି ସୁପ୍ରିମିକୋର୍ଟ। ଇଭିଏମ୍ ଜରିଆରେ ଦିଆଯାଇଥିବା ଭୋଟ୍ ସହ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରୋଲ୍ (ଭିଭିପିଏଟି) ସ୍ଲିପ୍ ନେଇ ହୋଇଥିବା ଆବେଦନ ଉପରେ

## ସମସ୍ତ ଆବେଦନ ହେଲା ଖାରଜ

କରିବାକୁ ନେଇ କରାଯାଇଥିବା ସମସ୍ତ ଆବେଦନକୁ ମଧ୍ୟ ଖାରଜ କରି ଦେଇଛନ୍ତି ଅଦାଲତ। ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଏହି ଆବେଦନ ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଛି। ବାଲାଟ ପେପରରେ ଭୋଟିଂ କରିବାକୁ ନେଇ କରାଯାଇଥିବା ସମସ୍ତ ଆବେଦନକୁ ମଧ୍ୟ ଖାରଜ କରିବା ସହ ଇଭିଏମରେ ସୁପ୍ରିମକୋର୍ଟ ଶୁକ୍ରବାର ରାୟ ଶୁଣାଇଛନ୍ତି। ଶୁଣାଣି ସମୟରେ ସୁପ୍ରିମକୋର୍ଟ ଦୁଇଟି ନିର୍ଦ୍ଦେଶ ଦେଇଛନ୍ତି। ଗୋଟିଏ ନିର୍ଦ୍ଦେଶ ହେଉଛି, ସିମ୍ବଲ ଲୋଡିଂ ପ୍ରକ୍ରିୟା ସମାପ୍ତ ହେବା ପରେ, ସିମ୍ବଲ ଲୋଡିଂ ୟୁନିଟ୍‌କୁ ସିଲ୍ କରାଯିବା ଉଚିତ। ସେଗୁଡିକୁ ଅତି କମରେ ୪୫ ଦିନ ସଂରକ୍ଷଣ କରାଯିବା ଉଚିତ। ସୁପ୍ରିମକୋର୍ଟ ଦ୍ୱାରା ଜାରି କରାଯାଇଥିବା ଦ୍ୱିତୀୟ ନିର୍ଦ୍ଦେଶ ହେଉଛି, ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଇଞ୍ଜିନିୟର ଦଳ ଦ୍ୱାରା ଇଭିଏମର ମାଇକ୍ରୋ କଣ୍ଟ୍ରୋଲର୍ ପ୍ରୋଗ୍ରାମ ଯାଞ୍ଚ କରିବାକୁ ପ୍ରାର୍ଥୀମାନଙ୍କ ପାଇଁ ବିକଳ୍ପ ରହିବ। ଫଳାଫଳ ଘୋଷଣା ହେବାର ସାତ ଦିନ ମଧ୍ୟରେ ପ୍ରାର୍ଥୀ ଏଥି ପାଇଁ ଦାବି କରିବେ। ଏହା ସହିତ ଭେରିଫିକେସନ ସମୟରେ ଇଭିଏମ୍‌ରେ ହେରଫେର ଆସିଲେ, ପ୍ରାର୍ଥୀ ପ୍ରଦାନ କରିଥିବା ସମସ୍ତ ରାଶି ସେମାନଙ୍କୁ ଫେରସ୍ତ କରାଯିବ।



### ସର୍ବାଧିକ 'ନୋଟା' ମିଳିଲେ ପୁନଃ ନିର୍ବାଚନ ଦାବି

# ନିର୍ବାଚନ କମିଶନଙ୍କଠାରୁ ଜବାବ ଲୋଡ଼ିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୬।୪: ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ମଧ୍ୟରେ ଭୋଟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି। ଯଦି କୌଣସି ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ମାନଙ୍କ ତୁଳନାରେ ଜନତା ନୋଟାକୁ ଅଧିକ ଭୋଟ ଦେଉଛନ୍ତି ତେବେ ସେହି ମତାମତ ଗ୍ରହଣ ନ କରି ଉକ୍ତ ନିର୍ବାଚନ ମଣ୍ଡଳୀରେ ପୁନଃ ଭୋଟ କରାଯାଉ। ଏନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ଏହା ଉପରେ ନିର୍ବାଚନ କମିଶନଙ୍କ ମତାମତ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ। ମୋଟିଭେସନାଲ ସ୍ପିକର ଶିବ ଖେଡାଙ୍କ ପିଟିସନ ଉପରେ ଏହି ଶୁଣାଣି କରାଯାଇଛି। ଯଦି କହିବା ପ୍ରାର୍ଥୀଙ୍କ ମଧ୍ୟରେ ସର୍ବାଧିକ ଭୋଟ୍ ପାଇଥିବା ବ୍ୟକ୍ତି ବିଜେତା ଭାବରେ ବିବେଚନା କରାଯାଏ। ଆବେଦନକାରୀଙ୍କ ଓକିଲ କହିଛନ୍ତି ଯେ, ଏହି ବ୍ୟବସ୍ଥା ଯୋଗୁଁ ସୁରଟରୁ ଜଣେ ପ୍ରାର୍ଥୀ ବିନା ନିର୍ବାଚନରେନିର୍ବାଚିତ ହୋଇଛନ୍ତି। ଶିବ ଖେଡାଙ୍କ ଆବେଦନରେ ଆହୁରି ମଧ୍ୟ କହିଛନ୍ତି, ନୋଟାରେ କେତେ ଭୋଟ ପଡୁଛି ସେନେଇ ତଥ୍ୟ ସାର୍ବଜନୀନ କରିବା ପାଇଁ ଗୋଟିଏ ଆଇନ ପ୍ରଣୟନ କରାଯାଉ। ସୁରଟର ଉଦାହରଣ ଦେଇ ସେ କହିଛନ୍ତି, ସୁରଟରେ ଜଣେ ପ୍ରାର୍ଥୀ ରହିଥିଲେ ବୋଲି ସେ ଏକତରଫା ଭାବେ ନିର୍ବାଚନ ଜିତିଥିଲେ। କିନ୍ତୁ ଜଣେ ପ୍ରାର୍ଥୀ ରହିଥିଲେ ହେଁ ନିର୍ବାଚନ ହେବା ଆବଶ୍ୟକ। କାରଣ ଭୋଟିଂ ମେସିନରେ ନୋଟାର ବିକଳ୍ପ ରହିଛି। ଯଦି ଭୋଟ ଗ୍ରହଣ ନ କରାଯାଇ ନିର୍ବାଚିତ କରାଯାଉଛି ତାହେଲେ ଏହା ଯୁକ୍ତିଯୁକ୍ତ ନୁହେଁ। ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ ନୋଟିସ କରି ଏନେଇ ଜବାବ ଲୋଡ଼ିଛନ୍ତି।

## ସଡ଼କ ଦୁର୍ଘଟଣା ନେଲା ୩ ଜୀବନ

ରାଉରକେଲା,୨୬।୪: ସୁନ୍ଦରଗଡ଼ ଜିଲ୍ଲାରେ ଘଟିଛି ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣା। ସୁନ୍ଦରଗଡ଼ ଜିଲ୍ଲା ଦରଲୀପଲିଠାରେ ଘଟିଯାଇଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଅଜଣା ଟ୍ରକ ଧକ୍କାରେ ୩ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ। ସେହିପରି ବୀରମିତ୍ରପୁରରେ ଟ୍ରକ ଧକ୍କାରେ ଜଣେ ସ୍କୁଟି ଚାଳକ ଆହତ ହୋଇଛନ୍ତି। ସୂଚନା ମୁତାବକ, ଶୁକ୍ରବାର ସକାଳ ୯ଟା ବେଳେ ସୁନ୍ଦରଗଡ଼ ଜିଲ୍ଲା ଭଷ୍ମା ଥାନା ଦର୍ଲିପାଲି ଏନଟିପିସି ପାୱାର ପ୍ଲାଣ୍ଟ କଲୋନୀ ସମ୍ମୁଖ ରାସ୍ତାରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ସ୍ଥାନୀୟ ଭଷ୍ମା ଥାନା ଦାରଲୀପଲ୍ଲୀ ଅଞ୍ଚଳର ରଞ୍ଜନ ପ୍ରଧାନ, ଆଶିଷ ଭୋଇ ଏବଂ ରୂପକ ଧାରୁଆ ବାଇକରେ ଘରକୁ ଯାଉଥିଲେ। ସେହି ସମୟରେ ଏକ ଟ୍ରକ ବାଇକକୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତିନିଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା।

## ୨୮ରେ ଓଡ଼ିଶା ଆସିବେ ନଡ୍ଡା, ରାହୁଲ



ଭୁବନେଶ୍ୱର,୨୬।୪: ଆଗାମୀ ୨୮ ତାରିଖରେ ଓଡ଼ିଶା ଆସୁଛନ୍ତି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା। ବ୍ରହ୍ମପୁରରେ ଏକ ବିଶାଳ ଜନସଭାକୁ ସେ ସମ୍ବୋଧନ କରିବେ। ଏହାସହ ନବରଙ୍ଗପୁରରେ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ଏନେଇ ସୂଚନା ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି। ତେବେ ତାରକା ପ୍ରଚାରକ ଭାବେ ନଡ୍ଡାଙ୍କୁ ମନୋନୀତ କରିଯିବା ପରେ ଏହା ତାଙ୍କର ଓଡିଶାକୁ ପ୍ରଥମ ନିର୍ବାଚନୀ ଗସ୍ତ। ସେହିପରି ରବିବାର ସାଲେପୁରରେ ନିର୍ବାଚନୀ ସଭା କରିବା ସହ ରାଲି କରିବେ ରାହୁଲ ଗାନ୍ଧୀ। ରାହୁଲ ଗାନ୍ଧୀଙ୍କ ସଭାରେ ଉପକୂଳ ଜିଲା ୪ଟି ଲୋକସଭା ଯଥା: କଟକ, କେନ୍ଦ୍ରାପଡା, ଯାଜପୁର, ଜଗତସିଂହପୁର ଏବଂ ୨୮ ବିଧାନସଭା ନିର୍ବାଚନମଣ୍ଡଳୀ ଅଞ୍ଚଳରୁ ବହୁ କଂଗ୍ରେସ କର୍ମୀ ଓ ସମର୍ଥକ ଯୋଗଦେବେ। ଏହି ଅବସରରେ ରାହୁଲ ଗାନ୍ଧୀ କଟକ ଜିଲା ସତ୍ୟଭାମାପୁର, ଉତ୍କଳ ଗୌରବ ମଧୁସୂଧନ ଦାସଙ୍କ ଜନ୍ମପୀଠରେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର।

## 'ପଦ୍ମ' ଧରିଲେ ସୋର ବିଧାୟକ

ଭୁବନେଶ୍ୱର,୨୬।୪(ନିପ୍ର): ସୋର ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପର୍ଶୁରାମ ଧଡ଼ା ଶୁକ୍ରବାର ବିଜେପିରେ ଯୋଗ ଦେଇଛନ୍ତି। ଚଳିତ ନିର୍ବାଚନରେ ଟିକେଟ୍ ନମିଳିବାରୁ ପର୍ଶୁରାମ ବିଜେଡି ଛାଡିଥିଲେ। ଆଜି ସେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ସଭାପତି ସମୀର ମହାନ୍ତି ଓ ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖଙ୍କ ନେତୃତ୍ୱରେ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ତାଙ୍କ ସହ ବାଲେଶ୍ୱରର ଶତାଧିକ ବିଜେଡି ନେତା ଓ କର୍ମୀ ମଧ୍ୟ ପଦ୍ମ ଧରିଛନ୍ତି। ବିଜେପିରେ ଯୋଗ ଦେବା ପରେ ବିଧାୟକ ପର୍ଶୁରାମ ଧଡା କହିଛନ୍ତି ମୋଦିଙ୍କ ନେତୃତ୍ୱରେ ଭାରତ ବିକଶିତ ରାଷ୍ଟ୍ର ହେବାକୁ ଯାଉଛି। ଓଡ଼ିଶା କାହିଁକି ପଛରେ ରହିବ, ସୋର କାହିଁକି ପଛରେ ରହିବ। କେନ୍ଦ୍ରୀୟ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଆମର ଲକ୍ଷ୍ୟ। ଟିକେଟ ପାଇଁ କୌଣସି ଆଶା ଅଛି କି ପ୍ରଶ୍ନରେ ପର୍ଶୁରାମ କହିଛନ୍ତି କୌଣସି ଆଶା ନାହିଁ, ଦଳ ଯାହା ଦାୟିତ୍ୱ ଦେବ ତୁଲାଇବି।

### ୪୦ ଡିଗ୍ରୀ ଉପରେ ୩୨ ସହର

# ୪୦.୬ ଡିଗ୍ରୀ: ଅନୁଗୁଳ ସବୁଠୁ ତାତିଲା




୪ରୁ ୫ ଦିନ ଯାଏଁ କିଛି ଜିଲାରେ ଉଷ୍ମ ପାଣିପାଗ

ଭୁବନେଶ୍ୱର,୨୬।୪(ନିପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆହୁରି ୫ ଦିନ ଯାଏଁ ତାତିରୁ ନିସ୍ତାର ମିଳିବ ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏଭଳି ସତର୍କ ସୂଚନା ଜାରି ହୋଇଛି। ଏହାରି ମଧ୍ୟରେ ରାଜ୍ୟର ୩୨ଟି ସହରର ତାପମାତ୍ରା ଶୁକ୍ରବାର ୪୦ ଡିଗ୍ରୀ ଉପରେ ରହିଛି। ସେହିପରି ୧୨ ସହରର ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଛି। ଅନୁଗୁଳରେ ୪୪.୬ ଡିଗ୍ରୀ ସର୍ବାଧିକ ତାପମାତ୍ରା ରହିଛି। ବୌଦ୍ଧରେ ୪୪.୫, ନୂଆପଡା ଏବଂ ବଲାଙ୍ଗୀରରେ ୪୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।ସେହିପରି ବୌଦ୍ଧରେ ୪୪.୫ ଡିଗ୍ରୀ, ନୂଆପଡା ଏବଂ ବଲାଙ୍ଗୀରରେ ୪୪ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଶୁକ୍ରବାର ୧୨ଟି ସହରରେ ଦିନ ତାପମାତ୍ରା ୪୩ ଡିଗ୍ରୀ ଅତିକ୍ରମ କରିଥିବାବେଳେ ୩୨ ସହରରେ ୪୦ଡିଗ୍ରୀ କିମ୍ବା ଅଧିକ ଦିନ ତାପମାତ୍ରା ରେକର୍ଡ କରାଯାଇଛି।ସୂଚନା ଅନୁଯାୟୀ, ବାରିପଦାରେ ୪୩.୮, ଯାଜପୁର, ସମ୍ବଲପୁର, ହୀରାକୁଦ ଓ ଟିଟିଲାଗଡ଼ରେ ୪୩.୬, ଝାରସୁଗୁଡ଼ା ଓ ତାଳଚେରରେ ୪୩.୫, ଢେଙ୍କାନାଳରେ ୪୩.୧, ନୟାଗଡରେ ୪୨.୮, ଭବାନୀପାଟଣାରେ ୪୨.୬, ମାଲକାନଗିରିରେ ୪୨.୫, ସୁନ୍ଦରଗଡ଼, ରାଉରକେଲା ଓ ସୋନପୁରରେ ୪୨.୩, ପାରଳାଖେମୁଣ୍ଡି ଓ ଖୋର୍ଦ୍ଧାରେ ୪୨, କେନ୍ଦୁଝରରେ ୪୧.୮, ଚାନ୍ଦବାଲିରେ ୪୧.୭, ଭଦ୍ରକରେ ୪୧.୫, ବରଗଡ଼ରେ ୪୧.୪, ଫୁଲବାଣୀରେ ୪୧.୨, କେନ୍ଦ୍ରାପଡା ଓ ରାୟଗଡାରେ ୪୧, କଟକରେ ୪୦.୮, ଭୁବନେଶ୍ୱର ଓ ଛତ୍ରପୁରରେ ୪୦.୫, ନବରଙ୍ଗପୁରରେ ୪୦.୨ ଓ ଦେଓଗଡ଼ରେ ୪୦ ଡିଗ୍ରୀ ସେଲସିଅସ ତାପମାତ୍ରା ରେକର୍ଡ କରାଯାଇଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କିଛି କିଛି ସ୍ଥାନରେ ଦିନ ତାପମାତ୍ରାରେ ଆହୁରି ୨ଡିଗ୍ରୀ ଯାଏଁ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଆଗାମୀ ୪ରୁ ୫ ଦିନ ଯାଏଁ ରାଜ୍ୟର କିଛି ଜିଲାରେ ଉଷ୍ମ ପାଣିପାଗ ସ୍ଥିତି ଜାରି ରହିବା ସହ କିଛି ଜିଲାରେ ଭୀଷଣ ଗ୍ରୀଷ୍ମପ୍ରବାହ ଲାଗି ରହିବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଶନିବାର ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲାରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ହେବ। ସେଥିପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗିର, ସୋନପୁର, ବରଗଡ଼, ସମ୍ବଲପୁର ଓ ଦେବଗଡ଼ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ହେବ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା ପୁରୀ ଓ କୋରାପୁଟ ଜିଲ୍ଲାରେ ମଧ୍ୟ ଗ୍ରୀଷ୍ମ ପ୍ରବାହଜାରି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଗାଡ଼ି ଯାଞ୍ଚ: ୭ଲକ୍ଷ ୮୮ହଜାର ଟଙ୍କା ଜବତ

କୁଚିଣ୍ଡା,୨୬।୪(ନିପ୍ର) ଶୁକ୍ରବାର ଗାଡ଼ି ମଟର ଯାଞ୍ଚ ବେଳେ କୁଚିଣ୍ଡା ପୋଲିସ ୨ ଜଣ ଯୁବକଙ୍କଠାରୁ ମୋଟ ୭ ଲକ୍ଷ ୮୮ ହଜାର ଟଙ୍କା ଜବତ କରିବା ସହ ଜବତ ଟଙ୍କାକୁ କୁଚିଣ୍ଡା ଟ୍ରେଜେରିରେ ଜମା କରିଛି। ସୂଚନା ଅନୁଯାୟୀ, ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ଗାଡ଼ି ମଟର ଯାଞ୍ଚକୁ କଡ଼ାକଡ଼ି କରାଯାଉଛି। ଏହି ପରିପ୍ରେକ୍ଷୀରେ କୁଚିଣ୍ଡା ପୋଲିସ କୁସୁମୀ ଛକ ନିକଟରେ ଗାଡ଼ି ମଟର ଯାଞ୍ଚ କରୁଥିବା ସମୟରେ ସଞ୍ଜୟ ଅଗ୍ରୱାଲ ନିଜ ସ୍କୁଟିରେ କୁସୁମୀ ପଟକୁ ଯାଉଥିଲେ। ପୋଲିସ ତାଙ୍କୁ ଅଟକାଇ ଯାଞ୍ଚ କରିବାରୁ ତାଙ୍କ ସ୍କୁଟିରେ ୩ ଲକ୍ଷ ୫୦ ହଜାର ଟଙ୍କା ବାହାରିଥିଲା। ନିର୍ବାଚନ ସମୟରେ ୫୦ ହଜାର ଟଙ୍କାରୁ ଅଧିକ ଟଙ୍କା ନେବାକୁ ବାରଣ ଥିବାରୁ ପୋଲିସ ଦଳ ଏହି ଟଙ୍କାକୁ ଜବତ କରିଥିଲେ। ସେହିପରି କୁଚିଣ୍ଡା ଅଞ୍ଚଳର ରାଜେଶ ନାୟକଙ୍କୁ ଅଟକାଇ ଯାଞ୍ଚ କରିବାରୁ ତାଙ୍କଠାରୁ ମଧ୍ୟ ୪ ଲକ୍ଷ ୩୮ ହଜାର ଟଙ୍କା ବାହାରିଥିଲା। ଟଙ୍କାକୁ ପୋଲିସ ନିର୍ବାଚନ କମିଶନଙ୍କ ଦ୍ୱାରା ଗଠିତ ନିର୍ବାଚନ ନିରୀକ୍ଷଣକାରୀ ଦଳଙ୍କ ଉପସ୍ଥିତିରେ ଜବତ କରି ସ୍ଥାନୀୟ ନୋଡାଲ ଅଧିକାରୀଙ୍କୁ ସୂଚନା ଦେବା ପରେ ଜବତ ମୋଟ ୭ ଲକ୍ଷ ୮୮ ହଜାର ଟଙ୍କାକୁ ଟ୍ରେଜେରିରେ ଜମା କରିଥିଲେ।

## ପାଣ୍ଡିଆନଙ୍କ ହେଲିକପ୍ଟର ଯାଞ୍ଚ କଲେ ଫ୍ଲାଇଂ ସ୍କ୍ୱାଡ୍

ଉମରକୋଟ,୨୬।୪: ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କ ହେଲିକପ୍ଟର ଶୁକ୍ରବାର ମାଜିଷ୍ଟ୍ରେଟ ଓ ପୋଲିସ ଦ୍ୱାରା ଯାଞ୍ଚ କରାଯାଇଛି। ନିର୍ବାଚନ ପ୍ରଚାର ପାଇଁ ଯାଇଥିବା ବେଳେ ତାଙ୍କ ହେଲିକପ୍ଟର ଯାଞ୍ଚ ପ୍ରାୟ ୨୦/୨୫ ମିନିଟ ଧରି କରାଯାଇଥିଲା। ତେବେ ହେଲିକପ୍ଟରରୁ କିଛି ମିଳିଲାନାହିଁ ବୋଲି ସୂଚନା ଦେଇଛନ୍ତି ଫ୍ଲାଇଂ ସ୍କ୍ୱାଡ୍ ମୁଖ୍ୟ। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ଦୁଇଟି ଆସନରୁ ଲଢ଼ିବା ପ୍ରସଙ୍ଗରେ ଟାର୍ଗେଟ କରିଛି ଭାରତୀୟ ଜନତା ପାର୍ଟି। ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି ବିଜେପି ନେତା ସମୀର ମହାନ୍ତି। ରିମୋଟ କଣ୍ଟ୍ରୋଲରେ ଚାଲିଛି ରାଜ୍ୟ ସରକାର ବୋଲି ସେ କହିଛନ୍ତି।

### ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ବିଜ୍ଞପ୍ତି

## ନାମାଙ୍କନ ଆରମ୍ଭ, ମେ ୨୦ରେ ଭୋଟ୍

ଭୁବନେଶ୍ୱର,୨୬।୪: ଲୋକସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସରିଛି ତେବେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ନାମାଙ୍କନ ଆରମ୍ଭ ହୋଇଛି। ସେହିପରି ଭାରତରେ ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ୪୯ ଲୋକସଭା ଆସନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାରେ ମେ ୧୩ ତାରିଖରେ ହେବାକୁ ଥିବା ମତଦାନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ପ୍ରାର୍ଥୀପତ୍ର ଯାଞ୍ଚ ଆରମ୍ଭ ହୋଇଛି। ୨୯ ତାରିଖ ସୁଦ୍ଧା ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିପାରିବେ। ସେହିପରି ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟରେ ବରଗଡ, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ, ଆସିକା ଲୋକସଭା ଆସନ ଏବଂ ଏହାର ଅନ୍ତର୍ଗତ ୩୫ଟି ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ମେ ୨୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ୨୬ ଏପ୍ରିଲରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ମେ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ମେ ୪ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହେବା ସହିତ ମେ ୬ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ।

### ସରିଲା ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ

## ୬୩ ପ୍ରତିଶତ ମତଦାନ



ନୂଆଦିଲ୍ଲୀ,୨୬।୪: ଦେଶରେ ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ରାତି ୧୦ଟା ସୁଦ୍ଧା ୬୩ ପ୍ରତିଶତ ମତଦାନ ହୋଇଛି। ଅପରାହ୍ନ ୫ଟା ସୁଦ୍ଧା ତ୍ରିପୁରାରେ ସର୍ବାଧିକ ୭୬.୨ ପ୍ରତିଶତ ମତଦାନ ହୋଇଥିଲା। ଏହା ତଳକୁ ମଣିପୁର ୭୬.୧ ପ୍ରତିଶତ ଭୋଟ ହୋଇଥିଲା। ସେହିପରି ଛତିଶଗଡ଼ରେ ୭୨.୧ ପ୍ରତିଶତ ମତଦାନ ହୋଇଛି। ସେହିପରି ଅପରାହ୍ନ ୫ଟା ସୁଦ୍ଧା ପଶ୍ଚିମବଙ୍ଗ ଓ ଆସାମରେ ୭୦ ପ୍ରତିଶତରୁ ଅଧିକ ମତଦାନ ହୋଇଛି। ଲୋକସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଆସନରେ ମତଦାନ ହେଉଛି। ଅପରାହ୍ନ ୫ଟା ସୁଦ୍ଧା ଉତ୍ତରପ୍ରଦେଶରେ ୫୨.୬୪ ପ୍ରତିଶତ ଭୋଟ ହୋଇଥିବାବେଳେ ରାଜସ୍ଥାନରେ ୫୯ ପ୍ରତିଶତ, ମଣିପୁର ଓ ମହାରାଷ୍ଟ୍ରରେ ୫୩.୫୧ ପ୍ରତିଶତ, ବିହାରରେ ୫୩ ପ୍ରତିଶତ ମତଦାନ ହୋଇଛି। ଉତ୍ତରପ୍ରଦେଶର ଗୌତମ ବୁଦ୍ଧ ନଗରର ନୋଏଡାରେ ମାତ୍ର ୪୫.୬୦ ପ୍ରତିଶତ ମତଦାନ ହୋଇଛି। ପ୍ରଥମ ପର୍ଯ୍ୟାୟ ପରି ଏହି ପର୍ଯ୍ୟାୟରେ ମତଦାନ କମିବା କେବଳ ନିର୍ବାଚନ କମିସନ ନୁହନ୍ତି, ସରକାରଙ୍କୁ ମଧ୍ୟ ଚିନ୍ତାରେ ପକାଇ ଦେଇଛି। ପ୍ରଥମ ପର୍ଯ୍ୟାୟରେ ୬୪ ପ୍ରତିଶତ ମତଦାନ ହୋଇଥିଲା।

# ନବରଙ୍ଗପୁରରେ ବିରୋଧୀଙ୍କୁ ଟାର୍ଗେଟ କଲେ ପାଣ୍ଡିଆନ

### ▶ ବିକାଶ କାମର ଦେଲେ ହିସାବ ▶ ୫-ଟିରେ ୮୦୦୦ରୁ ଅଧିକ ହାଇସ୍କୁଲର ରୂପାନ୍ତରଣ

ନବରଙ୍ଗପୁର/ଭୁବନେଶ୍ୱର,୨୬।୪(ନିପ୍ର): ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶୁକ୍ରବାର ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଉମରକୋଟ ଓ ଝରିଗାଁରେ ନିର୍ବାଚନ ପ୍ରଚାର ଆରମ୍ଭ କରି ଦଳର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ନିବେଦନ କରିଛନ୍ତି। ବହୁସଂଖ୍ୟାରେ ଆସି ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ। ୯୦ ପ୍ରତିଶତ ଭୋଟରେ ଜିତାନ୍ତୁ। ଏହି ସଭାରେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ରହି ଜନସାଧାରଣ ଶ୍ରୀ ପାଣ୍ଡିଆନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ।ନିଜ ଭାଷଣରେ କେନ୍ଦ୍ରମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ଶ୍ରୀ ପାଣ୍ଡିଆନ କହିଲେ ଯେ ତାଙ୍କର ରାଗ ହେଉଛି ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ କାହିଁକି ଏତେ ସୁବିଧା ଦେଉଛନ୍ତି। ମା ମାନଙ୍କୁ କାହିଁକି ଏତେ ସୁବିଧା ଦେଉଛନ୍ତି। ତେଣୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିସନ ଶକ୍ତି ଆଦି କାର୍ଯ୍ୟକ୍ରମ ବନ୍ଦ କରିବାକୁ ଷଡଯନ୍ତ୍ର କରୁଛନ୍ତି। ମା ମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଦେଲେ। ତାଙ୍କୁ ଅନୁରୋଧ ସେ ମା'ମାନଙ୍କୁ ବାରମ୍ବାର ଅପମାନିତ ନ କରନ୍ତୁ, ମା ମାନେ ତାଙ୍କୁ ଉଚିତ ଜବାବ ଦେବେ। ଆପଣ ମାନେ ତାଙ୍କୁ ପ୍ରଶ୍ନ ପଚାରନ୍ତୁ, ସେମାନେ ଉତ୍ତର ଦେଇପାରିବେ ନାହିଁ। ସେ କହିଲେ ଯେ କେନ୍ଦ୍ରମନ୍ତ୍ରୀ ବଡ଼ ବଡ଼ କଥା କହୁଛନ୍ତି। କିନ୍ତୁ ୫ ବର୍ଷ ହେଲା ଶିକ୍ଷାମନ୍ତ୍ରୀ ହେଲେଣି, ଆପଣଙ୍କ ଅଞ୍ଚଳରେ ଗୋଟିଏ ବି କେନ୍ଦ୍ରୀୟ ବିଦ୍ୟାଳୟ ଖୋଲି ପାରିଲେ ନାହିଁ। ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ କରିଛନ୍ତି ଲାଭ ଯୋଜନା। ଏଥିରେ ସରକାର ଆପଣଙ୍କ ଜିନିଷ ଠିକ୍ ଦାମ ଦେଇ କିଣିନେବେ। ଆପଣଙ୍କୁ ଆଉ କେହି ଠକି ପାରିବେ ନାହିଁ। ନବରଙ୍ଗପୁରର ବିକାଶ ପାଇଁ ୧୯୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି ବୋଲି ସେ କହିଥିଲେ। ଡାବୁଗାଁରେ ୭୦ କୋଟି ଟଙ୍କାର କାମ ଚାଲିଛି। ସେହିପରି ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ଚାଲୁଥିବା ବିକାଶ କାମର ହିସାବ ଦେଇ ସେ କହିଲେ ଯେ କୋଷାଗୁମୁଡା ଭାୟା ମୋଟିଗାଁ ଓ କୋଟାଗାଁ ଦେଇ ମଧ୍ୟପ୍ରଦେଶ ସୀମା ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉନ୍ନତିକରଣ ପାଇଁ ୭୦ କୋଟି ଟଙ୍କା ମଞ୍ଜୁର ହୋଇଛି। ପାପଡାହାଣ୍ଡି- କୁଡିଗାଁ-କୋଷାଗୁମୁଡା ରାସ୍ତା ପାଇଁ ୪୫ କୋଟି ଟଙ୍କା। ଡାବୁଗାଁ-ଉମରହାଣ୍ଡି ରାସ୍ତାରେ ଅଙ୍ଗୀ ନଦୀ ଉପରେ ସେତୁ ପାଇଁ ୯.୬୦ କୋଟି ଟଙ୍କା। ପିଡବ୍ଲୁଡି ରୋଡ-ଏକୋରୀ ରାସ୍ତାର ସ୍ଥାନୀୟ ନାଳ ଉପରେ ସେତୁ ପାଇଁ ୮.୬୦ କୋଟି ଟଙ୍କା। ବିଭିନ୍ନ ମଠ ମନ୍ଦିର, ପୂଜାସ୍ଥଳୀ ଓ ଧାର୍ମୀକ ଅନୁଷ୍ଠାନର ସଂରକ୍ଷଣ ଓ ସୁରକ୍ଷା ପାଇଁ ୩.୭୦ କୋଟି ଟଙ୍କା। ଡାବୁଗାଁର ୮୦ ହଜାର ହିତାଧିକାରୀ ବିଏସକେୱାଇରେ ସାମିଲ ହୋଇଛନ୍ତି। ମେଡେନାର ରାଜୁ ଖାଁ ୫ ଲକ୍ଷ ଓ ଖୁଟୁବାଇର ବିମଳା ମେହେଟା ୫ ଲକ୍ଷ ଟଙ୍କା ଜରିଆରେ ଉପକୃତ ହୋଇଛନ୍ତି। ସେହିପରି ନବରଙ୍ଗପୁରରେ କାମର ହିସାବ ଦେଇ ସେ କହିଲେ ଯେ ତେନ୍ତୁଳିଖୁଣ୍ଟି ଓ କୋଷାଗୁମୁଡାରେ ଦୁଇଟି ସରକାରୀ କଲେଜ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ନନ୍ଦାହାଣ୍ଡିରେ ମେଗାଲିଫ୍ଟ ଜରିଆରେ ଜଳସେଚନ ସୁବିଧାର ବିକାଶ କାମ ଚାଲିଛି। କୋଡିଙ୍ଗା-ଚନ୍ଦାହାଣ୍ଡି ରାସ୍ତା ପାଇଁ ୪୪ କୋଟି। ପୋଦଲଗୁଡା-ଦୁଲୁଘାଟି ରାସ୍ତା ପାଇଁ ୪୫ କୋଟି। ମଙ୍ଗଳଦୋରା ଜଳପ୍ରପାତର ବିକାଶ ପାଇଁ ୩.୨୦ କୋଟି। ମଣ୍ଡାଡୁଙ୍ଗୁରୀ ଶିବ ମନ୍ଦିର ପାଇଁ ୨.୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି।



CMYK

# ରହସ୍ୟମୟ ମନ୍ଦିର; ଶୁଖିଯାଆନ୍ତି ଠାକୁର !

ଆମ ଦେଶରେ ଏପରି କିଛି ରହସ୍ୟମୟ ମନ୍ଦିର ଅଛି, ଯାହାର ରହସ୍ୟ ଆଜି ପର୍ଯ୍ୟନ୍ତ କେହି ମଧ୍ୟ ସମାଧାନ କରିପାରିନାହାନ୍ତି । ଏଭଳି ଏକ ରହସ୍ୟମୟ କୃଷ୍ଣ ମନ୍ଦିର କେରଳର ଥିରୁଭରପ୍ପୁଠାରେ ଅବସ୍ଥିତ। ଏହି ପ୍ରସିଦ୍ଧ ମନ୍ଦିର ପ୍ରାୟ ୧୫୦୦ ବର୍ଷ ତଳର ବୋଲି ବିଶ୍ୱାସ କରାଯାଏ। ଅନେକ କିମ୍ବଦନ୍ତୀ ଏହି ମନ୍ଦିର ସହ ଜଡ଼ିତ। କୁହାଯାଏ ଯେ, ବନବାସ ସମୟରେ, ପାଣ୍ଡବମାନେ ଏଠାରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତି ପୂଜା କରି ତାଙ୍କୁ ଭୋଗ ଅର୍ପଣ କରୁଥିଲେ । ବନବାସ ଶେଷ ହେବା ପରେ ପାଣ୍ଡବମାନେ ମତ୍ସଜୀବୀଙ୍କ ଅନୁରୋଧକୁ ରକ୍ଷା କରି ଥିରୁଭରପ୍ପୁରେ ଭଗବାନ କୃଷ୍ଣଙ୍କର ଏହି ପ୍ରତିମୂର୍ତ୍ତିଟିକୁ ଛାଡି ଚାଲି ଆସିଥିଲେ। ମତ୍ସ୍ୟଜୀବୀମାନେ ଭଗବାନ କୃଷ୍ଣଙ୍କୁ ଗ୍ରାମ ଦେବତା ଭାବେ ପୂଜା କଲେ। ଏକଦା ମତ୍ସ୍ୟଜୀବୀଙ୍କ ଉପରେ ଘୋର ବିପଦ ମାଡ଼ି ଆସିଲା, ତେଣୁ ସେମାନେ ଜଣେ ଜ୍ୟୋତିଷଙ୍କ ପରାମର୍ଶ ଲୋଡ଼ିଲେ। ଜ୍ୟୋତିଷଜଣଙ୍କ କହିଥିଲେ ଯେ, ତୁମେ ଭଗବାନ କୃଷ୍ଣଙ୍କ ପୂଜା ଠିକ୍ ଭାବେ କରୁନାହଁ, ତେଣୁ ଏ ବିପଦ ମାଡ଼ି ଆସିଛି । ଏହି କାରଣରୁ ମତ୍ସ୍ୟଜୀବୀମାନେ ହ୍ରଦରେ ମୂର୍ତ୍ତିଟିକୁ ବିସର୍ଜନ କରିଦେଲେ। ଏକଦା କେରଳର ଜଣେ ଋଷି ବିଲ୍ୱମଙ୍ଗଳମ୍ ନୌକାରେ ଯାତ୍ରା କରୁଥିବା ସମୟରେ ଏହି ମୂର୍ତ୍ତିକୁ ପାଇଲେ। ସେ ଏକ ଗଛ ମୂଳରେ ମୂର୍ତ୍ତି ରଖି ବିଶ୍ରାମ ନେଲେ। ଯେବେ ସେଠାରୁ ସେ ପ୍ରସ୍ଥାନ ଉଦ୍ଦେଶ୍ୟରେ ବାହାରିଲେ ମୂର୍ତ୍ତିକୁ ଆଉ ଉଠାଇ ପାରିଲେ ନାହିଁ । ଏହାପରଠାରୁ ସେହିଠାରେ ମୂର୍ତ୍ତି ସ୍ଥାପନ ହୋଇଗଲା। ବିଶ୍ୱାସ ଅଛି ଯେ, ଏଠାରେ ସ୍ଥାପିତ ହୋଇଥିବା ବିଗ୍ରହ ଆଦୌ ଭୋକ ସମ୍ଭାଳି ପାରନ୍ତି ନାହିଁ। ଏହି କାରଣରୁ ଏଠାରେ ବିଶେଷ ବ୍ୟବସ୍ଥା କରାଯାଉଛି। ଭଗବାନଙ୍କୁ ଦିନକୁ ୧୦ଥର ଭୋଗ ଲଗାଯାଏ। ଯଦି କୌଣସି କାରଣରୁ ଭୋଗ ଲଗା ନଯାଏ, ତେବେ ଭଗବାନଙ୍କ ଶରୀର ଶୁଖିଯାଏ ବୋଲି ସ୍ଥାନୀୟ ଅଞ୍ଚଳରେ ବିଶ୍ୱାସ ରହିଛି। ଏହି ମନ୍ଦିର ଗ୍ରହଣ କାଳରେ ମଧ୍ୟ ବନ୍ଦ ହୁଏନାହିଁ। ପୂର୍ବରୁ ଏହି ମନ୍ଦିର ଗ୍ରହଣ କାଳରେ ଅନ୍ୟ ମନ୍ଦିର ପରି ବନ୍ଦ ରହୁଥିଲା, କିନ୍ତୁ ଥରେ ଏପରି ଦୃଶ୍ୟ ଦେଖିବାକୁ ମିଳିଲା ଯାହାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ଗ୍ରହଣ ପରେ ଯେତେବେଳେ ମନ୍ଦିର ଖୋଲାଗଲା ଦେଖାଗଲା ଯେ, ମୂର୍ତ୍ତିଟି ଶୁଖିଯିବା ସହ ଅଣ୍ଟା ପଟି ମଧ୍ୟ ତଳକୁ ଖସିଯାଇଛି। ଯେତେବେଳେ ଆଦିଶଙ୍କରାଚାର୍ଯ୍ୟ ଏହା ଜାଣିବାକୁ ପାଇଲେ, ସେ ଚନ୍ଦ୍ରଗ୍ରହଣ ସମୟରେ ମନ୍ଦିର ଖୋଲା ରଖାଯିବା ସହ ଭୋଗ ଲଗାଇବାକୁ କହିଥିଲେ। ଆଦିଶଙ୍କରାଚାର୍ଯ୍ୟଙ୍କ ଆଦେଶ ଅନୁଯାୟୀ, ଏହି ମନ୍ଦିର ୨୪ ଘଣ୍ଟାରେ ମାତ୍ର ୨ ମିନିଟ୍ ବନ୍ଦ ହୋଇଥାଏ। ୧୧.୫୮ ସମୟରେ ବନ୍ଦ କରାଯାଇ ଠିକ୍ ୧୨ଟାରେ ମନ୍ଦିର ଖୋଲାଯାଏ। ମନ୍ଦିରର ପୁରୋହିତଙ୍କୁ ତାଲା ଚାବି ସହିତ କୁରାଢ଼ି ମଧ୍ୟ ଦିଆଯାଇଛି। ପୁରୋହିତଙ୍କୁ କୁହାଯାଇଛି ଯେ, ଯଦି ତାଲା ଖୋଲିବାକୁ ସମୟ ଲାଗେ, ତେବେ ସେ କୁରାଢ଼ିରେ ତାଲା ଭାଙ୍ଗିଦେବେ, କିନ୍ତୁ ପ୍ରଭୁଙ୍କୁ ଭୋଗ ଅର୍ପଣ କରିବାରେ ବିଳମ୍ବ କରିବେ ନାହିଁ । ଏହା ବ୍ୟତୀତ, ଯେତେବେଳେ ପ୍ରଭୁଙ୍କ ଅଭିଷେକ କରାଯାଏ ସେତେବେଳେ, ପ୍ରଥମେ ବିଗ୍ରହର ମୁହଁଭାଗ ଏବଂ ପରେ ସମଗ୍ର ଶରୀର ଶୁଖାଯାଏ । କାରଣ, ଅଭିଷେକ କରିବାକୁ ସମୟ ଲାଗିଥାଏ ଏବଂ ଭୋଗ ଠିକ୍ ସମୟରେ ଦିଆଯାଇପାରେ ନାହିଁ। ଏହି ଘଟଣା ଦେଖି ଲୋକମାନେ ଆଶ୍ଚର୍ଯ୍ୟ ମଧ୍ୟ ହୋଇଯାଆନ୍ତି।



> ବନବାସ ସମୟରେ, ପାଣ୍ଡବମାନେ ଏଠାରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତି ପୂଜା କରି ତାଙ୍କୁ ଭୋଗ ଅର୍ପଣ କରୁଥିଲେ । ବନବାସ ଶେଷ ହେବା ପରେ ପାଣ୍ଡବମାନେ ମତ୍ସଜୀବୀଙ୍କ ଅନୁରୋଧକୁ ରକ୍ଷା କରି ଥିଲେ।



## ଗୁରୁବାୟୁର ମନ୍ଦିର

ଭଗବାନ ବିଷ୍ଣୁଙ୍କ ଅବତାର ଶ୍ରୀକୃଷ୍ଣ। ସେ ହିଁ ମାଧବ, କେଶବ, ଗୋବିନ୍ଦ ଓ ଗୋପାଳ। ତାଙ୍କର ସହସ୍ର ନାମ ଓ ରୂପ। ଅନେକ ନାମ ଓ ରୂପରେ ସେ ହିଁ ଏକ, ଅର୍ଥାତ୍ ସେ ହିଁ କୃଷ୍ଣ। ଏହି କ୍ରମରେ କେରଳରେ କୃଷ୍ଣ ଗୁରୁବାୟୁର ରୂପରେ ଦୃଶ୍ୟମାନ। ଦେଶର ଅନ୍ୟତମ ତୀର୍ଥସ୍ଥାନ ଗୁରୁବାୟୁର ମନ୍ଦିର। ଯାହା ଦକ୍ଷିଣର ଦ୍ୱାରକା ଭାବେ ପ୍ରସିଦ୍ଧ। ଏପରିକି କିଛି ଏହାକୁ ଭୂ-ଲୋକର ବୈକୁଣ୍ଠ ବୋଲି କୁହନ୍ତି। ଏଠାରେ ଭଗବାନ ଶ୍ରୀକୃଷ୍ଣଙ୍କ ବାଳ ରୂପକୁ ପୂଜା କରାଯାଏ, ଯାହାଙ୍କୁ ଗୁରୁବାୟୁରପ୍ପନ କୁହାଯାଏ। ଗ୍ରହରାଜ ବୃହସ୍ପତି ଏବଂ ପବନ ଦେବତା ବାୟୁଙ୍କ ଦ୍ୱାରା ପୂଜିତ ଦେବଙ୍କୁ ଗୁରୁବାୟୁର ବୋଲି କୁହାଯାଏ। ଏହା ମଧ୍ୟ କୁହାଯାଏ ଯେ, ଏକଦା ଏହି ମୂର୍ତ୍ତିକୁ ଦେବକୀ ପୂଜା କରୁଥିଲେ ଏବଂ ସେ କେରଳର ରାଜାମାନଙ୍କୁ ଏହା ହସ୍ତାନ୍ତର କରିଥିଲେ। ପୌରାଣିକ କଥା ଅନୁସାରେ, ଭଗବାନ କୃଷ୍ଣଙ୍କ ମୂର୍ତ୍ତି ଦ୍ୱାରକାରେ ସ୍ଥାପନ ହୋଇଥିଲା। ଏକଦା ପ୍ରବଳ ବନ୍ୟା କାରଣରୁ ଏହି ମୂର୍ତ୍ତିଟି ଭାସିଗଲା। ଏହି ମୂର୍ତ୍ତିଟି ଭାସୁଥିବାର ଗୁରୁ ବୃହସ୍ପତି ଦେଖିବାକୁ ପାଇଲେ। ବୃହସ୍ପତି କୃଷ୍ଣଙ୍କର ଏହି ପ୍ରତିମାକୁ ବାୟୁଦେବଙ୍କ ସାହାଯ୍ୟରେ ଉଦ୍ଧାର କଲେ। ଏହାକୁ ସ୍ଥାପନ କରିବା ପାଇଁ ପୃଥିବୀରେ ଉପଯୁକ୍ତ ସ୍ଥାନ ଖୋଜିବା ଆରମ୍ଭ କରିଥିଲେ। ଯେତେବେଳେ ବୃହସ୍ପତି କେରଳରେ ପହଞ୍ଚିଲେ ସେତେବେଳେ ସେ ପ୍ରଭୁ ଶଙ୍କର ଏବଂ ମାତା ପାର୍ବତୀଙ୍କୁ ଭେଟିଥିଲେ। ଗୁରୁ ବୃହସ୍ପତି ଭଗବାନ ଶିବଙ୍କୁ ତାଙ୍କ ଆଗମନର ଉଦ୍ଦେଶ୍ୟ କହିଥିଲେ, ଏବଂ ଶିବ ତାଙ୍କୁ ପ୍ରତିମା ସ୍ଥାପନ ପାଇଁ ଏହି ସ୍ଥାନ ସବୁଠାରୁ ଉପଯୁକ୍ତ ବୋଲି କହିଥିଲେ। ତେଣୁ ଏଠାରେ ବୃହସ୍ପତି ଏବଂ ବାୟୁଦେବ ଭଗବାନ କୃଷ୍ଣଙ୍କ ପ୍ରତିମାକୁ ଅଭିଷେକ କଲେ ଓ ଏହାକୁ ପ୍ରତିଷ୍ଠା କଲେ, ଏବଂ ଏହା ପରେ ଏହି ମନ୍ଦିରର ନାମ ହେଲା 'ଗୁରୁବାୟୁର'। ଅନ୍ୟ ଏକ କଥା ଅନୁସାରେ, କୃଷ୍ଣଙ୍କ ଏହି ପ୍ରତିମାକୁ ଭଗବାନ ବିଷ୍ଣୁ, ବ୍ରହ୍ମାଙ୍କୁ ଦେଇଥିଲେ। ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ, ଏହି ମନ୍ଦିରକୁ ସ୍ୱୟଂ ବିଶ୍ୱକର୍ମା ନିର୍ମାଣ କରିଥିଲେ।ଗୁରୁବାୟୁର ମନ୍ଦିରରେ ଆଦିଶଙ୍କରାଚାର୍ଯ୍ୟଙ୍କ ସ୍ଥିରୀକୃତ ନୀତି ଅନୁସାରେ ପୂଜା କରାଯାଏ। ମନ୍ଦିରକୁ କେବଳ ହିନ୍ଦୁମାନେ ପ୍ରବେଶ କରିପାରିବେ ଏବଂ ପ୍ରବେଶ ପାଇଁ ପୋଷାକ ମଧ୍ୟ ଧାର୍ଯ୍ୟ କରାଯାଇଛି। ପୁରୁଷମାନେ କେରଳର ପାରମ୍ପାରିକ ଧଳା ଧୋତି ଏବଂ ମହିଳାମାନେ ଶାଢ଼ି କିମ୍ବା ସାଲଓ୍ୱାର ସୁଟ୍ ପିନ୍ଧିଥିଲେ ହିଁ ମନ୍ଦିରକୁ ପ୍ରବେଶ କରିପାରିବେ। ଏଠାରେ ଶୁକ୍ଳ ପକ୍ଷ ଏକାଦଶୀର ବିଶେଷ ମହତ୍ତ୍ୱ ରହିଛି ଏବଂ ତୁଳାଭରମ୍ ନୀତି ପାଳନ କରାଯାଏ। ତୁଳାଭରମ୍ ନୀତି ଅନୁସାରେ, ଶ୍ରଦ୍ଧାଳୁ ନିଜ ସାମର୍ଥ୍ୟ ଅନୁସାରେ ଫୁଲ, ଫଳ, ଗୁଡ଼ ଆଦି ନିଜ ଓଜନ ଅନୁସାରେ ଦାନ କରିଥା'ନ୍ତି। ବିଶ୍ୱାସ କରାଯାଏ ଯେ, ସମସ୍ତ ପ୍ରକାରର ଦାନ ମଧ୍ୟରୁ ତୁଳାଭରମ୍ ଦାନ ସର୍ବୋତ୍ତମ।





## ଦାନର ମହତ୍ତ୍ୱ



ପ୍ରତ୍ୟେକ ଧର୍ମରେ ଦାନର ବିଶେଷ ମହତ୍ତ୍ୱ ରହିଛି। ଦାନ କରିବା ଦ୍ୱାରା ମୋହରୁ ମୁକ୍ତି ମିଳିବା ସହ ଜୀବନର ଅନେକ ଦୋଷ ମଧ୍ୟ ଦୂର ହୋଇଥାଏ। ଅନ୍ନଦାନ, ବସ୍ତ୍ରଦାନ, ଗୋଦାନ, ଧାତୁଦାନ, ଧନଦାନ ଆଦି କରି ମନୁଷ୍ୟ ପୁଣ୍ୟର ଅଧିକାରୀ ହୋଇଥାଏ। ସାଂସାରିକ ଆସକ୍ତି ଓ ମୋହ ମାୟାରୁ ମୁକ୍ତି ମିଳିଥାଏ। ଦାନ ହେଉଛି ଏପରି କାର୍ଯ୍ୟ, ଯାହା ମାଧ୍ୟମରେ ମନୁଷ୍ୟ କେବଳ ଧର୍ମ ଅର୍ଜନ କରେ ତା'ନୁହେଁ; ଏହାଦ୍ୱାରା ଜୀବନର ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ। ଜଣେ ଦାନକଲେ ଆତ୍ମସନ୍ତୋଷ ଲାଭ କରେ । ଏହାଦ୍ୱାରା ପ୍ରାରବ୍ଧ ପାଇଁ ସଞ୍ଚିତ ହୋଇ ରହେ ମହାପୁଣ୍ୟ । ଅନ୍ନଦାନ କରିବା ଦ୍ୱାରା ଜୀବନରେ ଖାଦ୍ୟର ଅଭାବ ରହେ ନାହିଁ। ସେହିଭଳି ଧାତୁଦାନ କରିବା ଦ୍ୱାରା ସମସ୍ତ ବାଧାବିଘ୍ନ ଦୂର ହୋଇଥାଏ। ବସ୍ତ୍ର ଦାନ ଦ୍ୱାରା ଇହଧାମରେ ମନୁଷ୍ୟକୁ ସମସ୍ତ ସୁଖ ପ୍ରାପ୍ତ ହୋଇଥାଏ। ଯେଉଁ ବ୍ୟକ୍ତି ବସ୍ତ୍ରଦାନ କରନ୍ତି ତାଙ୍କୁ ବ୍ରହ୍ମଲୋକ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ପିଲାଙ୍କ ହୋମଓ୍ୱାର୍କ ପାଇଁ, ପିତାମାତାଙ୍କୁ ହୃଦ୍‌ଘାତ !



***ବିଶେଷ କରି ମହିଳାମାନେ ଏହି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ବହୁ ସମ୍ଭାବନା ରହିଛି, କାରଣ ସେମାନେ ଘର କାମ ସହ ଅଫିସ୍ କାର୍ଯ୍ୟ ଓ ଅନ୍ୟାନ୍ୟ ଚାପ ଓ ଚିନ୍ତାରେ ରହିଥାନ୍ତି।***

ସାଧାରଣତଃ ପିଲାଙ୍କୁ ହୋମଓ୍ୱାର୍କରେ ବାପା ମା' ସାହାଯ୍ୟ କରନ୍ତି। କିନ୍ତୁ, ଚୀନରେ ପିଲାଙ୍କର ଏହି ହୋମଓ୍ୱାର୍କ ଏବେ ପିତାମାତାଙ୍କ ପାଇଁ କାଳ ସାଜିଛି। ପିଲାଙ୍କୁ ହୋମଓ୍ୱାର୍କ ତଥା ଖାସ କରି ଗଣିତ ପାଠରେ ସାହାଯ୍ୟ କରିବାକୁ ଯାଇ ପିତାମାତାମାନେ ହୃଦ୍‌ଘାତର ଶିକାର ହେଉଥିବା ଜଣାପଡ଼ିଛି। ଯାହା ସଭିଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ତେବେ ନିକଟରେ ହଙ୍ଗୌଜୋରେ ବାସ କରୁଥିବା ଡଙ୍ଗ୍ ନାମ୍ନୀ ଜଣେ ୪୦ ବର୍ଷୀୟ ମହିଳା ସନ୍ଧ୍ୟା ସମୟରେ ନିଜ ପୁଅକୁ ଗଣିତ ହୋମଓ୍ୱାର୍କ କରିବାରେ ସାହାଯ୍ୟ କରୁଥିଲେ। ପିଲାଟିକୁ ଗଣିତ ବୁଝାଇଥିଲେ, ସେ ବୁଝିବାରେ ବିଫଳ ହେବାରୁ ମହିଳା ଜଣଙ୍କ ସେହି ସମୟରେ ନିଜ ଧୈର୍ଯ୍ୟ ହରାଇ ବସିଲେ। ସେ ଅଧିକ ରାଗିଯିବାରୁ ତାଙ୍କର ମୁଣ୍ଡ ବିନ୍ଧା ଆରମ୍ଭ ହୋଇଥିଲା। ଏପରିକି ବାନ୍ତି ମଧ୍ୟ କରିଥିଲେ। ଦେହ ଅଧିକ ଖରାପ ହେବାରୁ ସେ ଡାକ୍ତରଖାନାକୁ ଯାଇଥିଲେ। ଚିକିତ୍ସା ପରେ ତାଙ୍କୁ 'ସ୍ପୋଣ୍ଟାନିଓସ୍ ସୁବାର୍କନୋଏଡ୍ ହେମୋରେଜ୍' ନାମକ ମାମୁଲି ଷ୍ଟ୍ରୋକ୍ ହୋଇଥିଲା ବୋଲି ଜଣାପଡ଼ିଥିଲା। ଅତ୍ୟଧିକ ଚାପ ଯୋଗୁଁ ଏହି ଷ୍ଟ୍ରୋକ୍ ହୋଇଥିଲା। ସେ ପୁଅକୁ ପଢ଼ାଉଥିବା ସମୟରେ ଅତ୍ୟଧିକ ରାଗି ଯାଇଥିଲେ। ତେଣୁ ଏହି ସମସ୍ୟା ଦେଖାଯାଇଥିଲା। ବର୍ତ୍ତମାନ ସମୟରେ ଏହି ପରିସ୍ଥିତି ଚୀନରେ ଚିନ୍ତାଜନକ ହୋଇପଡ଼ିଛି। ତେବେ ଚୀନରେ ଏହି ଘଟଣା ପ୍ରଥମ ନୁହେଁ , ପୂର୍ବରୁ ଅର୍ଥାତ୍ ୨୦୧୯ ମସିହାରେ ଜଣେ ୩୬ ବର୍ଷୀୟ ମହିଳା, ଗତ ବର୍ଷ ଜଣେ ୪୫ ବର୍ଷୀୟ ମହିଳା ପିଲାଙ୍କୁ ହୋମଓ୍ୱାର୍କ କରୁଥିବା ସମୟରେ ଏହି ଷ୍ଟ୍ରୋକର ଶିକାର ହୋଇଥିଲେ। ସେହିପରି ଗତ ଜାନୁଆରୀ ମାସରେ ମଧ୍ୟ ଚୀନର ଜିୟାଙ୍ଗସୁ ଅଞ୍ଚଳର ଜଣେ ୩୭ ବର୍ଷୀୟ ମହିଳା ନିଜ ପୁଅକୁ ଗଣିତ ପଢ଼ାଉଥିବା ସମୟରେ ଏହି ଷ୍ଟ୍ରୋକର ସମ୍ମୁଖୀନ ହୋଇଥିଲେ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁଯାୟୀ ବିଶେଷ କରି ମହିଳାମାନେ ଏହି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ବହୁ ସମ୍ଭାବନା ରହିଛି, କାରଣ ସେମାନେ ଘର କାମ ସହ ଅଫିସ୍ କାର୍ଯ୍ୟ ଓ ଅନ୍ୟାନ୍ୟ ଚାପ ଓ ଚିନ୍ତାରେ ରହିଥାନ୍ତି। ତେଣୁ ଚାପ ତାଲିକାରେ ପିଲାଙ୍କ ହୋମଓ୍ୱାର୍କ ମଧ୍ୟ ଯୋଡ଼ି ହୋଇଛି।



## ତ୍ରିନେତ୍ର ଗଣେଶ ମନ୍ଦିର



***ଭଗବାନ ଗଣେଶଙ୍କ ତୃତୀୟ ନେତ୍ରକୁ ଜ୍ଞାନର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ମନ୍ଦିରଟି ୧୪୭୯ ଫୁଟ ଉଚ୍ଚରେ ଆରାବଳୀ ଏବଂ ବିନ୍ଧ୍ୟାଚଳ ପର୍ବତରେ ଅବସ୍ଥିତ।***

ଭଗବାନ ଶ୍ରୀଗଣେଶ। ଭକ୍ତଙ୍କ ବିଘ୍ନ ଦୂର କରନ୍ତି ବୋଲି ସେ ବିଘ୍ନହର୍ତ୍ତା। ତେବେ ସାରାଦେଶରେ ବିଭିନ୍ନ ସ୍ଥାନରେ ଭଗବାନ ଗଣେଶଙ୍କ ମନ୍ଦିର ଦେଖିବାକୁ ମିଳେ। ପ୍ରତି ମନ୍ଦିରର କିଛି ନା କିଛି ଭିନ୍ନ କାହାଣୀ ଓ ବିଶେଷତ୍ୱ ରହିଛି। ସମସ୍ତ ମନ୍ଦିରଠୁ ସମ୍ପୂର୍ଣ୍ଣ ଭିନ୍ନ ହେଉଛି, ରାଜସ୍ଥାନସ୍ଥିତ ତ୍ରିନେତ୍ର ଗଣେଶ ମନ୍ଦିର। ଏହି ମନ୍ଦିର ସାଓ୍ୱାଇ ମାଧପୁରରୁ ୧୨ କି.ମି ଦୂରରେ ରହିଛି। ମନ୍ଦିରର ବିଶେଷତ୍ୱ ହେଉଛି ଯେ , ଦେଶ ବ୍ୟାପି ଶ୍ରଦ୍ଧାଳୁ ଏଠାକୁ ଚିଠି ଓ ନିମନ୍ତ୍ରଣ ପତ୍ର ପଠାଇଥାନ୍ତି। ପ୍ରତିଦିନ ଡାକ ଜରିଆରେ ଶହ ଶହ ଚିଠି ଏଠାକୁ ଆସେ। ସମସ୍ତ ଚିଠିରେ ତ୍ରିନେତ୍ର ଗଣେଶଙ୍କ ଠିକଣା ଲେଖା ହୋଇଥାଏ। ହିନ୍ଦୀ ଓ ଇଂରାଜୀର ପତ୍ରଗୁଡ଼ିକ ମନ୍ଦିରର ପୁଜାରୀ ଭଗବାନଙ୍କ ସାମ୍ନାରେ ପଢ଼ିଥା'ନ୍ତି। ଅନ୍ୟ କୌଣସି ଭାଷାରେ ହେଲେ ପୂଜାରୀ କେବଳ ଭଗବାନଙ୍କ ସମ୍ମୁଖରେ ଏହାକୁ ରଖିଦିଅନ୍ତି। ଭଗବାନ ତ୍ରିନେତ୍ର ଗଣେଶଙ୍କୁ ବାହାଘର ନିମନ୍ତ୍ରଣ ପତ୍ର ପଠାଇଲେ ସମସ୍ତ କାର୍ଯ୍ୟ ବିଘ୍ନ ବିନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଏଠାକାର ଆଖପାଖ ଅଞ୍ଚଳରେ କାହାରି ବାହାଘର ହେଲେ ପ୍ରଥମ ନିମନ୍ତ୍ରଣ ପତ୍ର ଭଗବାନ ତ୍ରିନେତ୍ର ଗଣେଶଙ୍କ ନିକଟକୁ ଆସିଥାଏ। ସମଗ୍ର ବିଶ୍ୱରେ ଏହା ହେଉଛି ଏକମାତ୍ର ଗଣେଶ ମନ୍ଦିର, ଯେଉଁଠି ଶ୍ରୀଗଣେଶଙ୍କ ତିନୋଟି ନେତ୍ର ଅଛି। ଏଠାରେ ଭଗବାନ ଗଣେଶ ପୂରା ପରିବାର ଅର୍ଥାତ୍ ଦୁଇ ପତ୍ନୀ ରିଦ୍ଧି ଓ ସିଦ୍ଧି ଏବଂ ଦୁଇ ପୁତ୍ର ଶୁଭ ଓ ଲାଭଙ୍କ ସହ ବିରାଜମାନ କରିଛନ୍ତି। ଭଗବାନ ଗଣେଶଙ୍କ ବାହନ ମୂଷିକ ମଧ୍ୟ ଏଠାରେ ବିରାଜମାନ କରିଛନ୍ତି। ଗଣେଶ ଚତୁର୍ଥୀ ଦିନ ଏଠାରେ ବିଶେଷ ପୂଜାର ଆୟୋଜନ କରାଯାଇଥାଏ। ଭଗବାନ ଗଣେଶଙ୍କ ତୃତୀୟ ନେତ୍ରକୁ ଜ୍ଞାନର ପ୍ରତୀକ ଭାବରେ ବିବେଚନା କରାଯାଏ। ଏହି ମନ୍ଦିରଟି ୧୪୭୯ ଫୁଟ ଉଚ୍ଚରେ ଆରାବଳୀ ଏବଂ ବିନ୍ଧ୍ୟାଚଳ ପର୍ବତରେ ଅବସ୍ଥିତ। ତ୍ରିଲୋଚନ ଗଣେଶଙ୍କୁ ଦର୍ଶନ କରିବାକୁ ହେଲେ, ଅନେକ ଶିଢ଼ି ଚଢ଼ିବାକୁ ପଡ଼ିଥାଏ।

## ଅବସାଦ କମାଏ ଦିନକୁ ଦୁଇ ଘଣ୍ଟାର ଫୋନ୍ ବ୍ୟବହାର

***ଆଦୌ ଫୋନ୍ ବ୍ୟବହାର କରୁ ନଥିବା ପିଲାଙ୍କ ତୁଳନାରେ ଦିନକୁ ଦୁଇ ଘଣ୍ଟାରୁ କମ୍ ସମୟ ବ୍ୟବହାର କରୁଥିବା କିଶୋରଙ୍କଠାରେ ଅବସାଦ, ନିଦ୍ରାହୀନତା, ଚିନ୍ତା, ଆତ୍ମହତ୍ୟା ପ୍ରବଣତା ଏବଂ ନିଶାଭ୍ୟାସ ପ୍ରବୃତ୍ତି ଆଶଙ୍କା କମ୍ ଥାଏ।***

ଅତ୍ୟଧିକ ମୋବାଇଲ ବ୍ୟବହାର ଯୋଗୁଁ ଏବେ ଲୋକଙ୍କଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ଏହି ସମସ୍ୟା କିଶୋରକିଶୋରୀଙ୍କଠାରେ ଅଧିକ ଦେଖିବାକୁ ମିଳିଥାଏ। ସେଥିପାଇଁ ଯଥାସମ୍ଭବ ମୋବାଇଲ କମ୍ ବ୍ୟବହାର କରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଉଛି। ଗୋଟିଏ ପଟେ ଅଧିକ ଫୋନ ବ୍ୟବହାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଥିବା ବେଳେ ଅନ୍ୟପଟେ ଏହାର କମ୍ ବ୍ୟବହାର ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବା ଦିଗରେ ଫଳପ୍ରଦ ବୋଲି କୁହାଯାଇଛି। ଦିନକୁ ଘଣ୍ଟାଏରୁ ଦୁଇ ଘଣ୍ଟା ଫୋନ୍ ବ୍ୟବହାର କରୁଥିବା କିଶୋରକିଶୋରୀଙ୍କଠାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଆଶଙ୍କା ହ୍ରାସ ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। କୋରିଆର ହନ୍‌ୟାଙ୍ଗ ବିଶ୍ୱବିଦ୍ୟାଳୟର ଗବେଷକମାନେ ୧୩ରୁ ୧୮ ବର୍ଷ ବୟସ୍କ ପିଲାଙ୍କ ଉପରେ ଗବେଷଣା କରି ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ତେବେ ଆଦୌ ଫୋନ୍ ବ୍ୟବହାର କରୁ ନଥିବା ପିଲାଙ୍କ ତୁଳନାରେ ଦିନକୁ ଦୁଇ ଘଣ୍ଟାରୁ କମ୍ ସମୟ ବ୍ୟବହାର କରୁଥିବା କିଶୋରଙ୍କଠାରେ ଅବସାଦ, ନିଦ୍ରାହୀନତା, ଚିନ୍ତା, ଆତ୍ମହତ୍ୟା ପ୍ରବଣତା ଏବଂ ନିଶାଭ୍ୟାସ ପ୍ରବୃତ୍ତି ଆଶଙ୍କା କମ୍ ଥାଏ। ଅବଶ୍ୟ ଚାରି ଘଣ୍ଟାରୁ ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଦ୍ୱାରା ଏହିସବୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ୨୨ ପ୍ରତିଶତକୁ ବୃଦ୍ଧି ପାଇଥାଏ। କିଶୋରକିଶୋରୀଙ୍କ ଫୋନ୍ ବ୍ୟବହାର ସେମାନଙ୍କୁ ଏକାକୀତ୍ୱଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ ବୋଲି ଗବେଷକମାନେ କହିଛନ୍ତି। ତେବେ ଗବେଷକମାନେ ୨୦୧୭ ଏବଂ ୨୦୨୦ରେ କୋରିଆର ୫୦ ହଜାର କିଶୋରଙ୍କ ଡାଟାକୁ ବିଶ୍ଳେଷଣ କରି ଏଭଳି ଏକ ନିଷ୍କର୍ଷରେ ପହଞ୍ଚିଛନ୍ତି।



# କେନାଲ ଖୋଲା: ବିପଦ ସଂକୁଳରେ ବିଦ୍ୟୁତ୍ ଖୁଣ୍ଟ

## ■ ପରିଦର୍ଶନ କଲେ ବିଭାଗୀୟ ଅଧିକାରୀ ■ ପରିବର୍ତ୍ତନ ହେଲା ପ୍ଲାନ

ନିରାକାରପୁର(ନିପ୍ର): କୃଷି ଓ କୃଷକର ଉନ୍ନତି ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ରାମେଶ୍ୱରଠାରେ ମଲାଗୁଣୀ ନଦୀରେ ଏକ ଡ୍ୟାମ ନିର୍ମାଣ କରି ରାମେଶ୍ୱର, ନିରାକାରପୁର ଓ ଡିଆ, ନୂଆଗଡ ପଞ୍ଚାୟତ ସମେତ କଣାସ ବ୍ଲକ ଅନ୍ତର୍ଗତ କିଛି ଗ୍ରାମର ଚାଷୀ ଏଥିରେ ଉପକୃତ ହେବା ପାଇଁ କେନାଲ ମାଧ୍ୟମରେ ଜଳ ଯୋଗାଣ କରାଯାଉଛି । ଏବେ କେନାଲ ଖୋଲା ଯାଇ ସିମେଣ୍ଟ ଢ଼ଲାଇ ପକାଯାଉଛି । ଏଥିପାଇଁ କେନାଲ ରାସ୍ତା ଖରାପ ହୋଇଥିବା ସହ କେନାଲ ମରାମତି କାର୍ଯ୍ୟ ପାଇଁ ଠିକାଦାର ଜେସିବିରେ କେନାଲ କଡ଼କୁ ଅଧିକ ଖୋଳି ଦେବାରୁ ନିକଟରେ ପୋତା ହୋଇଯାଇଥିବା ବିଦ୍ୟୁତ୍ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି । ଫଳରେ ଏହି



ଜାଗାକୁ ଯାତାୟାତରେ ବ୍ୟାହତ ସୃଷ୍ଟି ହେବା ସହ ଅଧିକ ବର୍ଷା ପବନ ହେଲେ ବିଦ୍ୟୁତ୍ ଖୁଣ୍ଟ ପଡ଼ି ଯିବାର ବିପଦ ସୃଷ୍ଟି କରୁଛି । କେନାଲ ରାସ୍ତାରେ ଗାଡି ମଟର ଚଳାଚଳ ସହିତ ବିଦ୍ୟୁତ ଖୁଣ୍ଟ ସଠିକ୍ ଭାବେ ରହିବ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏଥିନେଇ ଅଭିଯୋଗ ହେବା ପରେ ଶୁକ୍ରବାର ଦ୍ୱିତୀୟ ବାର ବିଭାଗୀୟ ଅଧିକାରୀ ମାନେ ଆସିଥିବାବେଳ ଗ୍ରାମବାସୀଙ୍କ ସହିତ ସମସ୍ୟା ସମାଧାନ ବିଷୟରେ ଆଲୋଚନା କରିଥିଲେ । ଜଗନ୍ନାଥ ସଡ଼କ ଆଗକୁ କିଛି ଅଂଶ ସ୍ଲୋପିଂ ପ୍ଲାନରେ ହେବାର ଥିବାବେଳେ ଏହାକୁ ପରିବର୍ତ୍ତନ କରି ଭିର୍ଟିକାଲ ପ୍ଲାନରେ କାର୍ଯ୍ୟ କରିବାକୁ ଅଧିକାରୀ ମାନେ ଠିକାଦାରଙ୍କୁ ପରାମର୍ଶ ଦେଇଛନ୍ତି । ଘଟଣାସ୍ଥଳରେ କ୍ଷୁଦ୍ର ଜଳସେଚନ ବିଭାଗ ଏସି ପ୍ରଭାସ କୁମାର ଧଳ, ସହକାରୀ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ସେଠୀ ଓ ଯନ୍ତ୍ରୀ ସନ୍ତୋଷ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

### ସରକାରଙ୍କ ଅଜବ ନିୟମ

## କୋମଳମତି ଅଙ୍ଗନବାଡି ପିଲାଙ୍କ ଛୁଟି ନାହିଁ

ବାଲିଚନ୍ଦ୍ରପୁର(ନିପ୍ର): ଗତ କିଛିଦିନ ହେବ ରାଜ୍ୟବାସୀଙ୍କୁ କଲବଲ କରୁଥିବା ଗ୍ରୀଷ୍ମପ୍ରବାହ ଅସମ୍ଭାଳ ହେଉଛି । ସ୍ଥିତି ଯାହାଥିଲା ତାହାଠୁ ଆହୁରି ଆହୁରି ବିଗିଡିବ ବୋଲି ଜଣାପଡିଛି । ଟାଣ ଖରା ସହ ଝାଞ୍ଜିମାଡରେ ଶରୀର ଝାଇଁଝାଇଁ ହୋଇଯାଉଛି । ଶୁକ୍ରବାରଠାରୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଶୁଷ୍କ ଓ ଗରମ ପବନ ପ୍ରବେଶ କରିବା ଫଳରେ ରାଜ୍ୟର ଏକାଧିକ ସ୍ଥାନରେ ଦୃଷ୍ଟାନ୍ତମୂଳକ ଭାବେ ତାପମାତ୍ରା ବୃଦ୍ଧି ପାଇଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଭୀଷଣ ଗ୍ରୀଷ୍ମ ଲହରୀ ଚେତାବନୀ ଜାରି କରାଯାଇଛି । ଶନିବାର ଓ ରବିବାର ସ୍ଥିତି ଅତି ସମ୍ବେଦନଶୀଳ ହେବା ନେଇ ଆଶଙ୍କା ଥିବାରୁ ଏହି ଦୁଇଦିନ ବିଭିନ୍ନ ଜିଲ୍ଲା ପାଇଁ ରେଡ ଆଲର୍ଟ ଜାରି ହୋଇଛି । ରାଜ୍ୟ ସରକାର ସମସ୍ତ ସରକାରୀ ବେସରକାରୀ ସ୍କୁଲ ବନ୍ଦ ଘୋଷଣା କରିଛନ୍ତି । ତେବେ ଏଥିରୁ ଅଙ୍ଗନବାଡି କେନ୍ଦ୍ରଗୁଡିକ ବାଦ୍ ପଡିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କୋମଳମତୀ କୁନି ଶିଶୁମାନେ ଅସହ୍ୟ ଗରମରେ ଘରୁ କେନ୍ଦ୍ରକୁ ଯାତାୟାତ କରି ପ୍ରଚଣ୍ଡ ରୌଦ୍ରତାପରେ ସନ୍ତୁଳିତ ହେଉଛନ୍ତି । ଏଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି ।

## ବିଜୁ ଜନତା ଦଳ ଖଜୁରୀପଡ଼ା ବ୍ଲକ ପକ୍ଷରୁ ନିର୍ବାଚନୀ ପ୍ରସ୍ତୁତି

ଫୁଲବାଣୀ(ନିପ୍ର): ଚଳିତ ସାଧାରଣ ନିର୍ବାଚନ ଭୋଟ ଗ୍ରହଣ ମେ ମାସ ୨୦ ତାରିଖରେ ରହିଥିବା ବେଳେ ତାକୁ ଆଖି ଆଗରେ ରଖି ଫୁଲବାଣୀ ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥୀ ଜୟଶ୍ରୀ କହଁର ଓ କନ୍ଧମାଳ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ଜିତାଇବା ପାଇଁ ଖଜୁରୀପଡ଼ା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବ୍ଲକର ପୁରୁଣାପାଣି ଡେମ ଠାରେ ଦଳର ମୂଖ୍ୟ କର୍ମକର୍ତ୍ତାମାନଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ପଙ୍କଜ କୁମାର ମଲିକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଦଳର ଫୁଲବାଣୀ ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ କିଶୋର ଛୋଟରାୟ, ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସାଧାରଣ ସଂପାଦକ ପୁନମ୍ କହଁର,ବରିଷ୍ଠ ରାଜନୈତିଜ୍ଞ ଚାଣକ୍ୟ କମଳାକାନ୍ତ ପାଣ୍ଡେ, ପୂର୍ବତନ ବିଧାୟକ ଦୁଗୁନି କହଁର ପ୍ରମୁଖ ଯୋଗ ଦେଇଥିବା ବେଳେ ବ୍ଲକର ୧୪ ପଞ୍ଚାୟତର ବିଜୁ ଜନତା ଦଳର ପ୍ରମୁଖ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

---

## ଜଗନ୍ନାଥଙ୍କ ପ୍ରାର୍ଥିପତ୍ର ଖାରଜ କରିବାକୁ ଦାବି

ରାୟଗଡା(ନିପ୍ର): ଆଇନ ମନ୍ତ୍ରୀ ତଥା ଚଳିତ ୨୦୨୪ ନିର୍ବାଚନର ରାୟଗଡ଼ା ଜିଲ୍ଲାର ବିଷମକଟକ ବିଧାନସଭା ନିର୍ବାଚନୀ ମଣ୍ଡଳୀ ୧୩୯ ନମ୍ବର ଆସନର ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କ ନାମାଙ୍କନ ପତ୍ରରେ ତ୍ରୁଟି ଥିବା ନେଇ ସୂଚନା ମିଳିଛି । ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ ନାମାଙ୍କନ ପତ୍ରରେ ୫ ବର୍ଷର ଆୟକର ରିଟର୍ଣ୍ଣର ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ବେଳେ ସେ କେବଳ ୨୦୨୩-୨୪ ବର୍ଷର ହିଁ ସୂଚନା ଦେଇଛନ୍ତି ଓ ଅନ୍ୟ କୌଣସି ଆର୍ଥିକ ବର୍ଷର ସୂଚନା ନଥିବା ଯୋଗୁଁ ପ୍ରାର୍ଥୀପତ୍ର ନାକଚ କରିବାକୁ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଦାବି କରିଛନ୍ତି । ଏ ନେଇ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହୁଇକା କହିଛନ୍ତି ଯେ ଆମେ ରିଟର୍ଣ୍ଣିଂ ଅଫିସରଙ୍କୁ ଅଭିଯୋଗ କଲା ପରେ ମଧ୍ୟ ସେ କୌଣସି ଅଭିଯୋଗ ଗ୍ରହଣ କରିନାହାନ୍ତି । ତାଙ୍କର ପ୍ରାର୍ଥୀ ପତ୍ର ଗ୍ରହଣ କରିଥିବା ଯୋଗୁଁ ଆମେ ଲିଖିତ ଭାବେ ମଧ୍ୟ ପ୍ରଦାନ କରିଛୁ ଯେ ଉକ୍ତ ବିଷୟ ବସ୍ତୁର ସାର୍ଟିଫାଏଡ୍ କପି ପାଇଁ ଆବେଦନ କରିଛୁ । ଯଦି ଏ ନେଇ କୌଣସି ନିଷ୍ପତ୍ତି ନ ନିଅନ୍ତି ତାହାଲେ ଏହି ବିଷୟକୁ ଆମେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଦୃଷ୍ଟିଗୋଚର କରିବୁ ବୋଲି ପ୍ରତିକ୍ରିୟା ରଖିଛନ୍ତି ବିଷମକଟକ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହୁଇକା ।

---

## ବିଜେପି ମିଶିଲେ ପୂର୍ବତନ ଏନଏସି ଉପାଧ୍ୟକ୍ଷ



ରଣପୁର(ନିପ୍ର): ଶୁକ୍ରବାର ମଧ୍ୟାହ୍ନ ୧୨ଘଣ୍ଟିକା ସମୟରେ ରଣପୁର ଏନଏସି ଅନ୍ତର୍ଗତ ଦୁଇ ନମ୍ବର ୱାର୍ଡ ସ୍ଥିତ ମା ନାରାୟଣୀଙ୍କ ପଡିଆଠାରେ ଭାରତୀୟ ଜନତା ପାର୍ଟି ତରଫରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରଣପୁର ଏନଏସିର ଟାଣୁଆ ନେତା ତଥା ବିଜୁ ଜନତା ଦଳର ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ ତାଙ୍କ ଶତାଧିକ ସମର୍ଥକଙ୍କ ସହିତ ବିଜେପିରେ ସାମିଲ ହୋଇଛନ୍ତି । ଯାହାକୁ ନେଇ ରଣପୁର ଏନଏସିରେ ବିଜେପି ତାହାର ଶକ୍ତି ବୃଦ୍ଧି କରିଥିବା ଜଣାପଡିଛି । ଏହି ମିଶ୍ରଣ ପର୍ବ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରଣପୁର ବିଜେପିର ବିଧାୟିକା ପ୍ରାର୍ଥିନୀ ସୁରମା ପାଢ଼ୀ, ସାଂସଦ ପ୍ରାର୍ଥୀ ଡ଼ଃ ସମ୍ବିତ ପାତ୍ର ସହିତ ରଣପୁର ଏନଏସି ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରିୟବ୍ରତ ପ୍ରହରାଜ ରଣପୁର ଅଞ୍ଚଳର ଜଣେ ଟାଣୁଆ ନେତା ଭାବେ ବେଶ ପରିଚିତ ଲାଭ କରିଥିବା ବେଳେ ରଣପୁର ଏନଏସି ଗଠନ ପୂର୍ବରୁ ସେ ରଣପୁର ପଞ୍ଚାୟତ ସହିତ ରଣପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁବାର ସମିତି ସଭ୍ୟ ଜିତିଛନ୍ତି । ସେ ବିଜୁ ଜନତା ଦଳ ତରଫରୁ ରଣପୁର ଏନଏସିର ଉପାଧ୍ୟକ୍ଷ ରହିଥିଲେ ।

---

## ରାୟଗଡ଼ାରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

ରାୟଗଡା(ନିପ୍ର): ନବ ଉତ୍କଳର ନିର୍ମାତା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ୧୩୨ତମ ଜନ୍ମ ଜୟନ୍ତି ରାୟଗଡାଠାରେ ପାଳନ କରଯାଇଛି । ଏହି ଅବସରରେ ରାୟଗଡା ସହରର ଗଜପତି ଜଙ୍କସନଠାରେ କୃଷ୍ଣ ଚନ୍ଦ୍ର ଗଜପତି କଳା ଓ ସାଂସ୍କୃତିକ ପରିଷଦ ତରଫରୁ ଜୟନ୍ତି ପାଳନ ନେଇ ସମସ୍ତ ପ୍ରକାର ଆୟୋଜନ କରାଯାଇଥିଲା । ରାୟଗଡା ଲାୟନ୍ସ କ୍ଲବ, ୱାକରସ କ୍ଲବ, ବରିଷ୍ଠ ନାଗରିକ ସଂଘ ତରଫରୁ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ସଦସ୍ୟମାନେ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ମହାରାଜାଙ୍କ କୀର୍ତ୍ତି ଆଗାମୀ ପିଢ଼ି ପାଇଁ ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ସଦସ୍ୟମାନେ ମତ ପୋଷଣ କରିଥିଲେ ।

## ନିର୍ବାଚନ ପାଇଁ ୧୪ଶହ ୯୭ଟି ଗାଡି ରିକ୍ୟୁଜିସନ

କଟକ(ନିପ୍ର): ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ସୁଦ୍ଧା ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ୧୪ ଶହ ୯୭ଟି ବିଭିନ୍ନ ଧରଣର ଯାନବାହାନ ରିକ୍ୟୁଜିସନ କରାଯାଇ ସାରିଲାଣି । ତେବେ ନିର୍ବାଚନ ପାଇଁ ୧୯୩୩ଟି ଗାଡି ପ୍ରୟୋଜନ ରହିଥିବାରୁ ଆସନ୍ତା ସପ୍ତାହ ମଧ୍ୟରେ ଏହି ପରିମାଣର ଗାଡି ରିକ୍ୟୁଜିସନ କରାଯିବ ବୋଲି ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆଙ୍କ ପରାମର୍ଶ କ୍ରମେ ଗତ ୨ ସପ୍ତାହ ପୂର୍ବରୁ ଏହି ରିକ୍ୟୁଜିସନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏଥିପାଇଁ ପରିବହନ ବିଭାଗ ପକ୍ଷରୁ ୫ଟି ଟିମ୍ ଗଠନ କରାଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହିତ ଏମଭିଆଇ ବିଶ୍ୱଜିତ ଦାଶ, ଟ୍ରାଫିକ ଇନ୍ସପେକ୍ଟର ରଂଜନ କୁମାର ଦୋରା ଏନଫୋର୍ସମେଣ୍ଟ ଅଧିକାରୀମାନେ ସାମିଲ ରହି ବିଭିନ୍ନ ସ୍ଥାନରୁ ଗାଡିଗୁଡିକ ରିକ୍ୟୁଜିସନ କରୁଛନ୍ତି । ପ୍ରୟୋଜନ ଥିବା ଗାଡିଗୁଡିକ ମଧ୍ୟରୁ କେବଳ ପୁଲିସ ବାହିନୀ ପାଇଁ ବିଭିନ୍ନ ଧରଣର ୭୫୦ଟି ଗାଡିର ପ୍ରୟୋଜନ ରହିଛି। ରିକ୍ୟୁଜିସନ କରାଯାଇଥିବା ଗାଡିଗୁଡିକ ମଧ୍ୟରେ ବସ୍, ଟ୍ରକ, ମିନି ବସ୍ ଓ ଟ୍ରକ, କାର ପ୍ରଭୃତି ଅନ୍ତର୍ଭୁକ୍ତ ବୋଲି ଜଣାଯାଇଛି ।

## ମଞ୍ଜୁଳା ସ୍ୱାଇଁଙ୍କ ଜୋର୍‌ଦାର ପ୍ରଚାର



ଆସିକା(ନିପ୍ର): ଆସିକା ବିଧାନସଭା କ୍ଷେତ୍ର ପାଇଁ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀନୀ ମଞ୍ଜୁଳା ସ୍ୱାଇଁ ସାଧାରଣ ନିର୍ବାଚନୀ ପ୍ରଚାର ପାଇଁ ଆସିକା ବ୍ଲକ ମୁନିଗାଡ଼ି ଗ୍ରାମ ପଞ୍ଚାୟତର ମାଳତୀ ପୀଠରେ ପୂଜାର୍ଚ୍ଚନା କରିଥିଲେ । ସେଠାରୁ ମାଳତୀ, କେଶରାପଲ୍ଲୀ, ସିଙ୍ଗିପୁର,ବନ୍ଧପଲ୍ଲୀ ଦେଇ ପରିଶେଷରେ ମୁନିଗାଡ଼ି ଠାରେ ପହଞ୍ଚି ଗ୍ରାମ ପଞ୍ଚାୟତରେ ଆୟୋଜିତ ନିର୍ବାଚନୀ ପ୍ରଚାର ସଭାରେ ଯୋଗ ଦେଇଥିଲେ । ଗ୍ରାମର ଘରକୁ ଘର ବୁଲି ସମସ୍ତ ପରିବାରଙ୍କୁ ବିନମ୍ରତାର ସହିତ ଭୋଟ ଭିକ୍ଷା କରିବା ସଙ୍ଗେ ସଙ୍ଗେ ଆସନ୍ତା ସାଧାରଣ ନିର୍ବାଚନରେ ଉଭୟ ଆସିକା ଲୋକସଭା ବିଜେଡି ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଏବଂ ଆସିକା ବିଧାନସଭା କ୍ଷେତ୍ରର ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଅନୁରୋଧ କରିଥିଲେ । ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ରାଜେଶ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ହରେକୃଷ୍ଣ ମଳିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ



କଟକ(ନିପ୍ର): ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ନିର୍ମଳ ଭାବମୂର୍ତ୍ତି ଏବଂ ଚୌଦ୍ୱାର କଟକର ଦକ୍ଷ ସଂଗଠକ ତଥା ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଡାକରାରେ ଶୁକ୍ରବାର କଟକ ମହାନଗର ନିଗମ ଅନ୍ତର୍ଗତ ୪୦ନଂ ୱାର୍ଡର ଶତାଧିକ ସଂଖ୍ୟାଲଘୁ କଂଗ୍ରେସ କର୍ମୀ ବିଧାୟକ ସୌଭିକ ବିଶ୍ୱାଳଙ୍କ ମହାନଦୀବିହାର ସ୍ଥିତ ବାସଭବନରେ ପହଞ୍ଚି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଆଶିଫ ଅହମ୍ମଦ ଖାନ ଓ ଅବଦୁଲ କରିମଙ୍କ ନେତୃତ୍ୱରେ ଆୟୋଜିତ ମିଶ୍ରଣ ପର୍ବରେ ୱାର୍ଡର ପର୍ଯ୍ୟବେକ୍ଷକ ରାଜେନ୍ଦ୍ର ରଣା, ସ୍ଥାନୀୟ କର୍ପୋରେଟର ଝିଲ୍ଲୀ ବିହାରୀ, ପୂର୍ବତନ କର୍ପୋରେଟର ଜୟଦେବ ଜେନା ଓ ନଗର କମିଟି ବିଜେଡି ସମ୍ପାଦକ ଅବଦୁଲ ୱାଇଫ ଖାନ, ଇସୁଫ ଖାନ, ଅନୱାରୀ ବେଗମ, ନୁରୁ ଅହମଦ ଖାନ, ହାଜି ଲୋକମାନ, ଲତିଫ ଖାନ, ଆରିଫ ଖାନ, ଜାଭେଦ ଅହମଦ ଖାନ, ଅକିଲ ଖାନ, ସେପୁଲ ରେହମାନ, ଅକ୍ତର୍ ଅହମଦ ଖାନ, ରିୟାଜ ଅହମଦ ଖାନ, ଯାକୁବ ଖାନ, ଏମ ଡି ରିୟାଜ, ତଉଫିକ ବକ୍ସ, ସୋହେଲ୍ ଖାନ, ଆମଜାଦ ଖାନ, ଅଲେନ ଖାନ, ଇଫତାର ଖାନ, ଅଲି ବକ୍ସ ଓ ସମିର ବକ୍ସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

## ଏଲପିଜି ସିଲିଣ୍ଡରରେ ଭୋଟର ସଚେତନତା ବାର୍ତ୍ତା

କଟକ(ନିପ୍ର): ଚଳିତ ସାଧାରଣ ନିର୍ବାଚନରେ ଶତ ପ୍ରତିଶତ ଭୋଟଦାନ ଲକ୍ଷ୍ୟରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାରର ସଚେତନତାମୂଳକ ପଦକ୍ଷେପ ହାତକୁ ନିଆଯାଉଛି । ଏହି କ୍ରମରେ ମତଦାନ ବୃଦ୍ଧି ନିମନ୍ତେ ଭାରତୀୟ ନିର୍ବାଚନ ଆୟୋଗ ଏବଂ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲ୍ଲା ପ୍ରଶାସନ ପ୍ରୟାସରେ ଅଭିନବ ଶୈଳୀରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଏଲପିଜି ସିଲିଣ୍ଡରଗୁଡିକରେ ମତାଧିକାର ସାବ୍ୟସ୍ତ କରିବାର ବାର୍ତ୍ତା ପ୍ରଚାର କରାଯାଉଛି । ଜିଲ୍ଲାର ସମସ୍ତ ଯୋଗ୍ୟ ଭୋଟର ଆଗେଇ ଆସି ନିଜର ମତ ସାବ୍ୟସ୍ତ କରି ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ମଜବୁତ୍ କରିବା ସହିତ ମତଦାନ କରିବାର ଅତୁଳନୀୟ ଅନୁଭୂତି ସାଉଁଟିବାକୁ ଏହି ବାର୍ତ୍ତାରେ କୁହାଯାଇଛି । କଟକ ଜିଲ୍ଲାର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ବଡମ୍ବା, ବାଙ୍କୀ ଏବଂ ଆଠଗଡ ବିଧାନସଭା ଆସନ ନିମନ୍ତେ ଆସନ୍ତା ମଇ ୨୫ ତାରିଖରେ ମତଦାନ ପାଇଁ ନିର୍ବାଚନ ତାରିଖ ଚୂଡାନ୍ତ ହୋଇଛି । ଏହି ଏଲପିଜି ସିଲିଣ୍ଡରଗୁଡିକରେ ଭୋଟଦାନ ତାରିଖ ମଇ ୨୫ ତାରିଖକୁ ମନେ ରଖିବା ନିମନ୍ତେ ବାର୍ତ୍ତା ମଧ୍ୟ ଉଲ୍ଲେଖ ରହିଛି । କଟକ ସହରରେ ଅଧିକରୁ ଅଧିକ ସଂଖ୍ୟାରେ ଭୋଟର ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା କାର୍: ଜଣେ ଗୁରୁତର

ହିଞ୍ଜିଳିକାଟୁ, (ନିପ୍ର): ଶୁକ୍ରବାର ଅପରାହ୍ନରେ ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ଏକ କାର ଦୁର୍ଘଟଣା ହୋଇଛି । ଦୁର୍ଘଟଣାରେ ଜଣେ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ କାର ଚାଳକ ଓ ଅନ୍ୟ ଜଣେ ଯାତ୍ରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି । ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ ବ୍ରହ୍ମପୁର ଠାରୁ ଧରାକୋଟ ଅଭିମୁଖେ ଯାଉଥିବା ଏକ କାର (ଓଡି୦୫କେ ୮୮୬୮) ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ଭାରସାମ୍ୟ ହରାଇ ୫୯ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା । ଦୂର୍ଘଟଣାରେ ଜଣେ ଗୁରୁତର ଆହତ ହୋଇଥିବା ବେଳେ କାରର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇପଡିଛି । ଆହତ ଜଣଙ୍କ ହେଲେ ଭଞ୍ଜନଗର ଥାନା ଡିହପଡାଳ ଗ୍ରାମର ଅଜିତ ବେହେରା (୩୬) । ଖବର ପାଇ ହିଞ୍ଜିଳି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଅନ୍ୟ ୨ ଜଣ ଫେରାର ହୋଇଯାଇଥିବା ଜଣାପଡିଛି । ଫେରାର ଦ୍ୱୟ ନିହାର ରଞ୍ଜନ ମହାନ୍ତି ଓ ଅନିଲ ପ୍ରଧାନ ବୋଲି ଆହତ ଜଣଙ୍କ କହିଛନ୍ତି । ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି ।




## ପୋଷ୍ଟାଲ ବାଲାଟ ମତଦାନ ଉପରେ ଦିନିକିଆ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା,(ନିପ୍ର): ନିର୍ବାଚନ ସମୟରେ ପୋଷ୍ଟାଲ୍ ବାଲଟ୍ ମତଦାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ମହତ୍ୱପୂର୍ଣ୍ଣ ଅଂଶକୁ ଦକ୍ଷତାର ସହ ପରିଚାଳନା କରିବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ଦିନିକିଆ ପ୍ରଶିକ୍ଷଣ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତିକରଣ ଓ ସମସ୍ତଙ୍କ ପାଇଁ ଉପଲବ୍ଧତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଭାରତର ନିର୍ବାଚନ ଆୟୋଗଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ପୋଷ୍ଟାଲ୍ ବାଲଟ୍ । ସୂଚନାଯୋଗ୍ୟ, ସମସ୍ତ ସରକାରୀ କର୍ମଚାରୀ, ପୋଲିସ୍ ସେବା, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ସେବା ଆଦି ଜରୁରୀକାଳିନ ସେବାରେ ଥିବା ବ୍ୟକ୍ତି, ଡ୍ରାଇଭର, କଣ୍ଡକ୍ଟର, ସୂଚନା ଓ ଲୋକ ସଂପର୍କ ବିଭାଗ ଦ୍ୱାରା ପ୍ରାଧିକୃତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ନିଜ ନିର୍ବାଚନ ମଣ୍ଡଳୀଠାରୁ ଦୂରରେ ଥିବା ଗଣମାଧ୍ୟମ ପ୍ରତିନିଧି, ୮୫ ବର୍ଷ ବୟସରୁ ଅଧିକ ବୟସ୍କ ବ୍ୟକ୍ତି, ୪୦% ରୁ ଅଧିକ ଦିବ୍ୟାଙ୍ଗ ଜନ ଏହି ସୁବିଧା ପାଇପାରିବେ । ପୋଷ୍ଟାଲ ବାଲଟ୍ ପାଇଁ ଯୋଗ୍ୟ ବ୍ୟକ୍ତି ଫର୍ମ ୧୨/ ଫର୍ମ ୧୨-ଘ ଦ୍ୱାରା ଏହି ପୋଷ୍ଟାଲ ବାଲଟ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଇପାରିବେ । ଅତ୍ୟାବଶ୍ୟକୀୟ ସେବାରେ ଥିବା କର୍ମଚାରୀମାନେ ହୋମ୍ ଭୋଟିଂ ଦ୍ୱାରା ମତଦାନ କରିପାରିବେ । ମତଦାତାଙ୍କ ପ୍ରତି ସ୍ୱତନ୍ତ୍ର ଯତ୍ନବାନ ହୋଇ ନିର୍ବାଚନର ଏହି ମହାପର୍ବରେ ସମସ୍ତେ ଦାୟିତ୍ୱର ସହ କର୍ତବ୍ୟ ସମ୍ପାଦନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟରେ ନିୟୋଜିତ ବୁଥ୍ ଲେବୁଲ୍ ଅଫିସରମାନେ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରି ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଫର୍ମ ଦାଖଲ କରିବାକୁ କୁହାଯାଇଥିଲା ।

## ଶତାୟୁ ମତଦାତାଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲା ପ୍ରଶାସନ

ଗୁଣପୁର(ନିପ୍ର): ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଉପ ଜିଲ୍ଲାପାଳ, ଗୁଣପୁର କିରନଦୀପ କୌରଙ୍କ ତତ୍ତ୍ୱାବଧାନରେ ଗୁଣପୁର ସହରର ଦୁଇ ଶତାୟୁ ମତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗୁଣମଞ୍ଜରୀ ବେବର୍ତ୍ତା (୧୦୭) ଓ ଗୌରଚନ୍ଦ୍ର ପାଢ଼ୀ(୧୦୪)ଙ୍କ ଘରକୁ ଡେପୁଟି କଲେକ୍ଟର ମଧୁସୂଦନ



ମାଝୀ, ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି ପ୍ରମୁଖ ଯାଇ ସମ୍ବର୍ଦ୍ଧିତ କରିଥିଲେ । ପୌର କାର୍ଯ୍ୟାଳୟର ତାପସ ପଟ୍ଟନାୟକ, ରଶ୍ମିରଂଜନ ଚୌଧୁରୀ ମାନପତ୍ର ତିଆରି କରିଥିଲେ । ସମ୍ବର୍ଦ୍ଧିତ ସମୟରେ ଗୁଣମଞ୍ଜରୀଙ୍କ ପୁତ୍ର ବିଶିଷ୍ଟ କୃଷିବିତ କୃଷ୍ଣ ଚନ୍ଦ୍ର ବେବର୍ତ୍ତା ଓ ଗୌରଚନ୍ଦ୍ରଙ୍କ ପୁତ୍ର ପ୍ରଦୀପ ପାଢ଼ୀ(ନୁନୁ ପାଢ଼ୀ) ଉପସ୍ଥିତ ଥିଲେ ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମନ୍ୱୟ ସଭା

ପୁରୀ(ନିପ୍ର): ବିଗତ ବର୍ଷ ମାନଙ୍କରେ ରଥଯାତ୍ରାରେ ସ୍ୱଛାସେବୀମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ ରହିଥିଲା । ଚଳିତ ରଥଯାତ୍ରାରେ ମଧ୍ୟ ଅନୁରୂପ ଉଲ୍ଲେଖନୀ ସେବା ଯୋଗାଇ ଦେବାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି । ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ପାଇଁ ସ୍ୱଛାସେବୀମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ ହୋଇଥାଏ । ତେଣୁ ସ୍ୱଛାସେବୀ ଅନୁଷ୍ଠାନମାନେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତାରୁ ପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ଏସପି ପିନାକ ମିଶ୍ର ରଥଯାତ୍ରା ସମୟରେ ଏକୁଟିଆ ପ୍ରଶାସନ ବା ପୋଲିସ ଲକ୍ଷ ଲକ୍ଷ ସଂଖ୍ୟାରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇବା ସମ୍ଭବ ନୁହେଁ । ଏଥିପାଇଁ ସ୍ୱଛାସେବୀ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ମହାପ୍ରଭୁଙ୍କ ସେବା ବୋଲି ଅନୁଭବ କରି ଆମେ ମିଳିମିଶି କାମ କରିବାକୁ ସେ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷ ମାନଙ୍କ ଭଳି ସ୍ୱଛାସେବୀ ମାନେ ଉନ୍ନତ ସେବା ଯୋଗାଇ ଦେବାକୁ ଅନୁରୋଧ କରି ପ୍ରଶାସନ ପକ୍ଷରୁ ମଧ୍ୟ ଅନୁରୂପ ସହଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସପି ସୁଶୀଲ କୁମାର ମିଶ୍ର,ପୌର ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା,ଏ ଡ଼ି ଏମ ଓ ଡା ବିରଜା ଶଙ୍କର ରଥ,ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମତାମତ ପ୍ରଦାନ କରିଥିଲେ ।

## କେନ୍ଦ୍ରାପଡ଼ାରେ ଗଡ଼ିଲା ଭୋଟର ସଚେତନତା ରଥ

କେନ୍ଦ୍ରାପଡ଼ା,(ନିପ୍ର): ଦିବ୍ୟାଙ୍ଗ ଭୋଟ୍‌ରଦାତା ଓ ବରିଷ୍ଠ ନାଗରିକଙ୍କୁ ସଚେତନ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ (ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ) ପକ୍ଷରୁ ଗଢ଼ିଛି 'ଭିନ୍ନକ୍ଷମ ଭୋଟର୍ ସଚେତନତା ରଥ ।' ଏହି ରଥକୁ ଆଜି ସକାଳ ୮ଘଟିକା ସମୟରେ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ପତାକା ଦେଖାଇ ଶୁଭାରମ୍ଭ କରିବା ସହ କହିଛନ୍ତି ଆମ ଜିଲ୍ଲାର ଦିବ୍ୟାଙ୍ଗ ଭାଇଭଉଣୀମାନେ ଜୁନ୍ ୧ ତାରିଖରେ ଭୋଟ ଦେଇ ସେମାନଙ୍କ ପାଇଁ ଥିବା ସାମ୍ବିଧାନିକ ଅଧିକାରକୁ ସୁନିଶ୍ଚିତ କରନ୍ତୁ । ଜିଲ୍ଲା ପ୍ରଶାସନ ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଛି । ଦିବ୍ୟାଙ୍ଗ ଓ ବୃଦ୍ଧ ଭୋଟରଙ୍କ ନିମନ୍ତେ ପୋଷ୍ଟାଲ୍ ବାଲଟ୍ ବ୍ୟବସ୍ଥା ରହିଛି । ଘର ଠାରୁ ଭୋଟ୍‌ଦାନ କେନ୍ଦ୍ର ପର୍ଯ୍ୟନ୍ତ ପୁଣି ମତଦାନ କେନ୍ଦ୍ରରୁ ଘର ପର୍ଯ୍ୟନ୍ତ ଯିବା ଆସିବା ପାଇଁ ସକ୍ଷମ ଯାନର ବନ୍ଦୋବସ୍ତ କରାଯାଇଛି । ସେମାନଙ୍କୁ ସହଯୋଗ କରିବାକୁ ପ୍ରତ୍ୟେକ ବୁଥ୍‌ରେ ରହିବେ ଜଣେ ଜଣେ ସ୍ୱେଚ୍ଛାସେବୀ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆଜିଠୁ ଗଡ଼ିଥିବା ଏହି ଦୁଇଟି ସଚେତନତା ରଥ ଆସନ୍ତା ୮ଦିନ ପର୍ଯ୍ୟନ୍ତ ସମସ୍ତ ୨୪୯ଟି ପଞ୍ଚାୟତରେ ସଚେତନତାର ବାର୍ତା ବାଣ୍ଟିବ । ଗାଁ କୁ ଗାଁ ବୁଲି ସୁଗମ ନିର୍ବାଚନ ନିମନ୍ତେ ଦିବ୍ୟାଙ୍ଗ ଭୋଟ୍‌ଦାତା ଓ ବରିଷ୍ଠ ନାଗରିକଙ୍କୁ ସଚେତନ କରାଇବ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ମମତା) ମନୋରଞ୍ଜନ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶିନୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ତିଥି : (ତୃତୀୟା) : (ଜ୍ୟେଷ୍ଠା ବିଛା)
ଅମୃତ: ପ୍ରାତ ଘ.୬।୭ ଗତେ ଦିବା ଘ.୧।୧ ମଧ୍ୟେ

## ଆଜିର ଅନୁଚିନ୍ତନ

ଇନ୍ଦ୍ରିୟ ସୁଖରେ ଯେହୁ ନୁହଇ ଆସକ୍ତ,
ଅଂହକାର ନାହିଁ ଯାର, ସେ ହିଁ ଜ୍ଞାନୀ ଭକ୍ତ।
- ଶ୍ରୀମଦ୍ ଭଗବଦ୍ ଗୀତା

# ଦେଶହିତ ନେଇ ଚିନ୍ତନ

ଭାରତୀୟ ବିଦେଶ କଂଗ୍ରେସର ସଭାପତି ଅଛନ୍ତି ସାମ୍ ପିତ୍ରୋଡା। ନିକଟରେ ଏକ ଏକ ସାକ୍ଷାତ୍କାରରେ ସେ ସମ୍ପତ୍ତିର ପୁନର୍ବଣ୍ଟନ ଉପରେ ମତ ରଖିଲେ। କେତେକ ଆମେରିକୀୟ ରାଜ୍ୟରେ ପ୍ରଚଳିତ ଉତ୍ତରାଧିକାର ଟିକସକୁ ଉଦାହରଣ ସେ ଦେଇଛନ୍ତି। ଏଥିପାଇଁ ଏକ ନୀତି ପ୍ରସ୍ତୁତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଆମେରିକାରେ ଯଦି କାହା ପାଖରେ ୧୦୦ ନିୟୁତ ଡଲାର ସମ୍ପତ୍ତି ଅଛି, ତାଙ୍କର ମୃତ୍ୟୁ ପରେ ତାଙ୍କ ପିଲାମାନେ କେବଳ ୪୫ପ୍ରତିଶତ ସମ୍ପତ୍ତି ପାଇପାରିବ ଏବଂ ବାକି ୫୫ପ୍ରତିଶତ ସରକାରଙ୍କ ପାଖକୁ ଯିବ। ଏହା ମୋତେ ଠିକ୍ ଲାଗୁଛି ବୋଲି ପିତ୍ରୋଡ଼ା କହିଛନ୍ତି। ଏହାପରେ କଂଗ୍ରେସର ଜୟରାମ କହିଲେ , ପିତ୍ରୋଡା ଯାହା ମତ ଦେଲେ ତାହା ତାଙ୍କର ,ସେଥିରେ କଂଗ୍ରେସର କିଛି ଯାଏଆସେ ନାହିଁ। ସୂଚନାଯୋଗ୍ୟ ଯେ ବିଶ୍ୱରେ ବହୁ ଦେଶ ରହିଛି ଯେଉଁଠାରେ ଉତ୍ତରାଧିକାରୀ ସମ୍ପତ୍ତି ଉପରେ ଟିକସ ଲାଗୁ କରାଯାଏ। ଏହି ଟିକସ ସେହି ଲୋକମାନଙ୍କ ଦ୍ୱାରା ଦେବାକୁ ପଡିବ ଯେଉଁମାନେ ଏହି ସମ୍ପତ୍ତିର ଉତ୍ତରାଧିକାରୀ ହୋଇଛନ୍ତି । ଏହି ଟିକସକୁ ଉତ୍ତରାଧିକାର ଟିକସ ମଧ୍ୟ କୁହାଯାଏ। ସମ୍ପତ୍ତି ପୁନର୍ବଣ୍ଟନକୁ ନେଇ ଚାଲିଥିବା ବିତର୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ କଂଗ୍ରେସ ଉପରେ ତୀବ୍ର ଆକ୍ରମଣ କରିବାକୁ ପଛାଇଲେ ନାହିଁ। କଂଗ୍ରେସ ଅଧିକ ଟିକସ ଲଗାଇ ନିଜର 'ରାଜକୋଷ' ପୂରଣ କରିବାକୁ ଚାହୁଁଛି । ଲୋକଙ୍କ କଠିନ ପରିଶ୍ରମରେ ଅର୍ଜିତ ସମ୍ପତ୍ତିକୁ ସେମାନଙ୍କ ପିଲାମାନଙ୍କ ପାଖରେ ପହଞ୍ଚାଇବାକୁ ଚାହୁଁନାହିଁ। 'ରାଜକୁମାର' ଏବଂ 'ରାଜପରିବାର'ର ଉପଦେଷ୍ଟା (ସାମ୍ ପିତ୍ରୋଡାଙ୍କ ମତରେ ମଧ୍ୟବିତ୍ତ) ଉପରେ ଅଧିକ ଟିକସ ଲାଗୁ କରାଯିବା ଉଚିତ। କଂଗ୍ରେସ କହିଛି ଯେ ସେମାନେ ଉତ୍ତରାଧିକାରୀ ଟିକସ ଲାଗୁ କରିବେ ଏବଂ ପିତାମାତାଙ୍କଠାରୁ ମିଳିଥିବା ସମ୍ପତ୍ତି ଉପରେ ମଧ୍ୟ ଟିକସ ଲାଗୁ ହେବ। ଆପଣଙ୍କ ପିଲାମାନେ ଆପଣଙ୍କ କଠିନ ପରିଶ୍ରମ ଦ୍ୱାରା ସଞ୍ଚିତ ସମ୍ପତ୍ତି ପାଇବେ ନାହିଁ, ବରଂ କଂଗ୍ରେସର ପଞ୍ଝା ଆପଣଙ୍କଠାରୁ ଏହା ଛଡ଼ାଇ ନେବ। ଏପରି ଥିଲା ମୋଦିଙ୍କ ମନ୍ତବ୍ୟ। ପରବର୍ତ୍ତୀ ସମୟରେ ଲକ୍ଷ୍ୟ କରାଗଲା ଯେ ପିତ୍ରୋଡା ତୀବ୍ର ପ୍ରତିକ୍ରିୟାର ସମ୍ମୁଖୀନ ହେଲେ । କହିଲେ ତାଙ୍କ ବୟାନକୁ ବିକୃତ କରାଯାଇଛି। ସବୁଠୁ ମଜାର କଥା ହେଲା,ଇଣ୍ଟରନେଟରେ ସର୍ଚ୍ଚ ଇଞ୍ଜିନ ଗୁଗୁଲରେ ଭାରତରେ ଉତ୍ତରାଧିକାର ଟିକସ ବା ଇନହେରିଟାନ୍ସ ଟ୍ୟାକ୍ସ ସର୍ବାଧିକ ସର୍ଚ୍ଚ କରାଯାଇଛି। ଗତ ୨୦ ବର୍ଷ ମଧ୍ୟରେ ଭାରତରେ ଉତ୍ତରାଧିକାର ଟିକସ ପାଇଁ ଗୁଗୁଲ ସର୍ଚ୍ଚ ସର୍ବାଧିକ ହୋଇଛି। ଏହା ଏକ ଆକର୍ଷଣୀୟ ନିୟମ । ଏପରି ଭାବରେ ବର୍ଣ୍ଣନା କରିବା ସହିତ ପିତ୍ରୋଡା କହିଥିଲେ ଯେ ଆମେରିକାରେ ୫୫ ପ୍ରତିଶତ ଉତ୍ତରାଧିକାର ଟିକସ ଆଦାୟ କରାଯାଏ। ପିତ୍ରୋଡା ୨୦୧୯ ଲୋକସଭା ନିର୍ବାଚନ ବେଳେ ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ନେଇ କହିଥିଲେ ଧାଡ଼ିଟିଏ ହୁଆ ତୋ ହୁଆ। ତାଙ୍କର ଏପରି ସମ୍ବେଦନହୀନ ମନ୍ତବ୍ୟ ନେଇ କଂଗ୍ରେସର ବହୁ ବରିଷ୍ଠ ନେତା ଅସନ୍ତୋଷ ପ୍ରକଟ କରିଥିଲେ। ୨୦୨୩ ମାର୍ଚ୍ଚରେ ଲଣ୍ଡନର କ୍ୟାମ୍ବ୍ରିଜ ଓ ଅନ୍ୟାନ୍ୟ ସ୍ଥାନରେ ରାହୁଲ ଭାବ ବିନିମୟ କରୁଥିବା ସ୍ଥାନଗୁଡ଼ିକରେ ନିୟମିତ ବ୍ୟବଧାନରେ ତାଙ୍କୁ ଦେଖିବାକୁ ମିଳୁଥିଲା। ସେତେବେଳେ କଂଗ୍ରେସର କିଛି ନେତା ହୃଦ୍‌ବୋଧ କରିଥିଲେ ଯେ ରାହୁଲଙ୍କୁ ତ୍ରୁଟିପୂର୍ଣ୍ଣ ପରାମର୍ଶ ଦିଆଯାଉଛି, ଏ ସଂପର୍କରେ ସେତେବେଳେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଥିଲା। ସୁତରାଂ ପିତ୍ରୋଡା ଯାହା କହୁଛନ୍ତି ତାହାର ଭିତ୍ତିଭୂମି ଦୃଷ୍ଟିରୁ ଭାରତ କେତେଦୂର ଉପଯୋଗୀ ତାହା ନେଇ ବିତର୍କର ଅପେକ୍ଷାରେ ରଖେ। ସମ୍ଭବତଃ ସେହି କାରଣରୁ ତାଙ୍କର ଉତ୍ତରାଧିକାର ସମ୍ବନ୍ଧିତ ମନ୍ତବ୍ୟ ଉପରେ ଗୁଗୁଲ ସର୍ଚ୍ଚ ଅଧିକ ହୋଇଥିବା ଅନୁମାନ କରାଯାଏ। କହି ରଖିବା ଉଚିତ ଯେ ଯେଉଁ ପ୍ରସଙ୍ଗ ଦେଶବାସୀଙ୍କ ହିତ ଲାଗି ଉଦ୍ଦିଷ୍ଟ ତଥା ଉପଯୋଗୀ ତାହା ଉପରେ ରାଜନେତାମାନେ ମତ,ମନ୍ତବ୍ୟ ଓ ପରାମର୍ଶ ରଖିବା ଉଚିତ। ତାହାର ସାରାଂଶ ହିଁ ଆଗକୁ ଦେଶବାସୀଙ୍କୁ ଉପକୃତ କରାଇବ।

# ଯୁବନୀତିରେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ

**ଯଶସ୍ୱିନୀ ପଟ୍ଟନାୟକ**

ଓଡ଼ିଶାର ଲୋକପ୍ରିୟ ସରକାର ଛାତ୍ରଛାତ୍ରୀଙ୍କ ବିବିଧ କଲ୍ୟାଣ ପାଇଁ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ପାଠପଢ଼ା ସହ ନିଜକୁ ସୁରକ୍ଷିତ ରଖିବା ସହ ସାମାଜିକ ସୁରକ୍ଷା ଦାୟିତ୍ୱର ଆହ୍ୱାନକୁ ଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ଦେବାର ବ୍ୟବସ୍ଥା ମଧ୍ୟ ହୋଇଛି। ନିକଟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅନ୍ତର୍ଗତ ଉଭୟ ସରକାରୀ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଆରବିକ ତାଲିମ କୌଶଳ ଦିଆଯିବାର ବ୍ୟବସ୍ଥା ହୋଇଛି। ସୂଚନା ଥାଉକି ପ୍ରଥମ ଥର ଭାବେ ଆତ୍ମରକ୍ଷା କୌଶଳରେ ଏଭଳି ବ୍ୟବସ୍ଥାକୁ ଯୋଡ଼ା ଯାଇଛି। ପିଲାମାନଙ୍କୁ ଏହାସହ ବିଶେଷକରି ଛାତ୍ରୀମାନେ କିପରି ମାନସିକ ସ୍ତରରେ ଦକ୍ଷ ହେବେ ସେ ବ୍ୟବସ୍ଥା କରାଯାଉଛି। ଏହି ଦକ୍ଷତା କୌଶଳର ବିଭିନ୍ନ ବିଭାଗ କୁହାଯାଉଥିବା ମାଇଣ୍ଡ ଟୁ ମସଲ, ମସଲ ଟୁ ମାଇଣ୍ଡ, ଏନୋରବିକ, ଫ୍ଲେକ୍ସିବିଲିଟି ଓ ସେଲ୍ଫ ଡିଫେନ୍ସ ସ୍କିଲ ତାଲିମ ମିଳିବ। ପୁସଅପ୍ସ, ସ୍କ୍ୱାଟସ୍, ଲେଗ୍ କଲର୍ସ, ଲେଗ ଏକ୍ସଟେନ୍ସନ୍, ଚେଷ୍ଟ ପ୍ରେସ୍, ଥ୍ରି ୱେ ସୋଲଡର ଷ୍ଟ୍ରେଚ ଭଳି ବିଷୟରେ ମଧ୍ୟ ଛାତ୍ରୀ ମାନଙ୍କୁ ଶିକ୍ଷା ଦିଆଯିବ। ଆତ୍ମରକ୍ଷା କୌଶଳ ତାଲିମକୁ ଅଧିକ ବ୍ୟବସ୍ଥିତ ଢ଼ଙ୍ଗରେ କରିବାକୁ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୯୫ଟି କଲେଜରେ ଆତ୍ମରକ୍ଷା କୌଶଳ କ୍ଲବ ଗଠନ କରାଯିବା ସହ ସେହି କଲେଜଗୁଡ଼ିକୁ କ୍ଲବ ବାବଦରେ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟଙ୍କାକୁ ସେହି କଲେଜ ଲାଇଟ, ସାଉଣ୍ଡ, ପ୍ରଶିକ୍ଷଣ ସ୍ଥାନ ବାବଦରେ ଅତିବେଶିରେ ୨୦% ଖର୍ଚ୍ଚ କରିବାକୁ ଥିବାବେଳେ ମାଷ୍ଟର ଟ୍ରେନର୍ରଙ୍କ ପାଇଁ ୨୦% ଛାତ୍ରୀଙ୍କ ଶକ୍ତିବର୍ଦ୍ଧକ ପାନୀୟ ଓ ଫଳ ପାଇଁ ୨୦%, କ୍ଲବର ଆନୁସଙ୍ଗିକ ସାମଗ୍ରୀ ଓ ମ୍ୟାଟ ବାବଦରେ ଅତିବେଶିରେ ୩୦%, ଫାଷ୍ଟଏଡ଼ ଡକ୍ୟୁମେଣ୍ଟେସନ, ରିପୋର୍ଟ ପ୍ରସ୍ତୁତି ପରି କାର୍ଯ୍ୟ ପାଇଁ ୧୦% ଅର୍ଥ ଖର୍ଚ୍ଚ କରାଯାଇପାରିବ। ଜରୁରୀକାଳୀନ ପରିସ୍ଥିତିରେ ଅଡିଟ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କଲେଜ କର୍ତ୍ତୃପକ୍ଷ ସମସ୍ତ ବିଲକୁ ନୋଡାଲ କାର୍ଯ୍ୟାଳୟରେ ଦାଖଲ କରିବେ। ଗତ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ବିଭାଗ ପକ୍ଷରୁ ନିୟମ ମଧ୍ୟ ଜାରି ହୋଇଛି। ବ୍ୟବସ୍ଥା ଅନୁଯାୟୀ ଆତ୍ମରକ୍ଷା କ୍ଷେତ୍ରରେ ଆଗ୍ରହୀ ଥିବା ଜଣେ ଅଧ୍ୟାପକଙ୍କୁ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯିବ।

ଆତ୍ମରକ୍ଷା କୌଶଳ କ୍ଲବର ରୂପରେଖ କଲେଜର ଅଧ୍ୟକ୍ଷ ପ୍ରସ୍ତୁତ ସହ କଲେଜରେ ମୋଟ କେତେଜଣ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରହିଛନ୍ତି ତାହାର ତାଲିକା ପ୍ରଦାନ କରିବେ। ପ୍ରତି ଗ୍ରୁପରେ ୩୦ଜଣ ଲେଖାଏଁ ଛାତ୍ରୀ ରହିବେ। ରିପୋର୍ଟିଂ ଓ ପଞ୍ଜୀକରଣ ତାରିଖ ପ୍ରସ୍ତୁତ, ବିଭିନ୍ନ କାର୍ଯ୍ୟକଳାପ, କେଉଁ ଗ୍ରୁପର ତାଲିମ କେବେ ସରିବ, ଟ୍ରେନର / ରିସୋର୍ସ ପର୍ସନ / ଲେଡ଼ି ପିଇଟିଙ୍କ ନାମ କଲେଜ ଅଧ୍ୟକ୍ଷ ପ୍ରଦାନ କରିବେ। ଗ୍ରୁପ ଅନୁଯାୟୀ ବଜେଟ ପ୍ରସ୍ତୁତ, ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମାଣ ଓ ଡକ୍ୟୁମେଣ୍ଟ କଲେଜ ଅଧ୍ୟକ୍ଷ ପ୍ରସ୍ତୁତ କରିବେ।

କାର୍ଯ୍ୟକ୍ରମ ସରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବେ। ବିଭାଗ ପକ୍ଷରୁ ଦିଆଯାଇଥବା ନିୟମାବଳୀ ଅନୁଯାୟୀ କାର୍ଯ୍ୟକ୍ରମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ସିଧାସଳଖ ଆତ୍ମରକ୍ଷା କୌଶଳ ତାଲିମର ମନିଟରିଂ କରିବ। ଅଧିକାରୀମାନେ ନିୟମିତ ବ୍ୟବଧାନରେ ବିଭିନ୍ନ କଲେଜକୁ ଗସ୍ତ କରି କ୍ଲବ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ତଦାରଖ କରିବେ।

କଟକ

# ନିର୍ବାଚନରେ କମାଲ, ବାପାଙ୍କ ଉତ୍ତରାଧିକାରୀ ଝିଅ

**ଗିରିଧାରୀ ସାମଲ**

**ଏଯାବତ୍ କଂଗ୍ରେସ ତିନିଜଣଙ୍କୁ ଟିକେଟ ଦେଇଥିବା ପରେ ସମ୍ମାନଜନକ ବାରବାଟୀ କଟକ କ୍ଷେତ୍ରରେ ମହମ୍ମଦ ମୋକିମଙ୍କ ଅଦାଲତି ପ୍ରତିବନ୍ଧକ ପରେ ସାମ୍ନାକୁ ଆସିଛନ୍ତି ତାଙ୍କ ଝିଅ ସୋଫିଆ ଫିର୍ଦ୍ଦୋଷ। ସେ ମଧ୍ୟ ସମ୍ଭାବ୍ୟ ଟିକେଟ ବିଜେତା ରେସରେ ଅଛନ୍ତି। ତେବେ ଫିର୍ଦ୍ଦୋଷ ମିଶିଲେ ଏହି ସଂଖ୍ୟା ଚାରି ଛୁଇଁବ। ବିଜେପି ମଧ୍ୟ ଦୁଇଜଣଙ୍କୁ ପ୍ରାର୍ଥୀ କରିଛି। ଏହି ଆଲୋଚନା ଭିତରେ ସବୁଠୁ ଆଗକୁ ଆସୁଛି ଉପକୂଳବର୍ତ୍ତୀ ଅଞ୍ଚଳର ସବୁଠାରୁ ଚର୍ଚ୍ଚିତ ଓ ହେଭିୱେଟ୍ ଲଢ଼େଇ ହେଉଥିବା ସିଟ ଆଜି ନିର୍ବାଚନ ମଣ୍ଡଳୀ। ଏଠାରେ କଂଗ୍ରେସ ତା ପ୍ରାର୍ଥିତ୍ୱରେ ତୃତୀୟ ପିଢ଼ିକୁ ଆଣିଛି।**

ରାଜ୍ୟରେ ଅଙ୍କେ ବହୁତ ସବୁ ନିର୍ବାଚନ ମଣ୍ଡଳୀ ପାଇଁ ସମସ୍ତ ଦଳର ପ୍ରାର୍ଥୀ ତାଲିକା ଘୋଷଣା ହୋଇସାରିଲାଣି। ଅବଶ୍ୟ ଚଳିତ ନିର୍ବାଚନର ସବୁଠାରୁ ବଡ଼ ରୋଚକ ଘଟଣା ହେଉଛି କେଉଁଠି ବାପା ବଦଳରେ ପୁଅ, କେଉଁଠି ସ୍ୱାମୀ ବଦଳରେ ସ୍ତ୍ରୀ କେଉଁଠି ବି ସ୍ତ୍ରୀ ବଦଳରେ ସ୍ୱାମୀ କିନ୍ତୁ ସବୁଠାରୁ ରୋଚକ ଘଟଣା ଘଟିଛି ଚଳିତ ନିର୍ବାଚନରେ ବାପାଙ୍କ ଆଗାମୀ ପିଢ଼ିର ରାଜନୀତିର ଗଡ଼କୁ ଆଗେଇ ନେବା ପାଇଁ ଝିଅମାନେ ଚଳିତ ନିର୍ବାଚନରେ ଛିଡ଼ା ହୋଇଛନ୍ତି। ବାପାଙ୍କର ସ୍ଥାନୀୟ ନିର୍ବାଚନ ମଣ୍ଡଳୀରେ ଲୋକପ୍ରିୟତାକୁ ଦେଖି ଝିଅ ମାନଙ୍କୁ ଟିକେଟ ଦିଆଯାଇଛି। ବିଜେଡ଼ି ଉଭୟ ବିଧାନସଭା ଓ ଲୋକସଭାରେ ପାଞ୍ଚଜଣଙ୍କୁ ପ୍ରାର୍ଥୀ କରିଥିବା ବେଳେ ଜାତୀୟ ଦଳ କଂଗ୍ରେସ ମଧ୍ୟ ପଛରେ ପଡ଼ିନି। ଏଯାବ୍ତ କଂଗ୍ରେସ ତିନିଜଣଙ୍କୁ ଟିକେଟ ଦେଇଥିବା ପରେ ସମ୍ମାନଜନକ ବାରବାଟୀ କଟକ କ୍ଷେତ୍ରରେ ମହମ୍ମଦ ମୋକିମଙ୍କ ଅଦାଲତି ପ୍ରତିବନ୍ଧକ ପରେ ସାମ୍ନାକୁ ଆସିଛନ୍ତି ତାଙ୍କ ଝିଅ ସୋଫିଆ ଫିର୍ଦ୍ଦୋଷ। ସେ ମଧ୍ୟ ସମ୍ଭାବ୍ୟ ଟିକେଟ ବିଜେତା ରେସରେ ଅଛନ୍ତି। ତେବେ ଫିର୍ଦ୍ଦୋଷ ମିଶିଲେ ଏହି ସଂଖ୍ୟା ଚାରି ଛୁଇଁବ। ବିଜେପି ମଧ୍ୟ ଦୁଇଜଣଙ୍କୁ ପ୍ରାର୍ଥୀ କରିଛି। ଏହି ଆଲୋଚନା ଭିତରେ ସବୁଠୁ ଆଗକୁ ଆସୁଛି ଉପକୂଳବର୍ତ୍ତୀ ଅଞ୍ଚଳର ସବୁଠାରୁ ଚର୍ଚ୍ଚିତ ଓ ହେଭିୱେଟ ଲଢ଼େଇ ହେଉଥିବା ସିଟ ଆଜି ନିର୍ବାଚନ ମଣ୍ଡଳୀ। ଏଠାରେ କଂଗ୍ରେସ ତା ପ୍ରାର୍ଥିତ୍ୱରେ ତୃତୀୟ ପିଢ଼ିକୁ ଆଣିଛି। ଏହି ଆସନରେ ଦୀର୍ଘଦିନ ଧରି କଂଗ୍ରେସର ଗଡ଼ ରକ୍ଷା କରିଥିବା ସ୍ଥାନୀୟ ଅଞ୍ଚଳର ଡାକ୍ତର ତଥା ରାଜନେତା ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡାକ୍ତର ଦେବସ୍ମିତା ଶର୍ମାଙ୍କୁ ପ୍ରାର୍ଥୀ କରିଛି। ସୂଚନା ଥାଉକି ଦେବସ୍ମିତାଙ୍କ ଜେଜେ ଦିବାକରନାଥ ଶର୍ମା ୧୯୬୭ରେ ଏହି ଆସନରୁ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଦେବେନ୍ଦ୍ର ବାବୁ ୨୦୧୪ରେ ବିଜୟ ଲାଭ କରିଥିଲେ । କିନ୍ତୁ ୨୦୧୯ରେ ସେ ପରାସ୍ତ



ହୋଇଥିଲେ। ଝାରସୁଗୁଡ଼ା କ୍ଷେତ୍ରରେ ସ୍ୱର୍ଗତ ନବକିଶୋର ଦାସଙ୍କ ଝିଅ ଦୀପାଳି ଦାସ ବିଜେଡ଼ିରୁ ପୁନର୍ବାର ଲଢୁଛନ୍ତି। ଆସ୍କା ଲୋକସଭା ସିଟରୁ ବରିଷ୍ଠ ବିଜେଡ଼ି ନେତା ହର ପ୍ରସାଦ ସାହୁଙ୍କ ଝିଅ ରଞ୍ଜିତା ସାହୁ ରାଜନୀତିର ମଇଦାନକୁ ଆସୁଛନ୍ତି। ବିଜେଡ଼ିର ପ୍ରତିଷ୍ଠାତା ସଦସ୍ୟ ରାମକୃଷ୍ଣ ପଟ୍ଟନାୟକଙ୍କ ଝିଅ ଅନୀତା ଶୁଭଦର୍ଶିନୀ ବିଜେପି ଟିକେଟରୁ ଆସ୍କାରୁ ଲଢୁଛନ୍ତି। ସେହିପରି ବିଜେଡ଼ି ଟିକେଟରୁ କବିସୂର୍ଯ୍ୟନଗର ବିଧାନସଭା ସିଟରୁ ପୂର୍ବତନ ସାଂସଦ ନିତ୍ୟାନନ୍ଦ ପ୍ରଧାନଙ୍କ ଝିଅ ଲତିକା ପ୍ରଧାନ ମଧ୍ୟ ଲଢ଼େଇକୁ ଆସିଛନ୍ତି। ବ୍ରହ୍ମଗିରିରୁ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଝିଅ ଉପାସନା ମହାପାତ୍ରଙ୍କୁ ବିଜେପି ଟିକେଟ ଦେଇଛି। ଡାବୁଗାଁରୁ ପୂର୍ବତନ ବିଧାୟକ ଭୁଜବଳ ମାଝୀଙ୍କ ଝିଅ ଡାକ୍ତର ଲିପିକା ମାଝୀ ଟିକେଟ ପାଇଛନ୍ତି ଯଦିଓ ଭୁଜବଳ ବାବୁ ନବରଙ୍ଗପୁର ଲୋକସଭା ସିଟରୁ ଲଢୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ଅମିତା ବିଶ୍ୱାଳ ଝାରସୁଗୁଡ଼ାରୁ ଲଢୁଛନ୍ତି। ତେବେ ରାଜନୀତିରେ ଆପାତତ୍ ରୋଚକ ଓ ଅସଲ ଲଢ଼େଇ ବାରବାଟୀ କଟକ ସିଟରେ ହେବ। କାରଣ କଟକ କଂଗ୍ରେସର ଗଡ଼ ତିଆରି କରିଥିବା ମୋକିମ ବାବୁଙ୍କ ଝିଅ ସୋଫିଆ ଫିର୍ଦ୍ଦୋଷ ଚଳିତ ଥର କଂଗ୍ରେସ ସମ୍ଭାବ୍ୟ ଟିକେଟ ପାଇବେ ଓ ନିର୍ବାଚନ ଲଢ଼ିବେ। ବାରବାଟୀ କଟକ ବିଧାନସଭା କ୍ଷେତ୍ରକୁ ଇଂ.ମହମ୍ମଦ ମୋକିମ ଲଗାତର କର୍ମୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ସୁସମ୍ପର୍କ ରଖି ଏହି କ୍ଷେତ୍ରକୁ କଂଗ୍ରେସର ଏକ ଦୁର୍ଗ ଭାବେ ତିଆରି କରିଛନ୍ତି। ଯଦିଓ ସୋଫିଆ ମୋକିମ ବାବୁଙ୍କ ନିର୍ବାଚନ ପରିଚାଳନା କରନ୍ତି ଓ ତାଙ୍କର ଏ କ୍ଷେତ୍ରରେ ଅଭିଜ୍ଞତା ମଧ୍ୟ ରହିଛି। କଂଗ୍ରେସ ଏଠାରୁ ସୋଫିଆଙ୍କୁ ଟିକେଟ ଦେଲେ ଜିତାପଟ ନିଶ୍ଚୟ ବୋଲି ରାଜନୈତିକ ସମୀକ୍ଷକଙ୍କ ମତ।

ନୂଆ ମୁହଁ ଦେବାରେ ସବୁ ଦଳ ଚଳିତ ନିର୍ବାଚନରେ ଆଗୁଆ ରହିଛନ୍ତି। ତେବେ ନୂଆ ମୁହଁ ଚାଲ ସଫଳ ହେବ କି ବିଫଳ ହେବ କିମ୍ବା ଟିକେଟ କଟିଥିବା ପ୍ରାର୍ଥୀ ବିଦ୍ରୋହୀ ସାଜି ନିଜ ଦଳର ଭୋଟ ବ୍ୟାଙ୍କକୁ ହୁରୁଡ଼ାଇ ଦେବେ କି ନାହିଁ ତାହା ତ ସମୟ କହିବ କିନ୍ତୁ ବଡ଼ ରୋଚକ କଥା ହେଉଛି ରାଜନୀତିରେ ଝିଅମାନେ ବାପାଙ୍କ ଉତ୍ତରାଧିକାରୀ ଭାବେ ଆଗକୁ ଆସିବା। ରାଜନୀତିରେ ମହିଳା ସଂରକ୍ଷଣ ଏକ ବଡ଼ ଗୋଟି ଭାବେ ଭୋଟରଙ୍କ ପାଖରେ ରାଜନେତାମାନେ ପହଞ୍ଚାଇବାରେ ସଫଳ ହେଉଛନ୍ତି। ନିର୍ଦ୍ଦିଷ୍ଟ ନିର୍ବାଚନ ମଣ୍ଡଳୀରେ ବାପା ମାନଙ୍କର ବର୍ଷ ବର୍ଷର ସଂଗଠନର ଅଭିଜ୍ଞତା ଓ କ୍ଷେତ୍ର ମଜଭୁତ ସ୍ଥିତି ଥିବାରୁ ଏହା ଝିଅ ମାନଙ୍କ ବିଜୟ ବୈଜୟନ୍ତୀ ଉଡାଇବାକୁ ଯଥେଷ୍ଟ ହୋଇପାରେ। ତେବେ କଥାରେ ଅଛି କ୍ରିକେଟ ଖେଳ, ରାଜନୀତି ଆଉ ବର୍ଷାର ସମ୍ଭାବ୍ୟ ଭବିଷ୍ୟତ ଉପରେ ଯେପରି କହି ହୋଇନଥାଏ ସେହିପରି ଚଳିତ ନିର୍ବାଚନରେ ଝିଅମାନେ କେତେ ସଫଳ ହେଉଛନ୍ତି ଆଉ ବାପାମାନଙ୍କ ଗଡ଼ ରକ୍ଷାକରି ଦଳର ସମ୍ମାନ ବଢ଼ାଇବା ସହ ନିଜ ଲୋକପ୍ରିୟତା ପ୍ରଦର୍ଶନ କରିପାରୁଛନ୍ତି କି ନାହିଁ ତାହା ନିର୍ବାଚନ ଫଳ ଜଣାଇଦେବ।

କଟକ, ଦୂରଭାଷ : ୯୪୩୭୪୫୦୧୧୪

# 'ଗଙ୍ଗା' ଅନେକ ସଂକଟର ସମ୍ମୁଖୀନ

**ଅସିତ ମହାନ୍ତି**

**ଆଇଆଇଟି ଖଡ଼ଗପୁରର ଏକ ଅନୁସନ୍ଧାନ ଅନୁଯାୟୀ ଉତ୍ତର ଏବଂ ପୂର୍ବ ଭାରତର ଭୂତଳ ଜଳ ରିଚାର୍ଜ ହେବା ପରିବର୍ତ୍ତେ ଶୁଖିଯାଉଛି। ଜନସଂଖ୍ୟା ବୃଦ୍ଧି ଏବଂ ସବୁଜତା ହ୍ରାସର ପ୍ରଭାବ ବର୍ତ୍ତମାନ ଗଙ୍ଗା ଉପରେ ଦୃଶ୍ୟମାନ ହେଉଛି । ଏଠାରେ ଉପସ୍ଥିତ ଆର୍ଦ୍ରଭୂମି ଭୂତଳ ଜଳକୁ ରିଚାର୍ଜ କରି ନଦୀକୁ ଜଳ ଦେଇଥାଏ ।କିନ୍ତୁ ଭାରତରେ ଗଡ଼ିଆ, ପୋଖରୀ ଏବଂ ଆର୍ଦ୍ରଭୂମିର ଅବସ୍ଥା ମଧ୍ୟ ଖରାପ ଅଟେ। ଅଧିକାଂଶ ଆର୍ଦ୍ରଭୂମି ଅତିକ୍ରମଣ ଏବଂ ବାସସ୍ଥାନର ଶିକାର ହୋଇଛନ୍ତି। ଏହି କାରଣରୁ, ନଦୀ ବଢିର ପ୍ରଭାବ ଅଧିକ ସାଂଘାତିକ ହେବାରେ ଲାଗିଛି । ଗତ ୩୦ ବର୍ଷର ତଥ୍ୟ ଦର୍ଶାଉଛି ଯେ ବନ୍ୟା ପରିସ୍ଥିତି ପୂର୍ବ ଅପେକ୍ଷା ଏକ ବୃହତ୍ ଅଞ୍ଚଳରେ ବ୍ୟାପିଛି।**

ହିମାଳୟର ଅନେକ ଗ୍ଲେସିୟର ସହିତ ମିଶି ବିଶାଳ ଗଙ୍ଗୋତ୍ରୀ ଗ୍ଲେସିୟର ସୃଷ୍ଟି କରିଛି। ଏବଂ ଏହିଠାରୁ ହିଁ ଭାଗୀରଥୀ ନଦୀ ଉତ୍ପନ୍ନ ହୋଇଛି। ୨ ଲକ୍ଷ ବର୍ଗ କିଲୋମିଟରର ବର୍ଷା ଏହି ନଦୀକୁ କ୍ରମାଗତ ଭାବରେ ଆଗକୁ ବଢିବାକୁ ଶକ୍ତି ଦେଇ ଆସିଛି। କିନ୍ତୁ ଗତ ୩୦ ବର୍ଷ ମଧ୍ୟରେ ଭାଗୀରଥୀ ଏବଂ ଏହାର ଉପନଦୀଗୁଡ଼ିକର ପ୍ରବାହ କ୍ରମାଗତ ଭାବରେ ଦୁର୍ବଳ ହୋଇଯାଇଛି । ପଚାଶରୁ ଅଧିକ ଛୋଟ ଏବଂ ବଡ ଡ୍ୟାମ ପ୍ରକଳ୍ପ ଉତ୍ତରପ୍ରଦେଶର ପାହାଡ଼ିଆ ଅଞ୍ଚଳରେ ଗଙ୍ଗା ଏବଂ ଏହାର ଉପନଦୀଗୁଡିକୁ କ୍ଷତି ପହଞ୍ଚାଇଛି। ନଦୀର ଅନେକ ସ୍ଥାନରେ ଡ୍ୟାମ୍ ଏବଂ ବ୍ୟାରେଜ୍ ଅଛି । ଯେତେବେଳେ ବି ଆମେ ନଦୀ ବିଷୟରେ କଥା ହେବା, ଆମକୁ ମନେ ରଖିବା ଉଚିତ ଯେ ପରିଷ୍କାର ଏବଂ ମୁକ୍ତ ପ୍ରବାହିତ ନଦୀ, ବନ୍ଧ ଏବଂ ବ୍ୟାରେଜ୍ ଏକତ୍ର ଫିଟ୍ ହୁଏ ନାହିଁ । ଯଦି ଆମେ ଏକ ନଦୀରୁ ଏତେ ଜଳ ବାହାର କରିଥାଉ, ତେବେ ଏହା ଆଉ ମୁକ୍ତ ଏବଂ ସୁସ୍ଥ ପ୍ରବାହିତ ନଦୀ ହୋଇ ପାରିବ ନାହିଁ । ବିଶାଳ ଡ୍ୟାମ ପଛରେ ନିର୍ମିତ ଏହି ବିଶାଳ ଡ୍ୟାମ ଉତ୍ତରପ୍ରଦେଶ ଏବଂ ଉତ୍ତରପ୍ରଦେଶର ୨୭ କୋଟିରୁ ଅଧିକ ଲୋକଙ୍କୁ ପାନୀୟ ଜଳ ଯୋଗାଇଥାଏ, କିନ୍ତୁ ମନୁଷ୍ୟକୃତ ହ୍ରଦକୁ ପ୍ରଭାବିତ କରିଥାଏ। ଉତ୍ତରାଖଣ୍ଡରେ ପ୍ରାକୃତିକ ବିପର୍ଯ୍ୟୟର ଗତି ଅଭୂତପୂର୍ବ ଭାବରେ ବୃଦ୍ଧି ପାଇଛି। ଶତାବ୍ଦୀ ଧରି ଏହି ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକମାନେ ବର୍ତ୍ତମାନ ଭୟଭୀତ ହେବାକୁ ଲାଗିଲେଣି । ବିନାଶର କଙ୍କାଳ ନଦୀଗୁଡ଼ିକରେ ଛିନ୍ନଭିନ୍ନ ହୋଇ ପଡିଛି। ଏହି ନଦୀଗୁଡିକର ଶକ୍ତିରୁ ଉତ୍ପାଦିତ ବିଦ୍ୟୁତ୍ ଦିଲ୍ଲୀ, ରାଜସ୍ଥାନ, ଜାମ୍ମୁ-କାଶ୍ମୀର, ହରିୟାଣା, ଉତ୍ତରପ୍ରଦେଶ ଏବଂ ଉତ୍ତରପ୍ରଦେଶର ଆବଶ୍ୟକତା ପୂରଣ କରେ। ତେହେରୀ ଡ୍ୟାମ ଜଳ ୩୦ କିଲୋମିଟର ଦୂର ଦିଲ୍ଲୀ ଏବଂ ଏନସିଆର'ରେ ପହଞ୍ଚିଛି, କିନ୍ତୁ ଏହି ଯୋଗାଣ ପାଇଁ ଭାରି ମୂଲ୍ୟ ଦେବାକୁ ପଡୁଛି। ପ୍ରୋଜେକ୍ଟଗୁଡିକ ଏହି ବୃହତ ହିମାଳୟ ରାଜ୍ୟଗୁଡିକର ରାଜନୈତିକ ଅର୍ଥନୀତିର ଏକ ଅଂଶ ହୋଇସାରିଛି । ଏହି ରାଜ୍ୟ ସରକାରମାନେ ଟଙ୍କା ଉଠାଇବା ପାଇଁ ସଂଘର୍ଷ କରୁଛନ୍ତି । ଏଭଳି ପରିସ୍ଥିତିରେ ବଡ ନିର୍ମାଣ ପ୍ରକଳ୍ପ ପାଇଁ ପାଣି ସଂଗ୍ରହ କରିବାର ଏକ ଉପାୟ ପରି ମନେହୁଏ, କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ମଧ୍ୟ ଏହାର ପରିଣାମ ସହିତ ଆସିଥାଏ । ପର୍ବତରୁ ଓହ୍ଲାଇବା ପରେ ଗଙ୍ଗା ଉତ୍ତର ଭାରତର ବିସ୍ତୃତ ସମତଳ ଆଡକୁ ମୁହାଁଇଥାଏ ଏବଂ ଏଠାରେ ଏହାକୁ ଅନେକ ବ୍ୟାରେଜ୍ ଦ୍ୱାରା ବନ୍ଦ କରିଦିଆଯାଏ । ଏହି ବ୍ୟାରେଜ ନଦୀର ବହୁ ଜଳକୁ ଜଳସେଚନ କରିବା ପାଇଁ ସୃଷ୍ଟି ହୋଇଥିବା ତରଙ୍ଗରେ ଖେଳିଥାଏ । ଉପର, ମଧ୍ୟମ, ପୂର୍ବ ଏବଂ ନିମ୍ନ ଗଙ୍ଗା କେନାଲର ଲମ୍ବ ୬୫୮୨ କିଲୋମିଟର । ଏହି ତରଙ୍ଗ ପ୍ରାୟ ନଅ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିଥାଏ ଏବଂ ୧୩ ଟି ଜିଲ୍ଲାକୁ ପାନୀୟ ଜଳ ଯୋଗାଇଥାଏ, କିନ୍ତୁ ସେମାନଙ୍କ ଯୋଗୁଁ ନଦୀ ହାରାହାରି, ପ୍ରତି ସେକେଣ୍ଡରେ ଅଢେଇରୁ ତିନି ଶହ ବର୍ଗ ମିଟର ଜଳ ନିର୍ଗତ ହୁଏ । ବର୍ତ୍ତମାନ ଏହି ତରଙ୍ଗ ଉପରେ ଏବଂ ଏହାର ଆଖପାଖରେ ରହୁଥିବା କୃଷକମାନେ ମଧ୍ୟ ଗଙ୍ଗାର ଜଳସ୍ତର ହ୍ରାସର ପ୍ରଭାବ ଅନୁଭବ କରିବା ଆରମ୍ଭ କରିଛନ୍ତି । କେନାଲଠାରୁ ଦୂରରେ ରହୁଥିବା କୃଷକମାନେ ଜଳସେଚନ ପାଇଁ ଭୂତଳ ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । କାରଣ କୃଷକମାନେ କୁହନ୍ତି ଯେ କେନାଲରେ ଜଳ ଅଛି, କିନ୍ତୁ ଯଦି ଏହି ଜଳ ଭୂମିରେ ଦିଆଯାଏ, ତେବେ ଏହାର ପ୍ରଭାବ ୧୫ ଦିନ ମଧ୍ୟରେ ଦୃଶ୍ୟମାନ ହେବ। ଏହି ଜଳ ଅପରିଷ୍କାର ଥିବାରୁ ଫସଲ ନଷ୍ଟ ହୋଇଯିବ। ୧୯୬୦ ଦଶକର ସବୁଜ ବିପ୍ଳବ ସମୟରେ , ସେବେଠାରୁ ଉତ୍ତର ଭାରତର ବୃହତ୍ ଅଞ୍ଚଳରେ ଭୂତଳ ଜଳ ସ୍ତର କ୍ରମାଗତ ଭାବେ ହ୍ରାସ ପାଉଛି। ଯେଉଁ ଅଞ୍ଚଳରେ ୨୦ ଫୁଟ ଗଭୀରତାରେ ଜଳ ଉପଲବ୍ଧ ଥିଲା, ଆଜି ଭୂତଳ ଜଳ ୧୫୦ ଫୁଟ ଗଭୀରକୁ ଖସି ଆସିଛି ଏବଂ ଏହା ମଧ୍ୟ ସ୍ପଷ୍ଟ ହେବାରେ ଲାଗିଛି। ଭାରତ ପୃଥିବୀର ସବୁଠାରୁ ଭୂତଳ ଜଳ ଉତ୍ପାଦନ କରେ । ଭାରତର କେନ୍ଦ୍ର ଜଳ ଆୟୋଗର ଏକ ରିପୋର୍ଟ ଅନୁଯାୟୀ ଦେଶରେ ୧.୩ ପ୍ରତିଶତ ଜଳ ଶିଳ୍ପ ବ୍ୟବହାର ପାଇଁ, ୬.୬ ପ୍ରତିଶତ ଘରୋଇ ବ୍ୟବହାର ଏବଂ ୬.୫ ପ୍ରତିଶତ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି । କିନ୍ତୁ ଚାଷର ପୁରାତନ ପାରମ୍ପାରିକ ପଦ୍ଧତି ଏସବୁଠାରୁ ଅଧିକ । ଭାରତୀୟ କୃଷକ ୮୫.୩୮ ପ୍ରତିଶତ ଭୂତଳ ଜଳ ବାହାର କରନ୍ତି । ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଭୂତଳ ଜଳ ଏହିପରି ଜାରି ରହେ, ଆଗାମୀ ବର୍ଷରେ ଅମଳ ୨୦ରୁ ୩୦ ପ୍ରତିଶତ ହ୍ରାସ ପାଇବ ଏବଂ ଶେଷରେ ନଦୀଗୁଡ଼ିକ ମଧ୍ୟ ମରିଯିବ । ଭୂତଳ ଜଳ ଶୋଷଣର ପ୍ରଭାବ ହେଉଛି ବର୍ତ୍ତମାନ ଭୂତଳ ଜଳକୁ ରିଚାର୍ଜ କରୁଥିବା ନଦୀ ଜଳ ମଧ୍ୟ ବିଷ ଛାଡିଛି। ଏହି କାରଣରୁ, ଗଙ୍ଗା ଏହାକୁ ପାଇବା ପରିବର୍ତ୍ତେ ଜଳ ହରାଉଛି । ଆଇଆଇଟି ଖଡ଼ଗପୁରର ଏକ ଅନୁସନ୍ଧାନ ଅନୁଯାୟୀ ଉତ୍ତର ଏବଂ ପୂର୍ବ ଭାରତର ଭୂତଳ ଜଳ ରିଚାର୍ଜ ହେବା ପରିବର୍ତ୍ତେ ଶୁଖିଯାଉଛି। ଜନସଂଖ୍ୟା ବୃଦ୍ଧି ଏବଂ ସବୁଜତା ହ୍ରାସର ପ୍ରଭାବ ବର୍ତ୍ତମାନ ଗଙ୍ଗା ଉପରେ ଦୃଶ୍ୟମାନ ହେଉଛି । ଏଠାରେ ଉପସ୍ଥିତ ଆର୍ଦ୍ରଭୂମି ଭୂତଳ ଜଳକୁ ରିଚାର୍ଜ କରି ନଦୀକୁ ଜଳ ଦେଇଥାଏ ।କିନ୍ତୁ ଭାରତରେ ଗଡ଼ିଆ, ପୋଖରୀ ଏବଂ ଆର୍ଦ୍ରଭୂମିର ଅବସ୍ଥା ମଧ୍ୟ ଖରାପ ଅଟେ। ଅଧିକାଂଶ ଆର୍ଦ୍ରଭୂମି ଅତିକ୍ରମଣ ଏବଂ ବାସସ୍ଥାନର ଶିକାର ହୋଇଛନ୍ତି। ଏହି କାରଣରୁ, ନଦୀ ବଢିର ପ୍ରଭାବ ଅଧିକ ସାଂଘାତିକ ହେବାରେ ଲାଗିଛି । ଗତ ୩୦ ବର୍ଷର ତଥ୍ୟ ଦର୍ଶାଉଛି ଯେ ବନ୍ୟା ପରିସ୍ଥିତି ପୂର୍ବ ଅପେକ୍ଷା ଏକ ବୃହତ୍ ଅଞ୍ଚଳରେ ବ୍ୟାପିଛି। ଅତୀତର ଅଜ୍ଞତା ମଧ୍ୟ ଏଥିପାଇଁ ଦାୟୀ । ସ୍ୱାଧୀନତା ପୂର୍ବରୁ ମଧ୍ୟ ଅନେକ ନିମ୍ନମାନର ସ୍ଥାନ ମଶା ପ୍ରଜନନ କ୍ଷେତ୍ର ଭାବରେ ବିବେଚନା କରାଯାଉଥିଲା। ସେଠାରେ ଜଳ ସ୍ଥଗିତ ହୋଇ ମଇଳା ଜମୁଥିଲା ଏବଂ ସେଠାରୁ ମ୍ୟାଲେରିଆ ବ୍ୟାପୁଥିଲା । ଏହି କ୍ଷେତ୍ରଗୁଡିକ ଖୋଜିବା ଏବଂ ସେଠାରେ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଗଙ୍ଗା-ଯମୁନାର ବିସ୍ତୃତ ସମତଳ ଭୂମିରେ, ଯେଉଁଠାରେ ବନ୍ୟା ଏବଂ ବର୍ଷା ଜଳ ଜମା ହେଉଥିଲା, ବର୍ତ୍ତମାନ ସେଠାରେ ମାନବ ଜନସଂଖ୍ୟା ଏବଂ ଏହାର ଆବର୍ଜନା ସେଠାରେ ବ୍ୟାପିଛି । ଅଧ୍ୟୟନରୁ ଜଣାପଡିଛି ଯେ ଗଙ୍ଗାକୁ ରିଚାର୍ଜ କରୁଥିବା ୭୦% ଆର୍ଦ୍ରଭୂମି ଆଜି ବହୁତ ଖରାପ ଅବସ୍ଥାରେ ଅଛି। ବନ୍ୟା ଅଞ୍ଚଳରେ ବିପର୍ଯ୍ୟୟ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭୂତଳ ଜଳ ଦୃଷ୍ଟିକୋଣରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ହେଉଛି ଏକ ପଦ୍ଧତି ଯାହା ମାଧ୍ୟମରେ ଆପଣ ନଦୀକୁ ପାଣି ନେଇପାରିବେ । କେବଳ ସେତେବେଳେ ନଦୀର ପରିବେଶ ନିୟନ୍ତ୍ରଣ ଅକ୍ଷୁଣ୍ଣ ରହିବ ଏବଂ ଅନ୍ୟଥା ନଦୀଗୁଡ଼ିକ ଶୁଖିଯିବ। ଆଇଆଇଟି ଖଡ଼ଗପୁର ନିଜେ କରିଥିବା ଅନୁସନ୍ଧାନରୁ ଜଣାପଡିଛି ଯେ ୧୯୭୭ ତୁଳନାରେ ଆଜି ଗଙ୍ଗା କେତେ ଜଳ ହରାଇଛି, ଭୂତଳ ଜଳ ଶୁଖିଯିବା ଏବଂ ଭାରସାମ୍ୟ ହରାଇବା ଏହାର ମୁଖ୍ୟ କାରଣ ଅଟେ। ସବୁଠାରୁ ବଡ ଚିନ୍ତାର ବିଷୟ ହେଉଛି ଯେ ୨୦୧୬ ପରଠାରୁ ନଦୀ ଭୂତଳ ଜଳକୁ ଓଲଟା ଭରିବାକୁ ଚେଷ୍ଟା କରୁଛି। ଏହା ପୂର୍ବରୁ କେବେ ଦେଖାଯାଇ ନଥିଲା । ମୌସୁମୀକୁ ବାରଣ କରି ବାକି ସମୟ ଜଳ ଅଭାବରେ ପୀଡିତ ହିନ୍ଦୁ ମାନଙ୍କର ପବିତ୍ର ନଦୀ ଏହାର ଭକ୍ତମାନେ ଗଙ୍ଗା ନଦୀକୁ ଅସୁବିଧାରେ ପକାଇଥାନ୍ତି। ଏହାର ସମ୍ପୂର୍ଣ୍ଣ ପ୍ରଣାଳୀରେ କୀଟନାଶକ ଦ୍ୱାରା ବୁଡ଼ି ରହିଛି। ଭାରତରେ ପ୍ରତିବର୍ଷ ୮୦ ହଜାର ଟନରୁ ଅଧିକ ଫୁଲ ଗଙ୍ଗାକୁ ଫୋପାଡି ଦିଆଯାଏ । ଏହି ଫୁଲକୁ ଉତ୍ପାଦନ କରିବା ପାଇଁ ବ୍ୟବହୃତ ସମସ୍ତ କୀଟନାଶକ ନଦୀ ଜଳରେ ମିଶେ ଏବଂ ଏହାକୁ ଅତ୍ୟଧିକ ବିଷାକ୍ତ କରିଥାଏ । ଭାରତ ଏବଂ ବାଂଲାଦେଶରେ ହେପାଟାଇଟିସ୍ ଏବଂ କଲେରା ରୋଗ ହେବାର ଏହା ଏକ ପ୍ରମୁଖ କାରଣ । ଶେଷରେ ଏହି ରାସାୟନିକ ପଦାର୍ଥ ଭୂତଳ ଜଳ ସହିତ ମିଶି ଅପୂରଣୀୟ କ୍ଷତି ଘଟାଏ । ପଶ୍ଚିମବଙ୍ଗରେ ଉପସ୍ଥିତ ଥିବା ଫାରକ୍କା ବ୍ୟାରେଜ୍ ମଧ୍ୟ ଏକ ବଡ଼ ସମସ୍ୟା । ବିହାରର ନେତାଙ୍କ କହିବାନୁସାରେ, ରାଜ୍ୟରେ ବନ୍ୟା ପରିସ୍ଥିତି ପାଇଁ ଫାରକ୍କା ଦାୟୀ । ବନ୍ୟା ଯୋଗୁଁ ବ୍ୟାରେଜ ଉପର ଏବଂ ତଳ ଅଞ୍ଚଳରେ ରହୁଥିବା ଲୋକମାନେ ସ୍ଥାନାନ୍ତର ହେବାକୁ ବାଧ୍ୟ ହେଉଛନ୍ତି ।ବନ୍ୟା ଯୋଗୁଁ ବାଇରେଜର ଉପର ଏବଂ ତଳ ଅଞ୍ଚଳରେ ରହୁଥିବା ଲୋକମାନେ ସ୍ଥାନାନ୍ତର ହେବାକୁ ବାଧ୍ୟ ହେଉଛନ୍ତି। ବାସ୍ତବରେ, ଫରାକ୍କା ବାଇରେଜ୍ ବିଷୟରେ ଅଧିକ ଆଲୋଚନା କରାଯାଏ ନାହିଁ । କେବଳ ଜଳ କୂଟନୀତି କିମ୍ବା ନିର୍ବାଚନ ସମୟରେ ଏହା ବିଷୟରେ ଆଲୋଚନା କରାଯାଇଥାଏ, କିନ୍ତୁ ଯଦି ଆପଣ ଏହାକୁ ସାବଧାନତାର ସହ ଦେଖନ୍ତି ତେବେ ବାଂଲାଦେଶର ନିଜସ୍ୱ ସମସ୍ୟା ଏବଂ ଭାରତର ମଧ୍ୟ ନିଜର ସମସ୍ୟା ରହିଛି। ଭୂମିରୁ ପ୍ରବାହିତ ନଦୀ, ତାହା ମଧ୍ୟ ଫରାକ୍କା ଉପରେ ଏବଂ ତଳେ, କାରଣ ବ୍ୟାରେଜ୍ ନଦୀ ପ୍ରବାହକୁ ଅସ୍ୱାଭାବିକ ଭାବରେ ପ୍ରଭାବିତ କରିଛି । ଗଙ୍ଗାରେ ଦ୍ରବୀଭୂତ ହୋଇଥିବା ୭୦୦ ମିଲିୟନରୁ ଅଧିକ ମେଟ୍ରିକ୍ ଟନ୍ କାଦୁଅର ପ୍ରାୟ ଅଧା ଅଂଶ ଫାରାକ୍କା ରୋକି ଦିଏ । ଏହିପରି ଭାବରେ, ଗଙ୍ଗାର ଗୋଟିଏ ସ୍ରୋତ ପଦ୍ମା ଭାବରେ ବାଂଲାଦେଶରେ ପ୍ରବେଶ କରେ ଏବଂ ଅନ୍ୟଟି ହୁଗଲି ଭାଗୀରଥୀ ଗଙ୍ଗାସାଗର ଆଡକୁ ପ୍ରବାହିତ ହୁଏ, କିନ୍ତୁ ପୃଥିବୀର ବୃହତ୍ତମ ଡେଲ୍ଟା ସୁନ୍ଦରବନକୁ ସୁସ୍ଥ ରଖିବା ପାଇଁ ଉଭୟ ସ୍ରୋତରେ ପର୍ଯ୍ୟାପ୍ତ ପରିମାଣର ଜଳ ନାହିଁ। ଏହାର କାରଣ ହେଉଛି ସମୁଦ୍ର ପତ୍ତନ ବୃଦ୍ଧି ଏବଂ ଏସିଡ୍ ଅଭାବ ହେତୁ ସୁନ୍ଦରବନ ଏବଂ ଏହାର ବାସିନ୍ଦା ବୁଡ଼ି ଯାଉଛନ୍ତି। ଭାରତୀୟ ଉପମହାଦେଶର ଜଙ୍ଗଲ ଏବଂ ଉଦ୍ଭିଦଗୁଡିକରେ ଜୀବନ ନିଶ୍ୱାସ ନେଉଥିବା ଗଙ୍ଗା ଏହାର ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି ଏବଂ ଏହା ହିମାଳୟକୁ ଜଣା ଏବଂ ଭାରତ ମହାସାଗରକୁ ମଧ୍ୟ ।



ସୁଜନପୁର , ଯାଜପୁର
୯୩୪୮୭୬୮୮୧୨

## ୨୦୦ ବୋତଲ ଆସ୍କା ଫର୍ଟି ଜବତ, ବେପାରୀ ଗିରଫ

ନିରାକାରପୁର, ୨୬/୪ (ନିପ୍ର): ପାଖେଇ ଆସୁଛି ୨୦୨୪ ସାଧାରଣ ନିର୍ବାଚନ । ନିର୍ବାଚନକୁ ଆଖି ଆଗରେ ରଖି ମଦ ବେପାରୀ ମାନେ ହେଲେଣି ସକ୍ରିୟ । ନିର୍ବାଚନ ପୂର୍ବରୁ ମଦ ଗୁଡିକୁ ଗାଁ ଗହଳି ଅଂଚଳରେ



ମହଜୁଦ ରଖି ବ୍ୟବସାୟ କରିବାକୁ ଚୋରା ଲାଭଖୋର ମଦ ବେପାରୀମାନେ ମନ ବଳାଇଛନ୍ତି । ଆଜି ଭୂଷଣ୍ଡପୁର ଅଂଚଳର ମଦ ବେପାରୀ ନିର୍ମଳ ବେହେରା ୨୦୦ବୋତଲ ଆସ୍କା ଫର୍ଟି ମଦ ଏକ ଲୁନାରେ ନେଇ ଯାଉଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ନିରାକାରପୁର ପୋଲିସ ପକ୍ଷରୁ ଡିଆ ଗାଁ ରାସ୍ତାରେ ଅତର୍କିତ ଚଢ଼ାଉ କରାଯାଇଥିଲା । ପୋଲିସ ଚୋରା ମଦ ବେପାରୀକୁ ଗିରଫ କରି ତା ଠାରୁ ୨୦୦ ବୋତଲ ଆସ୍କା ଫର୍ଟି ମଦ ଓ ବ୍ୟବହୃତ ମୋଟର ସାଇକେଲକୁ ଜବତ କରିଛି ପୋଲିସ । ଏନେଇ ନିରାକାରପୁର ଥାନାରେ ୧୧୯/୨୪ରେ ଏକ ମାମଲା ରୁଜୁ କରିଥିବା ଏ ଏସ ଆଇ ତପନ କୁମାର ପ୍ରଧାନ ଜଣାପଡ଼ିଛି ।

## ବିଜେଡ଼ିରେ ରାଜଗୋପାଳ ଓ ରଘୁବୀର

ଭୁବନେଶ୍ୱର, ୨୬।୪: ବୀରମହାରାଜପୁର ନିର୍ବାଚନମଣ୍ଡଳୀର ଜିଲ୍ଲା କଂଗ୍ରେସ ଉପସଭାପତି ରାଜଗୋପାଳ ପାଣିଗ୍ରାହୀ ଓ ପୂର୍ବତନ ବିଜେପି ରାଜ୍ୟ କିଷାନ ମୋର୍ଚ୍ଚା କୋଷାଧ୍ୟକ୍ଷ ରଘୁବୀର ପାଣିଗ୍ରାହୀଙ୍କ ସହ ବହୁ ନେତା ଏବଂ କର୍ମକର୍ତା ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ ହୋଇଥିବା ରାଜଗୋପାଳ ପାଣିଗ୍ରାହୀ ଓ ରଘୁବୀର ପାଣିଗ୍ରାହୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ବେହେରା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବରେ ପ୍ରେମାନନ୍ଦ ଜଟି, ହରିହର ପାତ୍ର, ନିତ୍ୟାନନ୍ଦ ସାହୁ ଓ ରୁଷଭ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ବିଜେଡ଼ିରେ ସାମିଲ ହୋଇଥିଲେ ।

## ନବରଙ୍ଗପୁର ଗସ୍ତରେ ଭିକେ ପାଣ୍ଡିଆନ

ଡ଼ାବୁଗାଁ, ୨୬।୪ (ନିପ୍ର): ବିଜେଡି ନେତା କାର୍ତ୍ତିକେୟନ ପାଣ୍ଡିଆନ ମଧ ଦକ୍ଷିଣ ଓଡ଼ିଶାରେ ପ୍ରଚାର ଅଭିଯାନ ଜାରି ରହିଛନ୍ତି । ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ଉମରକୋଟ, ଝରିଗାଁ, ଡାବୁଗାଁ ଓ ନବରଙ୍ଗପୁର ନିର୍ବାଚନ ମଣ୍ଡଳିର ପାପଡ଼ାହାଣ୍ଡିରେ ପାଣ୍ଡିଆନଙ୍କ ପ୍ରଚାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ପ୍ରଥମେ ଉମରକୋଟ ଏବଂ ପରେ ମଇଦଲପୁର କଲେଜ ପଡିଆ ପରିସରରେ ହେଉଥିବା ନିର୍ବାଚନୀ ସଭାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଯୋଗ ଦେଇଛନ୍ତି ବିଜେଡି ନେତା ଭି. କେ ପାଣ୍ଡିଆନ୍ । ଉକ୍ତ ନିର୍ବାଚନୀ ସଭାରେ ନବରଙ୍ଗପୁର ବିଜେଡି ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀ ଯୋଗ ଦେଇ ବିଜେଡ଼ି ସପକ୍ଷରେ ଭୋଟ ନିବେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଚାର ସଭାରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା ।

## ୫ମ ପର୍ଯ୍ୟାୟ ମତଦାନ ପାଇଁ ନାମାଙ୍କନ

ରାଉରକେଲା ୨୬/୪, (ନିପ୍ର): ଶୁକ୍ରବାର ପଞ୍ଚମ ପର୍ଯ୍ୟାୟ ସାଧାରଣ ନିର୍ବାଚନର ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ନାମାଙ୍କନର ପ୍ରଥମ ଦିନ । ଓଡିଶାରେ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ବରଗଡ, ସୁନ୍ଦରଗଡ, ବଲାଙ୍ଗୀର, କନ୍ଧମାଳ, ଆସ୍କା ଲୋକସଭା ଆସନ ସହିତ ୩୫ଟି ବିଧାନସଭା ଆସନ ପାଇଁ ନାମାଙ୍କନ ପତ୍ର ମେ ୩ ତାରିଖ ପର୍ଯ୍ୟନ୍ତ ଦାଖଲ କରାଯିବ । ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିନରେ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏସୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ବେହେରା ନାଏକ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ପ୍ରାର୍ଥୀ ବେହେରା ନାଏକଙ୍କ ପ୍ରସ୍ତାବକ ଭାବରେ କିନୁ ଲୌହାର ଏବଂ ସମର୍ଥକ ଭାବରେ କ୍ଷେତ୍ରବାସୀ ସେଠି, ଛବି ମହାନ୍ତି ଓ ଶଙ୍କର ଦାସଗୁପ୍ତା ନାମାଙ୍କନ ପତ୍ରରେ ସ୍ୱାକ୍ଷର କରିଥିଲେ । ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବିରମିତ୍ରପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜନ ସମସ୍ୟା ନେଇ ଆମେ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଜନସାଧାରଣଙ୍କ ନିକଟକୁ ଯିବୁ ଏବଂ ଆମେ ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ପ୍ରଚେଷ୍ଟା କରିବୁ ।

## ଫତେଗଡ ଥାନା ପକ୍ଷରୁ ଖୋଲିଲା ଜଳଛତ୍ର

ଭାପୁର, ୨୬।୪ (ନିପ୍ର): ଗ୍ରୀଷ୍ମର ଅସହ୍ୟ ତାତି ଦିନକୁ ଦିନ ବଢିବା ସହିତ ବର୍ତ୍ତମାନ ଭାପୁର ବ୍ଲକ ଅଞ୍ଚଳ ରେ ୪୦ ଡିଗ୍ରୀରୁ ଉପରେ ତାପମାତ୍ରା ଅତିକ୍ରମ କରିଛି । ଏହିଭଳି ସ୍ଥିତିକୁ ଦୃଷ୍ଟିରେ ରଖି ଫତେଗଡ ଥାନାଧିକାରୀ ସୁଜିତ୍ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଥାନା ସମ୍ମୁଖରେ ଶୁକ୍ରବାର ଏକ ଜଳଛତ୍ର କାର୍ଯ୍ୟକ୍ରମକୁ ଖଣ୍ଡପଡ଼ା ଆରକ୍ଷୀ ଉପଖଣ୍ଡ ଅଧିକାରୀ ବିମଳ କୁମାର ବାରିକ ଉପସ୍ଥିତ ରହି ଶୁଭ ଉଦ୍‌ଘାଟନ କରିଛନ୍ତି । ପ୍ରଥମ ଦିନରେ ଜନସାଧାରଣଙ୍କ ପାଇଁ ଦହି ସରବତର ବ୍ୟବସ୍ଥା ହୋଇଥିଲା । ଏହି ଦହି ସରବତ ଉଦଘାଟନୀ କାର୍ଯ୍ୟକ୍ରମରେ ଥାନାର ସମସ୍ତ କର୍ମଚାରୀ ଏବଂ ଭାପୁର ବ୍ଲକର ବହୁ ସମାଜସେବୀ, ଜନପ୍ରତିନିଧି, ସମ୍ବାଦଦାତା, ଏବଂ ଶିକ୍ଷାବିତ୍ ଯୋଗ ଦେଇଥିଲେ । ଫତେଗଡ ଥାନାର ଏତାଦୃଶ କାର୍ଯ୍ୟପାଇଁ ଉପସ୍ଥିତ ବୁଦ୍ଧିଜୀବୀମାନେ ଭୂୟସୀ ପ୍ରଶଂସା କରିଥିଲେ ।

## ସାହିତ୍ୟିକ ଭାଗିରଥି ବେହେରା ପାଇଲେ ଶିକ୍ଷା ପ୍ରଦୀପ ସମ୍ମାନ

କାଶୀନଗର, ୨୬।୪ (ନିପ୍ର); କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ମଧ୍ୟରେ ଥିବା ବୈଠକ ଗୃହ ମଧ୍ୟରେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୩ତମ ଜନ୍ମ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ବଂଶଧାରା ପାଠାଗାର ସଭାପତି ହୃଷିକେଶ ଗୌଡ଼ ଓ ପ୍ରେସ କ୍ଲବ ସଭାପତି ଆନନ୍ଦ ଚନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି ଜନ୍ମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବରୁ ଧର ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜଣେ ସୁପରିଚିତ ଲେଖକ ଓ ସାହିତ୍ୟିକ ଭାଗିରଥି ବେହେରା, ସ୍ଥାନୀୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗବତ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ସି ଡି ପି ଓ କନକ ଲତା ପୂଜାରୀ, ୟୁନିଅନ ବ୍ୟାଙ୍କ ପ୍ରବନ୍ଧକ ପ୍ରବୀନ କୁମାର ଓ ସାହିତ୍ୟିକ ରବୀନ୍ଦ୍ର କୁମାର ମଲ୍ଲିକ ମଂଚାସୀନ ହୋଇ ଗଜପତି ରାଜାଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ନବ ଉତ୍କଳର ନିର୍ମାତା ମହାରାଜା ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପବିତ୍ର ଜନ୍ମ ଜୟନ୍ତୀ ଅବସରରେ ବଂଶଧରା ପାଠାଗାର ତରଫରୁ ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜଣେ ସୁପରିଚିତ ଲେଖକ ଭାଗିରଥି ବେହେରାଙ୍କୁ ଶିକ୍ଷା ପ୍ରଦୀପ ଆଖ୍ୟା ଦେଇ ସମ୍ମାନିତ କରାଯାଇଥିବା ବେଳେ ପ୍ରତିଭା ସାଧନା କ୍ଷେତ୍ରରେ ସି ଡି ପି ଓ କନକ ଲତା ପୂଜାରୀ, କବି ଜୟ ମିଶ୍ର, ୟୁନିଅନ ବ୍ୟାଙ୍କ ପ୍ରବନ୍ଧକ ପ୍ରବୀନ କୁମାର ଓ ଗାୟକା ତଥା ଶିକ୍ଷୟିତ୍ରୀ ସାବିତ୍ରୀ ରାଣୀ ସାହୁଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ମାନପତ୍ର ଦିଆଯାଇଥିଲା । କବିରାଜ ରମାକାନ୍ତ ପାତ୍ରଙ୍କୁ ମଧ୍ୟ ପ୍ରତିଭା ସାଧନା କ୍ଷେତ୍ରରେ ସମ୍ମାନ ଦିଆଯାଇଥିଲା ଶିକ୍ଷକ ଅଶୋକ କୁମାର ଗୌଡ଼ ଆସିଥିବା ଅତିଥିମାନଙ୍କୁ ଧନ୍ୟବାଦ ଦେଇଥିଲେ ।

# ଗୁଣପୁର ନିର୍ବାଚନ ମଣ୍ଡଳୀ : ନବୀନଙ୍କ ବିକାଶ ଦେଖି ବିରୋଧୀଙ୍କ ନିଦ ହଜିଯାଇଛି

ଗୁଣପୁର, ୨୬।୪ (ନିପ୍ର): ରାୟଗଡା ଜିଲ୍ଲା ଗୁଣପୁର ଠାରେ ଏକ ନିର୍ବାଚନୀ ସଭାକୁ ଉଦଭୋଦନ ଦେଇ ୫-ଟି ସଚିବ ତଥା ବିଜେଡିର ଷ୍ଟାର ପ୍ରଚାରକ ଭିକେ ପାଣ୍ଡିଆନ୍ ନବୀନ ସରକାରଙ୍କ ଜନହିତକର କାର୍ଯ୍ୟର ରିପୋର୍ଟ କାର୍ଡ ଦେବା ହିଁ ଯୋଡ଼ି ଶଙ୍ଖ ପାଇଁ ଭୋଟ ନିବେଦନ କରିଥିଲେ । ସ୍ଥାନୀୟ ବଂଶଧାରା ବସନ୍ତ ମହୋତ୍ସବ ପଡିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାଣ୍ଡିଆନଙ୍କ ଆଗମନ ପରେ ପ୍ରଥମେ ଦଳୀୟ ନେତା ଓ କର୍ମୀମାନଙ୍କ ଦ୍ୱାରା ହେଲିପେଡ୍ ବାହାରେ ପାଣ୍ଡିଆନ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ପରେ ରାମେଶ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ନୂନୁ ପାଢ଼ୀ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ସେ ପେଣ୍ଡାଲ ଚାରିପାଖରେ ହଜାର ହଜାର ଲୋକଙ୍କୁ ଦେଖି ଘୂରିବୁଲି ଲୋକଙ୍କ ସହ ହାତ ମିଳାଇ ମଞ୍ଚକୁ ଯାଇଥିଲେ । ଗତ ଜୁନ୍ ମାସରେ ଗୁଣପୁର ଗସ୍ତ ସମୟରେ ମିଳିଥିବା ବିଭିନ୍ନ ଅଭିଯୋଗ ପ୍ରକାରେ ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନମଣ୍ଡଳୀକୁ ୧୩୭୦ କୋଟି ଟଙ୍କା ମଞ୍ଜୁର କରିବା ପରେ ସବୁ କାର୍ଯ୍ୟ ଆରମ୍ଭ ହୋଇଛି । ଏହାରି ମଧ୍ୟରେ ବଂଶଧାରା ନଦୀ, ହରଭାଙ୍ଗି ନଦୀ, ବିର୍ଶା ନାଳ ଇତ୍ୟାଦି ରେ ଜଳସେଚନ ପ୍ରକଳ୍ପ, ମାରିଚଗୁଡ଼ାରେ ଥିବା ମାତାରବନମ ମନ୍ଦିର , ଗୁଣପୁର ସହରର ସେଫାଳି ପାହାଡ ଉପର ଥିବା ରାମେଶ୍ୱର ମନ୍ଦିର , ୭୦ଟି ହାଇସ୍କୁଲର ରୁପାନ୍ତିକରଣ ଇତ୍ୟାଦି ପ୍ରକଳ୍ପ ଅନ୍ତର୍ଭୁକ୍ତ । ବିଭିନ୍ନ ଚର୍ଚ୍ଚ ମନ୍ଦିର ଓ ମସଜିଦ୍ ପାଇଁ ମଧ ଅନୁଦାନ ଦିଆ ଯାଇଛି । ଜନଜାତିମାନଙ୍କୁ ନୂତନ ପରିଚୟ ଦବା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ହୋଇଛି । ନିସ୍ୱାର୍ଥପର ଭାବେ ନବୀନ ବାବୁ ଓଡ଼ିଶା ପାଇଁ କାର୍ଯ୍ୟ କରି ଚାଲିଛନ୍ତି । ଏହାକୁ ଦେଖି ବିରୋଧୀଙ୍କ ନିଦ ହଜି ଯାଇଛି । ଏବେ କୁମ୍ଭିର କାନ୍ଦଣା କାନ୍ଦୁଛନ୍ତି । ବିଏସକେୱାଇ କାର୍ଡକୁ ବନ୍ଦ କରିବା ପାଇଁ ବିରୋଧୀ ଦଳ ଚକ୍ରାନ୍ତ କରୁଛନ୍ତି । ଏହି ଯୋଜନାରେ ଗୁଣପୁର ନିର୍ବାଚନ ମଣ୍ଡଳୀରେ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଏହି କାର୍ଡ ପାଇଛନ୍ତି । ଏହି ମଞ୍ଚରେ ଉପସ୍ଥିତ ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଓ ସାଂସଦ ପ୍ରାର୍ଥନୀ କୌଶଲ୍ୟା ହିକକା ମଧ୍ୟ ନିଜ ପାଇଁ ଭୋଟଭିକ୍ଷା କରି ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରନ୍ତୁ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲା ସଭାପତି ଏନ ଭାସ୍କର ରାଓ ଓ ସୁଧିର ଦାସଙ୍କ ସମେତ ସମସ୍ତ ବିଜୁ ପରିବାର ଏକାଠି ହୋଇ କାର୍ଯ୍ୟ କରିବାକୁ ପାଣ୍ଡିଆନ୍ ଆହ୍ୱାନ ଦେଇ ପରୋକ୍ଷରେ ଉଭୟ ନେତାଙ୍କୁ ଚେତେଇ ଦେଇ ଥିଲେ । ଏହି ଅବସରରେ ରାଜ୍ୟ ବିଜୁ ଛାତ୍ର ଜନତା ଉପ ସଭାପତି ପିଙ୍କୁ ପଣ୍ଡାଙ୍କ ନେତୃତ୍ୱରେ ବହୁ ଯୁବଛାତ୍ର ଗୋଷ୍ଠୀ ଏକାଠି ହୋଇ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁରର ବିଜେଡି ନେତା ଦୁର୍ଗା ସାହୁ, ଲିଡ ପାଢି, ଦେବା ପଣ୍ଡା, ଗୋଦାବରୀ ରାଉତ ,କୈଳାସ କ୍ରାସ୍କା,ରଘୁନନ୍ଦନ ନାୟକ, ସୁବାସ ଶବର, ତାତାବାବୁ, କିରାନା ଗୋବିନ୍ଦ ରାଓ, ଶିବ ସାହୁ , ଗୁଣପୁରରୁ ରାଜୁ ସାହୁ ରାଜେନ୍ଦ୍ର ପାଢ଼ୀ କୃଷ୍ଣ ସେନାପତି ,ଅଶ୍ୱିନୀ ଗମାଙ୍ଗ , ଇସ୍ମାଇଲ ଶବର , ଦାରା ସିଂ ଶବର , ବନ୍ଧୁ ଗମାଙ୍ଗ , ରାମ ପଣ୍ଡା ,ଦେବୀ ଆଚାର୍ଯ୍ୟ , ମୁନା ପାଣି , ଏସ:ବାବା ପ୍ରସାଦ ,ାସା ଶତପଥୀ , ପୂର୍ଣ୍ଣ ଚନ୍ଦ୍ର ବାଉରୀ , ଟୁକୁନା ରଥ , ପ୍ରଶାନ୍ତ ରଥ, ପ୍ରଭାକର ବାଙ୍ଗା ରି ,ସୁଜିତ୍ ଶତପଥୀ, ଲକ୍ଷ୍ମୀ ମହାପାତ୍ର ,ବୁଲୁ ପାଢ଼ୀ ,ଦିପୁନୁ ମହାକୁଡ଼ ,ଜିତେନ୍ଦ୍ର ନାୟକ ,ଭାଗିରଥି ବିଷୋୟୀ , ରମାନା ଗୁଡ଼ାର ଗଗନ ଆଚାର୍ଯ୍ୟ , ନବୀନ ପିପଳି , ଦାମ କୈବର୍ତ୍ତ , ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଗମାଙ୍ଗ , ଟୁଟୁ ପାଢି, ମଣ୍ଟୁ ମହାରଣା, ସୁଶିଲ ସାହୁ, ଜଗଦୀଶ ନାୟକ ବେହେରା ,ଗୁଡ଼ାରୀ ର ଟୁନା ଗୌଡ଼ , ସନ୍ତୋଷ ମହାନ୍ତି , କେଦାର ସାହୁ , ଚନ୍ଦ୍ରପୁର ବ୍ଲକ ର କଇନ କିମ୍ବାକା ଜିଲ୍ଲା ପରିଷଦ ସଭ୍ୟ ସୁଜିତ୍ ବ୍ରେଡକା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପାଣ୍ଡିଆନ୍‌ଙ୍କ ଆଗମନ ପୂର୍ବରୁ ଓଡିଆ କଳାକାର ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ମନୋରଞ୍ଜନ କାର୍ଯ୍ୟକ୍ରମ ଓ ସରକାରଙ୍କ ସଫଳତା ବିଶେଷ କରି କୋଭିଡ ମହାମାରୀ ସମୟରେ ବିଜେଡି ସରକାର ଲୋକଙ୍କୁ ଯେଉଁ ଭଳି ସହଯୋଗ ର ହାତ ବଢ଼ାଇ ସେବା ଯୋଗାଇଥିଲା ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ ।

## ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ ସାରସ୍ୱତ ସମାରୋହ

ଡେଲାଙ୍ଗ, ୨୬।୪ (ନିପ୍ର); ଇତିହାସ ପ୍ରସିଦ୍ଧ ଘୋରଡ଼ିଆ ଦୟାଣାଚୋରି ଯାତ୍ରା ମେଳଣ ମହୋତ୍ସବ ଅବସରରେ ମେକ୍ ଇନ ଇଣ୍ଡିଆ ଆଣ୍ଡ ମିଡ଼ିଆ ପରିବାର ଓ୍ ଜଳନ୍ଧର ସ୍ମୃତି ସାହିତ୍ୟ ପ୍ରତିଷ୍ଠାନ, ଘୋରଡ଼ିଆ ଆନୁକୂଲ୍ୟରେ ୯ମ ବାର୍ଷିକ ଦୟଣାଚୋରି ସାହିତ୍ୟ ଆସର -୨୦୨୪ ଦୟଣାଚୋରି ଲୋକ ମହୋତ୍ସବ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଧାଉଡ଼ିଆଙ୍କ ପୌରୋହିତ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଓ୍ ସାରସ୍ୱତ ସମାରୋହ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିଶୁ ସାହିତ୍ୟିକ ଡକ୍ଟର ହେମନ୍ତ କୁମାର ଛୋଟରାୟ,ସମ୍ମାନିତ ଅତିଥି ଭାବେ ବିଶ୍ୱମୁକ୍ତିର ସମ୍ପାଦକ ପ୍ରଫେସର ଶଶାଙ୍କ ଶେଖର ଚୂଡ଼ାମଣି, ମାଟିର ମହକ ତଥା ନିମାଇଁ ସାହିତ୍ୟ ସଂସଦର ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକ, ବରିଷ୍ଠ କୃଷି ବୈଜ୍ଞାନିକ ଅଦ୍ୱୈତ ପ୍ରସାଦ ପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ବରିଷ୍ଠ କବି ବିପିନି ବିହାରୀ ଦଳେଇ, ସମାଜସେବୀ ରମେଶ ଚନ୍ଦ୍ର ପାଟଶାଣି, ପ୍ରକାଶ ଚନ୍ଦ୍ର ପାତ୍ର, ଉପଦେଷ୍ଟା ରମେଶ ଚନ୍ଦ୍ର ସ୍ୱାଇଁ, ବିଶ୍ୱ ରଞ୍ଜନ ମହାନ୍ତି, ସମ୍ପଦ କୁମାର ରଥ ପ୍ରମୁଖ ଯୋଗଦେଇ କବି କବୟିତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ ଦୟଣାଚୋରି ଯାତ୍ରାର ଐତ୍ୟହ, ପରମ୍ପରା ଓ୍ କଳା ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଏହି ଆସରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ କବି କବୟିତ୍ରୀ ଯୋଗଦେଇଥିଲେ । କବି ରୋହିତ ଚମ୍ପତି , ପ୍ରଭାସ ଚନ୍ଦ୍ର ମହାପାତ୍ର , ଦୂର୍ତ୍ତୀକୃଷ୍ଣ ମହାନ୍ତି, ସମ୍ପଦ ବେହେରା, ଅଭୟ ଚରଣ ସାହୁ,ଶରତ ରାଉତ , ଅଧିକାରୀ ସ୍ୱାଇଁ, ଜିତେନ୍ଦ୍ର କୁମାର ପେଣ୍ଠଆଇଁ ରବୀନ୍ଦ୍ରନାଥ ଷଡ଼ଙ୍ଗୀ, କିଶୋର କୁମାର ଜେନା, ପ୍ରମୋଦ କୁମାର ଜେନା, କବୟିତ୍ରୀ ସରୋଜିନୀ ଜେନା, ଆଦ୍ୟାଶା ପଟ୍ଟନାୟକ,ପୂର୍ଣ୍ଣ ଚନ୍ଦ୍ର ବେହେରା, ବେଣୁଧର ବେହେରା, ଗଙ୍ଗାଧର ଓଝା, କବୟିତ୍ରୀ ମଲ୍ଲିକା ସିଂହ, ଗୀତାଞ୍ଜଳି ମହାପାତ୍ର , ନଳିନୀପ୍ରଭା ପଟ୍ଟନାୟକ, ଅଭିପ୍ସା ପ୍ରିୟଦର୍ଶିନୀ, ମିଲିନା ସାହୁ, ସଞ୍ଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱ ରଚିତ କବିତା ଆବୃତି କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ, ସମସ୍ତ କବି କବୟିତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ, ପରେ ବନ୍ଦେ ଉତ୍କଳ ଜନନୀ ଜ୍ଞାନ, ସ୍ୱାଗତ ସଂଗୀତ, ଦେଶାତ୍ମକ ସଙ୍ଗୀତ, ସମ୍ବଲପୁରୀ ଓ୍ ନୃତ୍ୟ ଗୀତ କୁନିକୁନି ପିଲାଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନିୟ ଅବଦାନ ପାଇଁ ଡକ୍ଟର ହେମନ୍ତ କୁମାର ଛୋଟରାୟଙ୍କୁ ଚଳିତ ବର୍ଷ ଦୟାଣାଚୋରି ଶ୍ରେଷ୍ଠ କବି ରତ୍ନ ସମ୍ମାନ -୨୦୨୪, ଲକ୍ଷ୍ମୀପ୍ରିୟା ଦାଶଙ୍କୁ ଦୟାଣାଚୋରି ସାରସ୍ୱତ ସମ୍ମାନ, ଅନାମ ମଲ୍ଲିକଙ୍କୁ ଦୟଣାଚୋରି ଗାନ୍ଧୀ ସ୍ୱାଭିମାନ ସମ୍ମାନ, ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ଯଶସ୍ୱୀ କବି ସମ୍ମାନ, ସମ୍ପଦ କୁମାର ରଥଙ୍କୁ ଦୟାଣାଚୋରି ଶ୍ରେଷ୍ଠ ସାରସ୍ୱତ ସମ୍ମାନ, ରୋହିତ ଚମ୍ପତିଙ୍କୁ ଦୟଣାଚୋରି କବି ଗୌରବ ସମ୍ମାନ, ନିରଞ୍ଜନ ନାୟକଙ୍କୁ ଦୟଣାଚୋରି କବି ଶେଖର ସମ୍ମାନ ଏହିପରି ୧୨ ଜଣଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ

## ବିଜେଡି ଦଳୀୟ କାର୍ଯ୍ୟାଳୟ ଉଦ୍ଘାଟନ ସହ ମିଶ୍ରଣ ପର୍ବ

କାଶୀନଗର, ୨୬।୪ (ନିପ୍ର): ପାରଳାଖେମୁଣ୍ଡି ବିଧାନସଭା ବିଜେଡି ପ୍ରାର୍ଥୀ ଇ. ରୂପେଶ ପାଣିଗ୍ରାହୀ କାଶୀନଗର ସହର ମଧ୍ୟରେ ଥିବା ହରିଜନ ସାହି ବସ୍ତି ବସଷ୍ଟାଣ୍ଡ ନିକଟରେ ଓ ଫରେଷ୍ଟ ଗେଟ ଠାରେ ଏପରି ତିନିଟି ଦଳୀୟ କାର୍ଯ୍ୟାଳୟ ଦଳୀୟ ଶୃଙ୍ଖଳା ରକ୍ଷା କରିବା ସହ ଦଳୀୟ ସଦସ୍ୟଙ୍କ ସହ ଶୀଘ୍ର ଯୋଗାଯୋଗ କରିବା ନିମନ୍ତେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ବିଜେଡ଼ି ଉପ ସଭାପତି କାରିମି ଆପ୍ପା ରାଓ, ଟାଉନ ବିଜେଡ଼ି



ସଭାପତି ଆର ଚେଲାପତି ରାଓ, ଉପାଧକ୍ଷ ରଘୁରାମ ସାହୁ, ମହିଳା ନେତ୍ରୀ ମାନସୀ ପାଣିଗ୍ରାହୀ, ବିଜେଡି ଯୁବ ସଭାପତି ରାଜେଶ ମିଶାଲ ଯୋଗ ଦେଇଥିଲେ । ଏମାନଙ୍କ ସହ ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ ଓ ବହୁ ଜିଲ୍ଲାସ୍ତରୀୟ ନେତା ମଧ ଉପସ୍ଥିତ ଥିଲେ । ଦଳୀୟ କାର୍ଯ୍ୟାଳୟ ମଧ୍ୟରେ ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ କାଶୀନଗର ୱାର୍ଡ ନଂ ୫ର କାଉନସିଲର କରିକାନା ରାଜେଶ, ୱାର୍ଡ ନଂ ୨ର ପୂର୍ବତନ କାଉନସିଲର ଏଲ ଏନ ରାଓ, କରିକାନା ତେଜା ଓ ପୂର୍ବରୁ ଭୁବନେଶ୍ୱର ଶଙ୍ଖ ଭବନରେ ଦଳରେ ମିଶିଥିବା ୱାଇ. ଧନଞ୍ଜୟ ମଧ ସାମିଲ ହୋଇ ଦଳକୁ ଆହୁରି ସୁଦୃଢ କରିଥିଲେ । ଗଣମାଧମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ଶ୍ରୀ ପାଣିଗ୍ରାହୀ କହିଥିଲେ, ପୌର ନିର୍ବାଚନ ସମୟରେ କାଶୀନଗର ଭୋଟର ବିଜେଡ଼ି ଦଳକୁ ଭୋଟ ଦେଇଥିଲେ । ଏଠାରେ ସବୁ ବର୍ଗର ଭୋଟର ଯେପରି ମହିଳା, ଛାତ୍ର ଛାତ୍ରୀ ଓ ଯୁବକମାନେ ବିଜେଡ଼ି ଦଳର ବିକାଶ ତଥା ଜନହିତକର କାର୍ଯ୍ୟକ୍ରମ ଉପରେ ଭରସା ବର୍ତ୍ତମାନ ଯାଏଁ ରଖିଛନ୍ତି ।

ନବୀନ ପଟନାୟକଙ୍କ ବିକାଶ ଧାରାକୁ ବଜାୟ ରଖିବାପାଇଁ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଭୋଟର ବିଜେଡ଼ିକୁ ଭୋଟ ଦେଇ ପୁଣି ନବୀନ ବାବୁଙ୍କ ସ୍ୱପ୍ନକୁ ସାକାର କରିବେ ବୋଲି ବକ୍ତବ୍ୟ ରଖିଥିଲେ ।

## ପାରଳାଖେମୁଣ୍ଡିରୁ ବିଜେପି ଓ ଆପ୍ ପ୍ରାର୍ଥୀଙ୍କ ସମେତ ୪ ସ୍ୱାଧୀନ ପ୍ରାର୍ଥୀ ଏବଂ ମୋହନାରୁ ୩ ସ୍ୱାଧୀନ ପ୍ରାର୍ଥୀ ଦାଖଲ କଲେ ନାମାଙ୍କନ

ପାରଳାଖେମୁଣ୍ଡି, ୨୬।୪ (ନିପ୍ର): ଗଜପତି ଜିଲ୍ଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆସନ୍ତା ମେ ମାସ ୧୩ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ତଥା ଶେଷ ଦିନରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରୁ ବିଜେପି ପ୍ରାର୍ଥୀ ପୂର୍ବତନ ବିଧାୟକ କେ.ନାରାୟଣ ରାଓ ଏବଂ ଆପ୍ ପ୍ରାର୍ଥୀ ମନୋଜ ବଡନାଇକଙ୍କ ସମେତ ୪ ଜଣ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ କୁମାର ରାଉତ, ବିଦ୍ୟାଧର ମହାଙ୍କୁଡ , ପ୍ରବିନ୍ଦ୍ର ସିଂହ ଓ ପ୍ରୀତିଲତା ପଟ୍ଟନାୟକ ଏବଂ ମୋହନା ନିର୍ବାଚନ ମଣ୍ଡଳୀରୁ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ରୁବେନ ମଣ୍ଡଳ , ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ ଓ ଜନ ମଲ୍ଲିକ ସତ୍ୟପାଠ ସହ ସେମାନଙ୍କ ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଏହି ଅବସରରେ ବିଜେପି ପ୍ରାର୍ଥୀ କେ. ନାରାୟଣ ରାଓ ତାଙ୍କର ହଜାର ହଜାର ଦଳୀୟ କର୍ମୀ ଓ ସମର୍ଥକଙ୍କ ଗହଣରେ ଏକ ବିରାଟ



ରାଲିରେ ଆସି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡାଙ୍କ ଠାରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ପ୍ରାର୍ଥୀ ଭାବେ ସତ୍ୟପାଠ ସହ ନିଜର ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସେହିଭଳି ଆପ୍ ଦଳ ପକ୍ଷରୁ ମନୋଜ ବଡ଼ନାଇକଙ୍କ ସମେତ ୪ ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ସଞ୍ଜୟ ରାଉତ , ବିଦ୍ୟାଧର ମହାଙ୍କୁଡ, ପ୍ରବିନ୍ଦ୍ର ସିଂହ ଓ ପ୍ରୀତିଲତା ପଟ୍ଟନାୟକ ପ୍ରମୁଖ ସେମାନଙ୍କ ସମର୍ଥକ ମାନଙ୍କ ଗହଣରେ ଆସି ଉପଜିଲ୍ଲାପାଳଙ୍କ ଠାରେ ସତ୍ୟପାଠ ସହ ତାଙ୍କର ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସେହିଭଳି ମୋହନା (ସଂରକ୍ଷିତ) ନିର୍ବାଚନ ମଣ୍ଡଳୀ ପାଇଁ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ରୁବେନ ମଣ୍ଡଳ , ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ ଓ ଜନ ମଲ୍ଲିକ ନିଜର ସମର୍ଥକଙ୍କ ଗହଣରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ରିଟର୍ଣ୍ଣିଂ ଅଫିସର ତଥା ଏଡିଏମ ବିରେନ୍ଦ୍ର କୁମାର ଦାସଙ୍କ ଠାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସତ୍ୟପାଠ ସହ ନିଜର ନାମାଙ୍କନ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ପ୍ରାର୍ଥୀ କେ.ନାରାୟଣ ରାଓ ତାଙ୍କ ପ୍ରତିକ୍ରିୟାରେ ପ୍ରଧାନମନ୍ତ୍ରୀଙ୍କ ବିକାଶ ଧାରା ଓ ନିଜେ ବିଧାୟକ ରହି କଣ ସବୁ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି ତାକୁ ଆଧାର କରି ନିର୍ବାଚନରେ ବିଜୟୀ ହେବେ ବୋଲି କହିଛନ୍ତି । ସେହିଭଳି ଆପ୍ ପ୍ରାର୍ଥୀ ମନୋଜ ବଡନାଇକ ସମେତ ୪ ଜଣ ସ୍ୱାଧୀନ ପ୍ରାର୍ଥୀ ସେମାନେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ରହିଥିବା ବିଭିନ୍ନ ମୌଳିକ ସମସ୍ୟା , ରାସ୍ତାଘାଟ , ପାନୀୟଜଳ , ବିଦ୍ୟୁତ , ସ୍ୱାସ୍ଥ୍ୟ ସେବା ଏବଂ କୃଷି ଓ ଜଳସେଚନର ଉନ୍ନତି ଦିଗରେ ବିଶେଷ ଗୁରୁତ୍ୱ ଦେବେ ବୋଲି କହିଥିଲେ । ସେହିଭଳି ମୋହନାରୁ ସ୍ୱାଧୀନ ପ୍ରାର୍ଥୀ ରୁବେନ ମଣ୍ଡଳ , ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ ଓ ଜନ ମଲ୍ଲିକ ସେମାନଙ୍କ ପ୍ରତିକ୍ରିୟାରେ ସେମାନେ ଆଦିବାସୀ ବହୁଳ ଅନୁନ୍ନତ ମୋହନା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ପ୍ରତି ଅଧିକ ଗୁରୁତ୍ୱ ଦେଇ ତାର ବିକାଶ କରିବା ଦିଗରେ ସହାୟକ ହେବେ ବୋଲି କହିଥିଲେ ।

## ବିଜେପି ନେତାଙ୍କ ଅକାଳ ବିୟୋଗ

ଚାରିଛକ, ୨୬।୪ (ନିପ୍ର): ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ତମ୍ପାଳ ପଞ୍ଚାୟତ ନୂଆଗାଁ ଗ୍ରାମର ବରିଷ୍ଠ ବିଜେପି ନେତା ତଥା ଅଞ୍ଚଳର ସମାଜସେବୀ କୈଳାସ ରାୟ ( ୬୫ )ଙ୍କ ହୃଦଘାତ ମୃତ୍ୟୁବରଣ କରିଥିଲେ । ସେ ବର୍ତ୍ତମାନ ରାଜ୍ୟ ବିଜେପି ଦଳର କୃଷକ ମୋର୍ଚ୍ଚାର ସଂଯୋଗ ଥିବା ବେଳେ ଆରଏସଏସର ସକ୍ରିୟ ସଭ୍ୟ ଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ନିମାପଡ଼ା ବିଜେପି ନାରୀ ନେତ୍ରୀ ତଥା ନିମାପଡ଼ା ନିର୍ବାଚନ ମଣ୍ଡଳୀ ର ବିଜେପି ପ୍ରାର୍ଥିନୀ ପ୍ରଭାତୀ ପରିଡା ସହିତ ପୂର୍ବତନ ଜିଲାପରିସଦ ସଭ୍ୟ ପୂର୍ଣଚନ୍ଦ୍ର ଓଝା ,ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ,ଦୁର୍ଯ୍ୟୋଧନ ମହାନ୍ତି ,ଧୁଳ ସାହୁ ,ଭକ୍ତବନ୍ଧୁ ବିଶ୍ୱାଳ , ଛଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ ପରିଡା ,ଜ୍ୟୋତିରଞ୍ଜନ ପାତ୍ର, ସୁକାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । କୈଳାସ ରାୟଙ୍କ ପୁଅ ତପୁନା ରାୟ ମୁଖାଗ୍ନି ଦେଇଥିବା ବେଳେ ଭାଇ ,ସନ୍ତୋଷ ରାୟ,ସୁବାସ ରାୟ ,ପୁତୁରା ପପୁ ରାୟ ସହିତ ସମସ୍ତ ବନ୍ଧୁ ପରିବାର ଲୋକ ଉପସ୍ଥିତ ଥିଲେ ।

## କୃଷ୍ଣଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ

ପାରଳାଖେମୁଣ୍ଡି, ୨୬।୪ (ନିପ୍ର); ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ମୁଖ୍ୟ ପୁରୋଧା, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର,ଭାଷାଭିତ୍ତିକ ରାଷ୍ଟ୍ର ନିର୍ମାଣର ବଳିଷ୍ଠ ବିଦ୍ଧାଣୀ ଉତ୍କଳବାସୀଙ୍କ ପାଇଁ ଗୌରବର ସ୍ୱାକ୍ଷର ବହନ କରୁଥିବା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବଙ୍କ ୧୩୩ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଏହି ମାଲ୍ୟାର୍ପଣ ଉତ୍ସବରେ ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସ୍ୱାତୀ ଏସ କୁମାର, ଆରକ୍ଷୀ ଅଧୀକ୍ଷକ ଗଜପତି, ଏସ୍.ଆନନ୍ଦ, ଜିଲ୍ଲା ବନ ଖଣ୍ଡ ଅଧିକାରୀ ଗଜପତି, ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି, ଛେଳିଗଡ଼ ଜଳ ସେଚନ ପ୍ରକଳ୍ପ ଅଧିକାରୀ ରବୀନ୍ଦ୍ର କହଁର ଓ ସ୍ଥାନୀୟ



ତହସିଲଦାର ନାରାୟଣ ବେହେରା ସମେତ ସହରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବଜାର ଛକ ସ୍ଥିତ ଥିବା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏବଂ ମହାରାଜାଙ୍କ ସ୍ମୃତି ସୌଧପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା ଓ ଗାନ୍ଧୀ ଛୋକ ସ୍ଥିତ ମହାରାଜା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି ।

ଏହି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ,ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ , ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ସମେତ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଗଣମାଧମ ପ୍ରତିନିଧି ଗଣ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀପତ୍ର ଦାଖଲ ଶେଷ : ବିଭିନ୍ନ ଦଳର ୧୦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ନବରଙ୍ଗପୁର, ୨୬।୪(ନି.ପ୍ର): ଆସନ୍ତା ମେ ୧୩ ତାରିଖରେ ହେବାକୁ ଥିବା ମତଦାନ ପାଇଁ ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନରେ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ପ୍ରାର୍ଥୀ ବଳଭଦ୍ର ମାଝୀ ଦୁଇ ସେଟ୍ ପ୍ରାର୍ଥୀପତ୍ର, ଭାରତୀୟ ଜାତୀୟ କଂଗ୍ରେସପାର୍ଟି ପ୍ରାର୍ଥୀ ଭୁଜବଳ ମାଝିଏକ ସେଟ୍ ନାମାଙ୍କନ ପତ୍ର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଙ୍କ ଠାରେ ଦାଖଲ କରିଛନ୍ତି ।

ଉମରକୋଟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଶ୍ରୀମତୀ ନବିନା ନାୟକ ବିଜୁ ଜନତା ଦଳରୁ ଏକ ସେଟ୍ ପ୍ରାର୍ଥୀପତ୍ର , ସନରାଜ ଗଣ୍ଡ ଭାରତୀୟ ଜାତୀୟ କଂଗ୍ରେସ ପ୍ରାର୍ଥୀ ଏକ ସେଟ୍ ପ୍ରାର୍ଥପତ୍ର ଏବଂ ନିତ୍ୟାନନ୍ଦ ଗଣ୍ଡ ବିଜେପି ପ୍ରାର୍ଥୀ ଦୁଇ ସେଟ ନାମାଙ୍କନ ପତ୍ର ରିଟନିଙ୍ଗ ଅଫିସର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନବୀନ ଚନ୍ଦ୍ର ନାୟକ ଙ୍କ ପାଖରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

ଝରିଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନରସିଂହ ଭତ୍ରା ଏକ ସେଟ ପ୍ରାର୍ଥୀପତ୍ର ରିଟନିଙ୍ଗ ଅଫିସର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ନାୟକଙ୍କ ଠାରେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି ସେହିପରି ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ , ଦିଲ୍ଲୀପ କୁମାର ପ୍ରଧାନୀ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟି ପ୍ରାର୍ଥୀ ଏକ ସେଟ, ବିଜେପି ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ ନିଜର ଦୁଇ ସେଟ ପ୍ରାର୍ଥୀପତ୍ର, ଘାସିରାମ ଜାନି ଏମଏଲଡି ପ୍ରାର୍ଥୀ ଏକ ସେଟ୍, ଜଗଜିବନ ନାୟକ ସ୍ୱାଧୀନ ପ୍ରାର୍ଥୀ ଏକ ସେଟ ପ୍ରାର୍ଥୀପତ୍ର ରିଟନିଙ୍ଗ ଅଫିସର ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ ମିଶ୍ରଙ୍କ ଠାରେ ଦାଖଲ କରିଛନ୍ତି ।

## ନବରଙ୍ଗପୁର ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ: ନିର୍ବାଚନ ପରିଚାଳନା ପାଇଁ ପର୍ଯ୍ୟବେକ୍ଷକ

ନବରଙ୍ଗପୁର, ୨୬।୪(ନି.ପ୍ର):ଚଳିତ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଓ ଶାନ୍ତିପୁର୍ଣ୍ଣ ଭାବରେ ପରିଚାଳନା କରିବା ପାଇଁ ନବରଙ୍ଗପୁର ଜିଲ୍ଲାର ଲୋକସଭା ନିର୍ବାଚନ ମଣ୍ଡଳୀ, ୭୩ଉମରକୋଟ, ୭୪ ଝରିଗାଁ, ୭୫ ନବରଙ୍ଗପୁର ଓ ୭୬ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପରିଚାଳନାର ତଦାରଖ କରିବା ପାଇଁ ସାଧାରଣରେ ପର୍ଯ୍ୟବେକ୍ଷକ ଭାବେ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପଲ୍ଲଭ ଗୋପାଳ ଝାଙ୍କୁ ନିଯୁକ୍ତି ଦିଆଯାଇଛି । ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଝା ନବରଙ୍ଗପୁରରେ ଆସି ପହଞ୍ଚିଛନ୍ତି । ସେ ସ୍ଥାନୀୟ ସର୍କିଟ ହାଉସ ରେ ରହି ସାଧାରଣ ନିର୍ବାଚନ ପରିଚାଳନାର ତଦାରଖ କରିବେ । ଚଳିତ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବା ପାଇଁ ନବରଙ୍ଗପୁର ଜିଲ୍ଲାର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡଃ. କମଳ ଲୋଚନ ମିଶ୍ର,ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କ ସହିତ ସାଧାରଣ ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ସେ ଆଲୋଚନା କରିଥିଲେ। ।ଜିଲ୍ଲାପାଳ ଡଃ.ମିଶ୍ର ଜିଲ୍ଲା ପ୍ରଶାସନ ତରଫରୁ ନିର୍ବାଚନ ସମ୍ବନ୍ଧୀୟ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ । ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଝାଙ୍କ ସର୍କିଟ ହାଉସରେ ରହଣି ସମୟରେ ସାଧାରଣ ନିର୍ବାଚନ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକଙ୍କ ମୋବାଇଲ ନମ୍ବର ୯୬୯୨୯୧୬୪୯୯ ରେ ଯୋଗାଯୋଗ କରିପାରିବେ ।

# ସୁପ୍ରିମକୋର୍ଟ ବିରୋଧୀଙ୍କୁ ଶକ୍ତ ଚାପୁଡ଼ା ମାରିଛନ୍ତି: ମୋଦି



ନୂଆଦିଲ୍ଲୀ, ୨୬।୪: ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି)କୁ ନେଇ ହୋଇଥିବା ଆବେଦନକୁ ଶୁକ୍ରବାର ଖାରଜ କରି ଦେଇଛନ୍ତି ସୁପ୍ରିମକୋର୍ଟ। ଏହାସହ ବାଲାଟ ପେପରରେ ଭୋଟିଂ କରିବାକୁ ନେଇ କରାଯାଇଥିବା ସମସ୍ତ ଆବେଦନକୁ ମଧ ଖାରଜ କରି ଦେଇଛନ୍ତି ଅଦାଲତ। ଏହାକୁ ନେଇ ଏବେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ଏହାକୁ ନେଇ କହିଛନ୍ତି ଯେ ବିରୋଧୀ ଦେଶକୁ କ୍ଷମା ମାଗିବା ଉଚିତ୍। ବିହାରର ଆରାରିଆରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ମନ୍ତବ୍ୟ ଆସିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, "ଆଜି ଆମର ଗଣତନ୍ତ୍ର ପାଇଁ ଶୁଭ ଦିନ। ସୁପ୍ରିମକୋର୍ଟ ବିରୋଧୀଦଳଙ୍କ ମୁହଁରେ କଡ଼ା ଚାପୁଡ଼ା ମାରିଛନ୍ତି।'' ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଯେଉଁଠାରେ ବିଶ୍ୱ ଆମର ଗଣତନ୍ତ୍ର ଏବଂ ନିର୍ବାଚନ ପ୍ରକ୍ରିୟାକୁ ପ୍ରଶଂସା କରୁଛି, ବିରୋଧୀ ସେମାନଙ୍କ ବ୍ୟକ୍ତିଗତ ଲାଭ ପାଇଁ ତାହାକୁ ବଦନାମ କରୁଛନ୍ତି। ଜଷ୍ଟିସ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି)କୁ ନେଇ ହୋଇଥିବା ଆବେଦନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ବାଲାଟ ପେପରରେ ଭୋଟିଂ କରିବାକୁ ନେଇ କରାଯାଇଥିବା ସମସ୍ତ ଆବେଦନକୁ ମଧ ଖାରଜ କରିବା ସହ ଇଭିଏମରେ ସବୁସ୍ଥାନରେ ଭୋଟିଂ କରିବାକୁ କ୍ଲିନଚିଟ ଦେଇଛନ୍ତି ସୁପ୍ରିମକୋର୍ଟ।

## 'ମୁଁ ପୂର୍ବଜନ୍ମରେ ପଶ୍ଚିମବଙ୍ଗରେ ଜନ୍ମ ହୋଇଥିଲି'

କୋଲକତା, ୨୬।୪: 'ପଶ୍ଚିମବଙ୍ଗବାସୀଙ୍କ ଏତେ ଭଲ ପାଇବା ଦେଖି ମୋ' ହୃଦୟ ତରଳି ଯାଉଛି। କାରଣ ଏତେ ଭଲ ପାଇବା ମୁଁ କେବେ ମୋ' ଜୀବନରେ ପାଇନି। ଏପରି ଲାଗୁଛି ଯେପରି ପୂର୍ବ ଜନ୍ମରେ ମୁଁ ପଶ୍ଚିମ ବଙ୍ଗରେ ଜନ୍ମ ହୋଇଥିଲି, ନଚେତ ଆସନ୍ତା ଜନ୍ମରେ ପଶ୍ଚିମବଙ୍ଗର କେଉଁ ମା' କୋଳରେ ଜନ୍ମ ହେବି। 'ଆଜି ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ମାଲଦାରେ ପ୍ରଚାର କରୁଛନ୍ତି। ମାଲଦାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧନ କରି ମୋଦି କହିଛନ୍ତି, ଏପରି ଏକ ସମୟ ଥିଲା ଯେବେ ପଶ୍ଚିମବଙ୍ଗ ଭାରତର ବିକାଶର ଇଞ୍ଜିନ ଥିଲା। କିନ୍ତୁ ଏବେ ଆଉ ସେ ସମୟ ନାହିଁ। ପୂର୍ବରୁ ବାମ ଦଳ ଓ ଏବେ ତୃଣମୂଳ କଂଗ୍ରେସ ପାର୍ଟି ଏହି ରାଜ୍ୟର ମହାନତାକୁ ମାଟିରେ ମିଶାଇ ସାରିଲେଣି। ସେମାନଙ୍କ ଯୋଗୁ ରାଜ୍ୟର ବିକାଶ ଗାଡ଼ି ଠପ୍ ହୋଇ ଗଲାଣି।ମମତା ବାନାର୍ଜୀ ସରକାର ଅମଳରେ ରାଜ୍ୟର ବିକାଶଧାରା ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି। ମମତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଏଠାରେ କେବଳ ଗୋଟିଏ ଘଟଣା ଘଟିଛି ।

## ଭାରତୀୟ କମ୍ପାନୀ ଉପରେ ପ୍ରତିବନ୍ଧକ ଲଗାଇଲା ଆମେରିକା

ୱାଶିଂଟନ୍, ୨୬।୪: ଇରାନ ପାଇଁ କାମ କରୁଥିବା ଅଭିଯୋଗରେ ଦଶହଜାର କମ୍ପାନୀ ଉପରେ ଆମେରିକା ପ୍ରତିବନ୍ଧକ ଲଗାଇଛି। ଏହି କମ୍ପାନୀଗୁଡିକ ମଧ୍ୟରୁ କେତେକ ମଧ ଭାରତର। ସେମାନଙ୍କ ବିରୋଧରେ ଅଭିଯୋଗ ହେଉଛି ଯେ ସମସ୍ତେ ଇରାନ ସେନା ପାଇଁ କାମ କରୁଥିଲେ। ଏହି କମ୍ପାନୀଗୁଡିକ ଆମେରିକାରେ ବେଆଇନ ବାଣିଜ୍ୟ ଏବଂ ସ୍ଥାନାନ୍ତର କରିବାରେ ଇରାନକୁ ସାହାଯ୍ୟ କରୁଥିଲେ। ଯେଉଁ କମ୍ପାନୀ ଉପରେ ପ୍ରତିବନ୍ଧ ଲଗାଯାଇଛି। ସେଥିରେ କିଛି କମ୍ପାନୀ ଭାରତର ରହିଛି। ଏପ୍ରିଲ ୨୫ରେ ଆମେରିକା ଏହି ପଦକ୍ଷେପ ନେଇଛି। ଆମେରିକାର ଟ୍ରେଜେରୀ ବିଭାଗ କହିଛି ଯେ ୟୁକ୍ରେନକୁ ଇରାନର ମାନବ ବିହୀନ ବିମାନ ଯାନର ଗୁପ୍ତ ବିକ୍ରିକୁ ସୁଗମ ତଥା ଆର୍ଥିକ ସହାୟତା କରିବାରେ ଏହି କମ୍ପାନୀଗୁଡିକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଅଭିଯୋଗ ହୋଇଛି ଯେ ଏହି କାର୍ଯ୍ୟ ଇରାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଏବଂ ସଶସ୍ତ୍ର ବାହିନୀ ଲଜିଷ୍ଟିକ୍ସ ପାଇଁ କରାଯାଇଛି, ଯାହା ନିଜେ ଇସଲାମିକ ବିପ୍ଳବୀ ଗାର୍ଡ କର୍ପସ ଏବଂ ୟୁକ୍ରେନରେ ରୁଷିଆର ଯୁଦ୍ଧକୁ ସମର୍ଥନ କରେ।

## ଦିଲ୍ଲୀ ଏୟାରପୋର୍ଟରୁ ଧରା ପଡ଼ିଲେ ନକଲି ପାଇଲଟ



ନୂଆଦିଲ୍ଲୀ, ୨୬।୪: ନିଜକୁ ପାଇଲଟର ପରିଚୟ ଦେଇ ଦିଲ୍ଲୀର ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ଏୟାରପୋର୍ଟରେ ବୁଲୁଥିବା ଜଣେ ୨୪ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି ଅର୍ଦ୍ଧସମାରିକ ବାହିନୀ। ନକଲି ପାଇଲଟ ଜଣଙ୍କ ହେଉଛନ୍ତି ସଙ୍ଗୀତ ସିଂହ। ତାଙ୍କ ଘର ଉତ୍ତର ପ୍ରଦେଶର ଗୌତମ ବୁଦ୍ଧ ନଗରରେ। ସେ ପାଇଲଟ ୟୁନିଫର୍ମ ପିନ୍ଧି ଏୟାରପୋର୍ଟର ସ୍କାଏୱାକ ନିକଟରେ ବୁଲୁଥିବା ବେଳେ ତାଙ୍କ ଉପରେ ସିଆଇଏସଏଫ ଯବାନଙ୍କ ନଜର ପଡ଼ିଥିଲା। ବିମାନ ଚଳାଇବାର ତାଙ୍କ ପାଖରେ କୌଣସି ଲାଇସେନ୍ସ ନଥିବା ବେଳେ ସେ ନିଜ ପରିବାର ଲୋକଙ୍କୁ ମିଛ କହୁଥିଲେ। ସେ ଗୋଟିଏ ବ୍ୟବସାୟିକ ବିମାନର ପାଲଟ ବୋଲି ପରିବାର ଲୋକଙ୍କୁ ଜଣାଇବା ପାଇଁ ଏପରି ପଦକ୍ଷେପ ନେଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସଙ୍ଗୀତ ସିଂହ ନକଲି ଆଇକାର୍ଡ ପକାଇବା ସହ ସିଙ୍ଗାପୁର ଏୟାର ଲାଇନ୍ସରେ କାମ କରୁଥିବା ସମସ୍ତଙ୍କୁ କହି ବୁଲୁଥିଲେ। ତେବେ ଯାଞ୍ଚ ପରେ ସ୍ପଷ୍ଟ ହୋଇଥିଲା ଯେ ସଙ୍ଗୀତ ସିଂହ ଦାବିରେ କୌଣସି ସତ୍ୟତା ନାହିଁ। ସେ ବେଆଇନ ଭାବେ ସିଙ୍ଗାପୁର ଏୟାରଲାଇନ୍ସର ଆଇକାର୍ଡ ହାତେଇଥିଲେ। ଗୋଟିଏ ବିଜନେସ କାର୍ଡ ମେକର ଆପ୍ଲିକେସନରୁ ସେ ପରିଚୟପତ୍ର ହାସଲ କରିଥିଲା। ସେହିପରି ଦିଲ୍ଲୀର ଦ୍ୱାରକା ଅଞ୍ଚଳରୁ ସେ ପାଇଲଟ ୟୁନିଫର୍ମ ଆଣିଥିଲେ।

## ମୁଁ ଶାନ୍ତିରେ ବସିପାରିବି ନାହିଁ: ଧୀରେନ୍ଦ୍ର ଶାସ୍ତ୍ରୀ

ନୂଆଦିଲ୍ଲୀ, ୨୬।୪: ଦେଶରେ ଲୋକସଭା ନିର୍ବାଚନ ପାଇଁ ଆଜି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସମ୍ପନ୍ନ ହୋଇଛି । ଆଜି ଦ୍ୱିତୀୟ ପର୍ଯ୍ୟାୟରେ ଦେଶର ୮୮ଟି ଲୋକସଭା ଆସନରେ ଭୋଟ୍ ଦେବାର ପ୍ରକ୍ରିୟା ଶେଷ ହୋଇସାରିଛି। ବାଗେଶ୍ୱର ଧାମର ପୀଠାଧିଶ ପଣ୍ଡିତ ଧିରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ମଧ ଖଜୁରାହୋ ଲୋକସଭା ଆସନରେ ଭୋଟ୍ ଦେଇଛନ୍ତି ଏବଂ ଏହା ସହିତ ସେ ଉତ୍ସାହର ସହ ମତଦାନ କରିବାକୁ ଲୋକଙ୍କୁ ନିବେଦନ କରିଛନ୍ତି। ବାଗେଶ୍ୱର ଧାମ ପୀଠାଧିଶ ଧିରେନ୍ଦ୍ର ଶାସ୍ତ୍ରୀ କହିଛନ୍ତି, "ଏହା ସମସ୍ତଙ୍କ ଅଧିକାର। ଏହା ହେଉଛି ଗଣତନ୍ତ୍ରର ପର୍ବ। ପ୍ରତ୍ୟେକ ଭାରତୀୟ ନାଗରିକ ନିଜର ଭୋଟ୍ ଦେବା ଉଚିତ୍। ନିଜର ଶକ୍ତି ଦୃଢ କରିବାକୁ ଭାବିଚିନ୍ତି ଭୋଟ ଦିଅନ୍ତୁ । ଦେଶର ଭଲ ପାଇଁ ଓ ଗଣତନ୍ତ୍ରକୁ ମଜବୁତ କରିବାରେ ଆମେ ଯୋଗଦାନ ଦେବା ।

## ଏମ୍ସର ୫ ଜଣିଆ ଡାକ୍ତର ଟିମ୍ କରିବେ କେଜ୍ରିୱାଲ୍‌ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ନୂଆଦିଲ୍ଲୀ, ୨୬।୫: ଦିଲ୍ଲୀ ମଦ ନୀତି ମାମଲାରେ ତିହାର ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍‌ଙ୍କର ଏବେ ଦିଲ୍ଲୀ ଏମସର ୫ ଜଣିଆ ଡାକ୍ତର ଟିମ ସ୍ୱାସ୍ଥ୍ୟ ପରୀକ୍ଷା କରିବେ। କୋର୍ଟଙ୍କ ଆଦେଶ ଅନୁଯାୟୀ ତାଙ୍କୁ ଘରୋଇ ଖାଇବା ଦିଆଯାଉଛି। ଏବେ ଜେଲରେ ତାଙ୍କୁ ପ୍ରତିଦିନ ଦିଆଯାଉଛି ୪ ୟୁନିଟ୍ ଇନସୁଲିନ୍। ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କୁ ଜେଲରେ ମାରିଦେବାକୁ ଷଡଯନ୍ତ୍ର ଅଭିଯୋଗ ଆଣିଥିଲେ ଆପ ମନ୍ତ୍ରୀ ଅତିଶି । କହିଥିଲେ ମଧୁମେହ ସତ୍ତ୍ୱେ ଦିଆଯାଉନାହିଁ ଇନସୁଲିନ। ଏହାର ଶୁଣାଣୀ ପରେ କୋର୍ଟ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆଦେଶ ଦେଇଥିଲେ। ଏଥିସହ ଗତକାଲି ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଆବେଦନ ଓ ଆପ ନେତାଙ୍କ ଅଭିଯୋଗ ଉପରେ କୋର୍ଟ ଶୁଣାଣି କରିଥିଲେ। ଅଭିଯୋଗ ଅନୁଯାୟୀ ଗୁରୁବାର କେଜ୍ରିୱାଲଙ୍କ ଖାଦ୍ୟପେୟକୁ ନେଇ ଇଡି ଯେଉଁ ଦାବି କରିଥିଲା ତାହା ଉପରେ ଶୁକ୍ରବାର ଜବାବ ଦାଖଲ କରିଛନ୍ତି କେଜ୍ରିୱାଲଙ୍କ ଓକିଲ । କେଜ୍ରିୱାଲଙ୍କୁ ମୋଟ ୪୮ ଥର ଖାଦ୍ୟ ଦିଆଯାଇଛି । ୩ଥର ଆମ୍ବ ଓ ୨ଥର ସୁଗାରଫ୍ରି ମିଠା ଖାଇଥିଲେ ମୁଖ୍ୟମନ୍ତ୍ରୀ। ସଠିକ ମାତ୍ରାରେ ଇନସୁଲିନ ନଦିଆଯିବାରୁ କେଜ୍ରିୱାଲଙ୍କ ମଧୁମେହ ବଢୁଛି ଓ ଏହା ପାଇଁ ତିହାର ଜେଲ କର୍ତ୍ତୃପକ୍ଷ ଦାୟୀ ବୋଲି ଓକିଲ କହିଛନ୍ତି ।

## ଭାରତ ଏବଂ ଉଜ୍‌ବେକିସ୍ତାନ ମଧ୍ୟରେ ଯୁଦ୍ଧ ଅଭ୍ୟାସ 'ଡଷ୍ଟଲିକ' ଆରମ୍ଭ




ନୂଆଦିଲ୍ଲୀ, ୨୬।୪: ଭାରତ ଏବଂ ଉଜବେକିସ୍ତାନର ସଶସ୍ତ୍ର ବାହିନୀ ମଧ୍ୟରେ ମିଳିତ ସାମରିକ ଅଭ୍ୟାସର ୫ ମ ସଂସ୍କରଣ ଚାଲିଛି । ଏହି ଯୁଦ୍ଧ ବ୍ୟାୟାମ ସମୟରେ ସୈନିକମାନଙ୍କୁ ଛୋଟ ଛୋଟ ଦଳରେ କାମ କରିବା, କ୍ଷେତ୍ର କାର୍ଯ୍ୟକଳାପ, ଲକ୍ଷ୍ୟସ୍ଥଳ ଉପରେ ନଜର ରଖିବା ଏବଂ ଆଗୁଆ ସୂଚନା ବଳରେ ବିପଦକୁ ଦୂର କରିବା ଭଳି କୌଶଳ ଶିକ୍ଷା ଦିଆଯାଉଛି। ଭାରତ ଏବଂ ଉଜବେକିସ୍ତାନର ସଶସ୍ତ୍ର ବାହିନୀ ମଧ୍ୟରେ ମିଳିତ ସାମରିକ ଅଭ୍ୟାସର ପଞ୍ଚମ ସଂସ୍କରଣ ଚାଲିଛି । ଭାରତ ଏବଂ ଉଜବେକିସ୍ତାନ ମଧ୍ୟରେ ଏହି ଅଭ୍ୟାସ ବର୍ତ୍ତମାନ ଉଜବେକିସ୍ତାନର ସୁରଖଣ୍ଡାରିଓ ଅଞ୍ଚଳରେ ଥିବା ଟେରମେଜ୍ ଆର୍ମି ଟ୍ରେନିଂ ଏରିଆରେ ଚାଲିଛି । ଏହି ବର୍ଷର ବ୍ୟାୟାମକୁ ଭାରତର ସେନା ମୁଖ୍ୟ ତଥା ଉଜବେକିସ୍ତାନର ଯୁଦ୍ଧ ପ୍ରଶିକ୍ଷଣ ପାଇଁ ଡେପୁଟି ପ୍ରତିରକ୍ଷା ମନ୍ତ୍ରୀ ୧୮ ଅପ୍ରିଲ ୨୦୨୪ ରେ ଉଦଘାଟନ କରିଥିଲେ । ଏହି ବ୍ୟାୟାମ ୨୮ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଚାଲିବ । ଭାରତ-ଉଜବେକିସ୍ତାନର ଏହି ମିଳିତ ସାମରିକ ବ୍ୟାୟାମର ନାମ ହେଉଛି ଡଷ୍ଟଲିକ । ଯାହା ଉଜବେକିସ୍ତାନରେ ଚାଲିଛି । ଏହି ରଣନୀତିକ ସହଯୋଗର ଉଦ୍ଦେଶ୍ୟ ହେଉଛି ସାମରିକ ସହଯୋଗକୁ ମଜବୁତ କରିବା ଏବଂ ସେନାର ଆତଙ୍କବାଦ ବିରୋଧୀ କ୍ଷମତା ବୃଦ୍ଧି କରିବା । ଏହା ଉଭୟ ଦେଶର ଆତଙ୍କବାଦ ବିରୋଧୀ କ୍ଷମତାକୁ ମଜବୁତ କରିବ। ଏହା ବିଶେଷ କରି ପାହାଡ଼ିଆ ଏବଂ ଛୋଟ ସହରାଞ୍ଚଳରେ ସୈନ୍ୟବାହିନୀ ପାଇଁ ବହୁତ କାମରେ ଆସିବ।

## କଖାରୁ ଭିତରେ ଚାଲାଣ ହେଉଥିଲା ଡ୍ରଗ୍ସ, ଧରିଲା ପୋଲିସ

ଗୌହାଟୀ, ୨୬।୪: ଅନେକ ସମୟରେ ଆପଣ ଖବରକାଗଜରେ ପଢ଼ିଥିବେ ଓ ନ୍ୟୁଜରେ ଦେଖିଥିବେ ଯେ ଚାଲାଣକାରୀମାନେ ଅନେକ ପ୍ରତିବନ୍ଧକ ଦ୍ରବ୍ୟ ଦେଶ ଭିତରକୁ ଆଣିବାକୁ ଭିନ୍ନ ଭିନ୍ନ ଉପାୟ ଆପଣାଇଥାନ୍ତି । ବିଶେଷକରି ଚାଲାଣକାରୀମାନେ ଏଭଳି ଭାବେ ଡ୍ରଗ୍ସ ସହ ସୁନା ଚାଲାଣ କରିଥାନ୍ତି ଯେମିତି ତାଙ୍କର କେହି ସୁରାକ ପାଇପାରିବେ ନାହିଁ । ତେବେ ଅନେକ ସମୟରେ ଚାଲାଣକାରୀମାନଙ୍କ ଏହି ଯୋଜନା ସବୁ ପଣ୍ଡ ହୋଇଯାଏ ଓ ସେମାନେ ଧରାପଡିଯାନ୍ତି । ବାସ୍ତବରେ ଆଜି ଆସାମ ରାଇଫଲ୍ସ ଏବଂ ମଣିପୁର ପୋଲିସ କଖାରୁ ଭିତରେ ଲୁଚାଇ ରଖାଯାଇଥିବା ୩.୫ କୋଟି ଟଙ୍କାର ହେରୋଇନ ଜବତ କରିଛି । ଯାହା ପଡୋଶୀ ମିଆଁମାରରୁ ଚୋରା ଚାଲାଣ କରାଯାଉଥିବା ସନ୍ଦେହ କରାଯାଉଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଗୁପ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ ବହୁ ପରିମାଣର ଡ୍ରଗ୍ସ ଚୋରାଚାଲାଣ କରାଯାଉଛି । ଏହାପରେ ପୁଲିସ ପକ୍ଷରୁ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଇଥିଲା । ଆଉ ପୁଲିସ ମଣିପୁରର ଟିପାଇମୁଖରୁ ଦକ୍ଷିଣ ଆସାମ ଅଭିମୁଖେ ଯାଉଥିବା ଏକ ପିକଅପ୍ ଟ୍ରକକୁ ଅଟକାଇଥିଲା । ଏଥିରୁ ବିପୁଳ ଡ୍ରଗ୍ସ ଜବତ ସହ ଦୁଇ ଡ୍ରଗ୍ ଚୋରା ଚାଲାଣକାରୀ ଅବଦୁଲ୍ ମାନ୍ନା ମଜୁମଦାର ଏବଂ ଖଲିଲ୍ ଉଲ୍ଲା ବାରବୁୟାଙ୍କୁ ଗିରଫ କରିଥିବା ପୁଲିସ କହିଛି । ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ଯେ ଚୋରା ଚାଲାଣକାରୀମାନେ ୩୬୩ ଗ୍ରାମ ହେରୋଇନକୁ କଖାରୁ ଭିତରେ ପୁରାଇ ଚାଲାଣ କରୁଥିଲେ ।

## ଭାରତକୁ ଖୁବଶୀଘ୍ର ଆସୁଛି ଏୟାର ଟ୍ୟାକ୍ସି

### ଦିଲ୍ଲୀରୁ ଗୁରୁଗ୍ରାମ ଲାଗିବ ମାତ୍ର ୭ ମିନିଟ୍

ନୂଆଦିଲ୍ଲୀ, ୨୬।୪: ଆସନ୍ତା ଦୁଇ ବର୍ଷ ମଧ୍ୟରେ ରାଜଧାନୀ ଦିଲ୍ଲୀର ଆକାଶରେ ଉଡିବ ଏୟାର ଟ୍ୟାକ୍ସି । ଏୟାର ଇଣ୍ଡିଆର ପ୍ୟାରେଣ୍ଟ୍ କମ୍ପାନୀ ଇଣ୍ଟରଗ୍ଲୋବ ଏଣ୍ଟରପ୍ରାଇଜେସ୍ ଏବଂ ଆମେରିକାର ଆର୍ଚର ଆଭିଏସନର ମିଳିତ ସହଯୋଗରେ ଖୁବ ଶୀଘ୍ର ଏହି ସେବା ଆରମ୍ଭ ହେବାକୁ ଯାଉଛି ।ତେବେ ୨୭ କିଲୋମିଟର ଯାତ୍ରା କରିବାକୁ ଆପଣଙ୍କୁ ମାତ୍ର ୭ ମିନିଟର ସମୟ ଲାଗିବ । ଯାହାକୁ ଆପଣଙ୍କୁ ଯିବାପାଇଁ ହୁଏତଃ ଦେଢ ଘଣ୍ଟା ଲାଗିଥାନ୍ତା। ଏହା ଶୁଣି ଆପଣ ଆଶ୍ଚର୍ଯ୍ୟ ହୋଇଗଲେ କି ? କିନ୍ତୁ ଏହା ସତ । ଏହି ୭ ମିନିଟ ଯାତ୍ରାର ମଜା ନେବାକୁ ଯାଉଛନ୍ତି ଦିଲ୍ଲୀବାସୀ । କାରଣ ଦିଲ୍ଲୀର କନ୍ନୋଟ୍ ପ୍ଲେସ୍ ଠାରୁ ଗୁରୁଗ୍ରାମ, ଯାହାର ଆନୁମାନିକ ଦୂରତା ୨୭ କିମି ରହିଥାଏ । ଆପଣ କାରରେ ଯାତ୍ରା କଲେ ସମୟ ଲାଗିଥାଏ ଦେଢ ଘଣ୍ଟା । ତେବେ ଏହି ସମାନ ବାଟକୁ ମାତ୍ର ୭ ମିନିଟରେ ପୁରା କରିବେ ଲୋକେ । ଆପଣ ଭାବୁଥିବେ କିପରି । ଉତ୍ତର ହେଉଛି ଏୟାର ଟ୍ୟାକ୍ସି । ଆସନ୍ତା ଦୁଇ ବର୍ଷ ମଧ୍ୟରେ ରାଜଧାନୀ ଦିଲ୍ଲୀର ଆକାଶରେ ଉଡିବ ଏୟାର ଟ୍ୟାକ୍ସି । ଇଣ୍ଡିଗୋ ଏବଂ ଆମେରିକାର ଆର୍ଚର ଆଭିଏସନର ମିଳିତ ସହଯୋଗରେ ଖୁବ ଶୀଘ୍ର ଏହି ସେବା ଆରମ୍ଭ ହେବାକୁ ଯାଉଛି। ଏହି ଏୟାର ଟ୍ୟାକ୍ସିଗୁଡ଼ିକ ସ୍ୱଳ୍ପ ମୂଲ୍ୟରେ ଯାତ୍ରୀଙ୍କୁ ଦିଲ୍ଲୀର କନନାଟ୍ ପ୍ଲେସରୁ ହରିୟାଣାର ଗୁରୁଗ୍ରାମକୁ ମାତ୍ର ୭ ମିନିଟରେ ପରିବହନ କରିବ। ୨୦୨୬ ସୁଦ୍ଧା ଏୟାର ଟ୍ୟାକ୍ସି ସେବା ଆରମ୍ଭ ହେବ ବୋଲି ଆଶା କରାଯାଉଛି । ଖବର ଅନୁଯାୟୀ, ଆର୍ଚର ଆଭିଏସନ ୨୦୦ଟି 'ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍ ଅଫ୍ ଏବଂ ଲ୍ୟାଣ୍ଡିଂ କରିପାରୁଥିବା ବିମାନ ଯୋଗାଇବା ପାଇଁ ଘୋଷଣା କରିଛି। ଏହି ୨୦୦ ବିମାନରେ ପ୍ରତ୍ୟେକଟିରେ ୧୨ଟି 'ରୋଟ' ଲାଗିଛି। ଏହାର ମୂଲ୍ୟ ପ୍ରାୟ ୧ ବିଲିୟନ ଡଲାର୍ ବା ୮,୩୩୭ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ଉନ୍ନତମାନର ବିମାନରେ ପାଇଲଟଙ୍କ ବ୍ୟତୀତ ୪ ଜଣ ଯାତ୍ରୀ ବସିବାର କ୍ଷମତା ରହିବ। ଏଗୁଡ଼ିକ ହେଲିକପ୍ଟର ପରି କାମ କରିବ।

## ଭାଜପା ସାଂସଦ ପ୍ରାର୍ଥୀଙ୍କ ନାମାଙ୍କନ ରଦ୍ଦ



କୋଲକାତା, ୨୬।୪: ପଶ୍ଚିମବଙ୍ଗର ବୀରଭୂମ ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିବା ଦେବାଶିଷ ଧରଙ୍କ ନାମାଙ୍କନପତ୍ରକୁ ନିର୍ବାଚନ ଆୟୋଗ ରଦ୍ଦ କରିଦେଇଛନ୍ତି। ନାମାଙ୍କନପତ୍ର ସହିତ ଆପତ୍ତି ନ ଥିବା ପ୍ରମାଣପତ୍ର ଦାଖଲ କରି ନ ଥିବାରୁ ନିର୍ବାଚନ ଆୟୋଗ ଏହି ପଦକ୍ଷେପ ନେଇଥିବା ସୂଚନା ମିଳିଛି। ଦେବାଶିଷ ଜଣେ ପୂର୍ବତନ ଆଇପିଏସ ଅଧିକାରୀ। ଗତ ମାସରେ ସେ ଆଇପିଏସ ପଦବୀରୁ ଇସ୍ତଫା ଦେଇ ରାଜନୀତିରେ ଯୋଗଦେଇଥିଲେ।୨୦୨୧ ବିଧାନସଭା ନିର୍ବାଚନ ପରେ ମମତା ବାନାର୍ଜୀଙ୍କ ସରକାର ଦେବାଶିଷଙ୍କୁ ନିଲମ୍ବନ କରିଥିଲେ। ସେତେବେଳେ ସେ କୁଚ୍ ବିହାରର ଏସପି ଥିଲେ। ସିତଲକୁଚି ଜିଲାରେ ମତଦାନ ସମୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହି ସମୟରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଗୁଳିଚାଳନା ଯୋଗୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଟିଏମସି ସରକାର ଗଠନ କରିବା ପରେ ଦେବାଶିଷଙ୍କୁ ନିଲମ୍ବନ କରାଯାଇଥିଲା। ବୀରଭୂମ ଆସନରେ ଦେବାଶିଷଙ୍କ ମୁକାବିଲା ସିଏମସିର ଶତାବ୍ଦୀ ରାୟଙ୍କ ସହିତ ହୋଇଥାଏ। ବୀରଭୂମକୁ ଟିଏମସି ଗଡ଼ କୁହାଯାଇଥାଏ। ତେବେ ଏଥର ଏହି ଆସନରେ ଟିଏମସିକୁ କଡା ଟକ୍କର ମିଳିବ ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ବିଜେପି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଯିବା ଫଳରେ ଦଳକୁ ବଡ଼ ଝଟ୍‌କା ଲାଗିଛି।

## ପ୍ରଧାନମନ୍ତ୍ରୀଙ୍କୁ ଅଯୋଗ୍ୟ ଘୋଷଣା ଆବେଦନ, ଶୁଣାଣି ବିଳମ୍ବ କଲେ ଦିଲ୍ଲୀ ହାଇକୋର୍ଟ

ନୂଆଦିଲ୍ଲୀ, ୨୬।୪: ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିର୍ବାଚନ ଲଢ଼ିବାରୁ ଅଯୋଗ୍ୟ ଘୋଷଣା କରିବା ପାଇଁ ହୋଇଥିବା ଆବେଦନର ଶୁଣାଣିକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଦିନ ସ୍ଥଗିତ ରଖିଛନ୍ତି। ଖଣ୍ଡପୀଠ ଏକାଠି ହୋଇନଥିବାରୁ ଆଜି କୋର୍ଟ ଏହି ମାମଲାର ଶୁଣାଣି କରିନଥିଲେ। ଏପ୍ରିଲ ୨୯ରେ ଏହାର ଶୁଣାଣି ହେବ ନାହିଁ। ଗତ ସପ୍ତାହରେ ଆନନ୍ଦ ଏସ୍ ଜୋନ୍ଧଲେ ଦାଖଲ କରିଥିବା ଆବେଦନରେ ପ୍ରଧାନମନ୍ତ୍ରୀଙ୍କୁ ୬ ବର୍ଷ ପାଇଁ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରିବାକୁ ଦାବି କରାଯାଇଥିଲା। ଏଥିରେ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ଏପ୍ରିଲ ୯ ତାରିଖରେ ପିଲିଭିତରେ ବିଜେପି ପ୍ରାର୍ଥୀ ଜିତିନ ପ୍ରସାଦଙ୍କ ସମର୍ଥନରେ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବା ସମୟରେ ଦଳ ପାଇଁ ଭୋଟ୍ ମାଗିବା ସମୟରେ ହିନ୍ଦୁ ଏବଂ ଶିଖ ଦେବଦେବୀଙ୍କ ବିଷୟରେ କହିଥିଲେ।

## ଶାହାଜାହାଁ ଶେଖର ସହଯୋଗୀଙ୍କଠାରୁ ବିପୁଳ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ



କୋଲକାତା, ୨୬।୪: ପଶ୍ଚିମବଙ୍ଗରେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ଓ ହିଂସାକୁ ନେଇ ଚର୍ଚ୍ଚାରେ ଥିବା ସନ୍ଦେଶଖାଲି ପୁଣି ଚର୍ଚ୍ଚାକୁ ଆସିଛି। ଶୁକ୍ରବାର (ଏପ୍ରିଲ ୨୬) ଦିନ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶେଖ ଶାହାଜାହାନର ଘନିଷ୍ଠ ସହଯୋଗୀଙ୍କ ଘରେ ଚଢ଼ାଉ କରି ସେଠାରୁ ପ୍ରାୟ ୧୨ଟି ବନ୍ଧୁକ ଓ ଗୁଳି ଜବତ କରିଥିଲା। ସେଠାରୁ ମିଳିଥିବା ବୋମାଗୁଡ଼ିକୁ ନିଷ୍କ୍ରିୟ କରିବା ପାଇଁ ଜାତୀୟ ସୁରକ୍ଷା ଗାର୍ଡ (ଏନଏସଜି)ର ଏକ ବୋମା ସ୍କ୍ୱାଡ୍ ଟିମ୍ ନିୟୋଜିତ ହୋଇଥିଲା। ସନ୍ଦେଶଖାଲିର ଏହି ସଦ୍ୟତମ ଘଟଣାକୁ ନେଇ ଭାରତୀୟ ଜନତା ପାର୍ଟି (ବିଜେପି) ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମସି) ମୁଖ୍ୟ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିଛି। ବିଜେପିର ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ କହିଛନ୍ତି ଯେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମଧ ରାଜ୍ୟର ଗୃହମନ୍ତ୍ରୀ ଏବଂ ଯେଭଳି ଏତେ ପରିମାଣର ବେଆଇନ ଅସ୍ତ୍ରଶସ୍ତ୍ର ମିଳିଛି, ତାହା ଦେଶ ବିରୋଧରେ ଯୁଦ୍ଧ କରିବାକୁ ଏକ ଷଡ଼ଯନ୍ତ୍ର ପରି। ଗତ ଫେବ୍ରୁଆରି ମାସରେ ଶାହଜାହାଁ ଶେଖର ସମର୍ଥକଙ୍କ ଦ୍ୱାରା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଟିମ୍ ଉପରେ ହୋଇଥିବା ଆକ୍ରମଣ ସହ ଏହି ସର୍ଚ୍ଚ ଅପରେସନ ଜଡ଼ିତ ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି।

## ସିସୋଡିଆଙ୍କୁ ଝଟ୍‌କା, ମେ' ୮ ପର୍ଯ୍ୟନ୍ତ ରହିବେ ଜେଲରେ




ନୂଆଦିଲ୍ଲୀ, ୨୬।୪: ଦିଲ୍ଲୀ ଏକ୍ସାଇଜ ମାମଲାରେ ହୋଇଥିବା ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ମନୀଷ ସିସୋଡିଆଙ୍କ ନ୍ୟାୟିକ ହେପାଜତକୁ ଆସନ୍ତା ମେ ୮ ପର୍ଯ୍ୟନ୍ତ କୋର୍ଟ ବୃଦ୍ଧି କରିଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ଲିକର ପଲିସି ମାମଲା ସହ ଜଡିତ ଅର୍ଥ ହେରଫେର ମାମଲାରେ ମନୀଷ ସିସୋଡିଆ ପୁଣି ଥରେ କୋର୍ଟରୁ ଝଟ୍‌କା ପାଇଛନ୍ତି। ରାଉସ ଆଭେନ୍ୟୁ କୋର୍ଟ ଦିଲ୍ଲୀର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ଏବଂ ଆମ ଆଦମୀ ପାର୍ଟି (ଏଏପି) ନେତା ମନୀଷ ସିସୋଡିଆଙ୍କ ନ୍ୟାୟିକ ହେପାଜତକୁ ମେ ୮ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଗତ ବର୍ଷ ଫେବୃଆରୀରେ ମନୀଷ ସିସୋଡିଆଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ସେ ଜେଲରେ ଅଛନ୍ତି। ଉକ୍ତ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ମଧ ଗିରଫ କରାଯାଇଛି। ଶୁଣାଣି ସମୟରେ ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ (ଇଡି) ଏହାର ଉତ୍ତର ଦାଖଲ କରିବାକୁ ସମୟ ମାଗିଥିଲା। ଏହା ଉପରେ କୋର୍ଟ ମେ ୮ ପର୍ଯ୍ୟନ୍ତ ଇଡିକୁ ସମୟ ଦେଇଥିଲେ।

## ବିଜ୍ଞାପନ ପାଇଁ ୬ବର୍ଷରେ ଗୁଗୁଲରେ ଖର୍ଚ୍ଚ ହେଲାଣି ୩୯୦ କୋଟି

### ସର୍ବାଧିକ ୧୦୧ କୋଟି ଖର୍ଚ୍ଚ କରି ପ୍ରଥମରେ ବିଜେପି

ନୂଆଦିଲ୍ଲୀ, ୨୬।୪: ନିର୍ବାଚନୀ ଖର୍ଚ୍ଚକୁ ନେଇ ଆସିଛି ବଡ ଖବର । ଶାସକ ଦଳ ବିଜେପି ନିଜର ଦଳୀୟ ପ୍ରଚାର ପାଇଁ ସର୍ଚ୍ଚ ଇଂଜିନ ଗୁଗୁଲ ଓ ଏହାର ଭିଡିଓ ପ୍ଲାଟଫର୍ମରେ ଖର୍ଚ୍ଚ କରିସାରିଲାଣି ଶହେ କୋଟିର ଅଧିକ ଟଙ୍କା । ବିଜେପି ନିଜର ଡିଜିଟାଲ ପ୍ରଚାର ପାଇଁ ଏବେ ସୁଦ୍ଧା ୧୦୧କୋଟି ଟଙ୍କା ଖର୍ଚ୍ଚ କରିଛି । ସବୁଠୁ ବଡ କଥା ହେଉଛି କଂଗ୍ରେସ, ଡିଏମକେ ଓ ରାଜନୈତିକ ପରାମର୍ଶଦାତା କମ୍ପାନୀ ଇଣ୍ଡିଆନ ପଲଟିକାଲ ଆକ୍ସନ କମିଟିର ବିଜ୍ଞାପନ ଖର୍ଚ୍ଚ ସହ ସମାନ ବିଜେପିର ଖର୍ଚ୍ଚ । ୨୦୧୮ରୁ ଏବେ ପର୍ଯ୍ୟନ୍ତ ଏହି ପରିମାଣରେ ଅର୍ଥ ବ୍ୟୟ କରିଛି ବିଜେପି । ୨୦୧୮ରୁ ୨୦୨୪ ଏପ୍ରିଲ ୨୫ ମଧ୍ୟରେ ରାଜନୈତିକ ବିଜ୍ଞାପନ ପାଇଁ ଗୁଗୁଲରେ ମୋଟ ୩୯୦କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏହା ମଧ୍ୟରୁ ବିଜେପି ଖର୍ଚ୍ଚ ସବୁଠୁ ଅଧିକ ରହିଛି । ୬ବର୍ଷ ମଧ୍ୟରେ ପ୍ରକାଶିତ ଡିଜିଟାଲ ବିଜ୍ଞାପନ ମଧ୍ୟରେ ବିଜେପିର ୭୩ ପ୍ରତିଶତ ରହିଛି । ୧୦୦କୋଟିରୁ ଅଧିକ ଟଙ୍କା ଗୁଗୁଲ ବିଜ୍ଞାପନରେ ଖର୍ଚ୍ଚ କରି ବିଜେପି ସବୁଠୁ ଆଗରେ ଥିବାବେଳେ ୪୫ କୋଟି ଖର୍ଚ୍ଚ ସହ ୨ୟରେ ରହିଛି କଂଗ୍ରେସ । ତୃତୀୟରେ ରହିଛି ଡିଏମକେ ।

## ଦଲକୀବାହାଲରେ ଡବଲ ମର୍ଡର, ଦେଢଶୁରର ଟାଙ୍ଗିଆ ଚୋଟରେ ଭାଇବୋହୂ ଓ ପୁତୁରା ମୃତ

କୁଚିଣ୍ଡା (ନିପ୍ର): ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅନ୍ତର୍ଗତ କିନାବଗା ଗ୍ରାମ ପଞ୍ଚାୟତ ଦଲକୀବାହାଲ ଗ୍ରାମର କିଷାନପଡା ଠାରେ ଗୁରୁବାର ରାତିରେ ଘଟିଛି ଏକ ବୀଭତ୍ସ ହତ୍ୟାକାଣ୍ଡ । ଏଥିରେ ପ୍ରାଣ ହରାଇଛନ୍ତି ଜଣେ ୱାର୍ଡ ସଭ୍ୟଙ୍କ ପତ୍ନୀ ଓ ୨ ବର୍ଷର ଶିଶୁପୁତ୍ର । ଏହି ଘଟଣାରେ ଗୋବିନ୍ଦପୁର ପୋଲିସ ଅଭିଯୁକ୍ତ ଗିରଫ କରି କୋର୍ଟଚାଲାଣ କରିଛି ।

ସୂଚନାରୁ ପ୍ରକାଶ ଦଲକୀବାହାଲ ଗ୍ରାମ କିଷାନପଡାର ଦୁର୍ଯୋଧନ ପିଙ୍ଗଙ୍କ ପୁଅ ପରମେଶ୍ୱର ପିଙ୍ଗ ୱାର୍ଡ ସଭ୍ୟ ଅଟନ୍ତି । ସେ କୌଣସି କାମରେ ସମ୍ବଲପୁର ଯାଇଥିଲେ । ଘରେ ସ୍ତ୍ରୀ ପୂର୍ଣ୍ଣିମା (୩୦) ଓ ପୁଅ ଜେୟାନ୍ସ(୨)ଙ୍କ ସମେତ ଝିଅ ଓ ପୂର୍ଣ୍ଣିମାଙ୍କ ପିଉସୀ କମଳା ଘରେ ଥିଲେ । ରାତି ପ୍ରାୟ ଘ.୯.୪୫ମି ସମୟରେ କିଛି ଦୂରରେ ରହୁଥିବା ପରମେଶ୍ୱରଙ୍କ ବଡ଼



ଭାଇ ଅଭିଯୁକ୍ତ ଲୋଚନ ପିଙ୍ଗ (୩୬) ଏକ ଟାଙ୍ଗିଆ ନେଇ ସାନଭାଇ ଘରେ ପହଞ୍ଚି ଥିଲେ । ସେଠାରେ ଗଲିଗୁଲଜ କରିବା ସହ ଘର କବାଟକୁ ଭାଙ୍ଗି ଘରେ ପଶି ପୂର୍ଣ୍ଣିମା ଓ ତାଙ୍କ ୨ବର୍ଷର ଶିଶୁପୁତ୍ରକୁ ପିଉସୀ କମଳାଙ୍କ ସମ୍ମୁଖରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ । ହତ୍ୟା କରିବା ପରେ ଅଭିଯୁକ୍ତ ସେଠାରୁ ଫେରାର ହୋଇ ଯାଇଥିଲା । ହତ୍ୟାକାଣ୍ଡ ସଂପର୍କରେ ଲୋଚନ ଭାଇ ପରମେଶ୍ୱରକୁ ଫୋନ ଯୋଗେ ଜଣାଇଥିଲା । ସାଙ୍ଗେ ସାଙ୍ଗେ ପରମେଶ୍ୱର ସମ୍ବଲପୁରରୁ ଆସି ଘରେ ସ୍ତ୍ରୀ ଓ ପୁଅର ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିଥିଲେ । ପରମେଶ୍ୱରର ଅଭିଯୋଗ କ୍ରମେ ପୋଲିସ ଗୋବିନ୍ଦପୁର ଥାନା କେଶ ନଂ ୭୬ ତା୨୬/୦୪ ୨୦୨୪ରିଖ ଦଫା ୩୦୨ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ଗୋବିନ୍ଦପୁର ପୋଲିସ ଅଭିଯୁକ୍ତ ଲୋଚନ ପିଙ୍ଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣା ପଡିନଥିବା ବେଳେ ଏହାର ପଛରେ ଜମି ଭାଗବଣ୍ଟା କିମ୍ବା ଘରୋଇ କଳହ ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ।

## ପିପିଲି ଓ ବଲଙ୍ଗା ଥାନା ଅଞ୍ଚଳରୁ ଚୋରା ମଦ ଜବତ, ବେପାରୀ ଗିରଫ

ପିପିଲି (ନିପ୍ର): ଗୁରୁବାର ସନ୍ଧ୍ୟା ସମୟରେ ପିପିଲି ଓ ବଳଙ୍ଗା ଥାନା ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେପାରୀ ସହିତ ଚୋରା ମଦ ଜବତ କରାଯାଇ ପୃଥକ ପୃଥକ ମାମଲା ଆଗତ କରାଯାଇଛି । ସୂଚନା ଅନୁଯାୟୀ ପିପିଲି ପୋଲିସ ଅନନ୍ତପୁର ଛକ ଠାରେ ଚୋରା ମଦ ବିକ୍ରୟ କରାଯାଉ ଥିବା ଖବର ପାଇ ସେଠାରେ ଚଢ଼ାଉ କରିଥିଲେ । ଚୋରା ମଦ ଜବତ କରିବା ସହିତ ବେପାରୀ କାଳୁ ଚରଣ ମହାନ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିଭଳି ବଳଙ୍ଗା ଥାନା ଏସ୍ଆଇ କେଦାର ଦୋରା ସରସ୍ୱତୀପୁର ପଞ୍ଚାୟତ ସାନଗାଁ ଛକ ଠାରୁ ଚୋରା ମଦ ଜବତ କରିବା ସହିତ ବେପାରୀ କାହ୍ନୁ ଚରଣ ପ୍ରଧାନ ନାମକ ବ୍ୟକ୍ତିଙ୍କୁ ଗିରଫ କରିଛି । ଏନେଇ ବଳଙ୍ଗା ଥାନା କେଶ ନଂ ୧୧୭/୨୪ ମାମଲା ଆଗତ କରିଛି । ପରେ ଶ୍ରୀ ଦୋରା ଦଳ ଭାଣପୁରର ମାନସୀ ସ୍ୱାଇଁ ଠାରୁ ଚୋରା ମଦ ଜବତ କରି ମାନସୀକୁ ଗିରଫ କରି ଥାନା କେଶ ନଂ ୧୧୬/୨୪ ମାମଲା ଆଗତ କରିଛି ବୋଲି ଜାଣିବାକୁ ମିଳିଛି ।

## ୨୦୨୪ ସାଧାରଣ ନିର୍ବାଚନ ପାଇଁ ଜିଲ୍ଲାପାଳଙ୍କ ବୁଥ ପରିଦର୍ଶନ

ନିରାକାରପୁର (ନିପ୍ର): ଶୁକ୍ରବାର ଆଗାମୀ ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣା ଟାଙ୍ଗୀ ବ୍ଲକ ରାମେଶ୍ୱର, ନିରାକାରପୁର ଅଞ୍ଚଳର ବିଭିନ୍ନ ଭୋଟ ଦେବା ପାଇଁ ଉଦ୍ଦିଷ୍ଟ ଭୋଟ ବୁଥ କେନ୍ଦ୍ରଗୁଡିକୁ ଯାଇ ପରିଦର୍ଶନ କରିଛନ୍ତି । ଜିଲ୍ଲାପାଳ ପ୍ରଥମେ ରାମେଶ୍ୱର ପଞ୍ଚାୟତ ରାମେଶ୍ୱର ୟୁପି ସ୍କୁଲ୍, ଖଜୁରୀପଡ଼ା ୟୁପି ସ୍କୁଲ୍ ବୁଥ କେନ୍ଦ୍ରକୁ ଯାଇ ପରିଦର୍ଶନ କରି ତାର ଅସୁବିଧା ସୁବିଧା ବିଷୟରେ ଆଲୋଚନା କରିଥିଲେ । ତା'ପରେ ଖଜୁରୀପଡ଼ା ଠାରେ ନିର୍ମାଣାଧୀନ ପାନୀୟ ଜଳ ଯୋଗାଣ ମେଗା ପ୍ରୋଜେକ୍ଟକୁ ଯାଇ ବୁଲି ଦେଖିବା ସହିତ କାର୍ଯ୍ୟକୁ ତ୍ୱରନିତ୍ୱ କରିବାକୁ ପରାମର୍ଶ ଦେଇଥିଲେ । ପରେ ନିରାକାରପୁର ସ୍କୁଲ ବୁଥ ସହିତ ସ୍ଥାନୀୟ ସରକାରୀ ଡ଼ାକ୍ତରଖାନାକୁ ସରପ୍ରାଇଜ ଭିଜିଟ କରି ଡାକ୍ତରଖାନାର କର୍ମଚାରୀ ସଂଖ୍ୟା, ମିଳୁଥିବା ସମସ୍ତ ସୁବିଧା ଓ ଅନ୍ୟାନ୍ୟ ସମସ୍ୟା ଉପରେ ଡାକ୍ତରଙ୍କ ସହ କଥା ହୋଇ ଅବଗତ ହୋଇଥିଲେ । ସାଢ଼େ ଗୋଟାଏ ବେଳେ କିଛି କର୍ମଚାରୀ ଅନୁପସ୍ଥିତ ଥିବାରୁ ବିରକ୍ତି ଭାବ ପ୍ରକାଶ କରିଥିଲେ ବୋଲି ଶୁଣିବାକୁ ମିଳୁଛି । ତାଙ୍କ ସହିତ ଟାଙ୍ଗୀ ବି ଡି ଓ ରେସ୍ମା ଟେଟେ, ତହସିଲଦାର ମିତାଲି ପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

### ନିର୍ବାଚନ ପୂର୍ବରୁ ଅପରାଧ ଦମନ ପାଇଁ କେତେ ସଜାଗ କମିଶନରେଟ୍ ପୁଲିସ

# ରାତି ହେଲେ ରାଜଧାନୀରେ ଅପରାଧୀଙ୍କ ବଢ଼େ ତାତି

- କିଏ ବନ୍ଧୁକ ଧରି ବୁଲୁଛି ତ, ଆଉ କିଏ ଭୁଜାଲି, ଛୁରି ଧରି ଚକ୍କରକାଟୁଛି
- ଭୋରୁ ଭୋରୁ ରାଜ୍ୟ ବାହାରକୁ ଚାଲାଣ ହେଉଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ !




ଭୁବନେଶ୍ୱର (ନିପ୍ର): ପାଖେଇ ଆସୁଛି ସାଧାରଣ ନିର୍ବାଚନ । ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ମାଧ୍ୟମରେ ଶେଷ କରିବାକୁ କମିଶନରେଟ୍ ପୁଲିସର ଚାଲିଛି ଜୋରଦାର ଉଦ୍ୟମ । ଏବେ ଠାରୁ ସବୁ ଦଳର ନେତାମାନେ ନିଜ ନିଜ ମୈଦାନକୁ ଯାଇ ନିଜ ସପକ୍ଷରେ ଭୋଟ ଦେବାକୁ ପ୍ରୟାସ ଆରମ୍ଭ କଲେଣି । ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି କମିଶନରେଟ୍ ପୁଲିସର ଚିନ୍ତା ସେତିକି ଦ୍ୱିଗୁଣିତ ହେଉଛି । କାରଣ ଅପରାଧୀମାନେ ଏବେଠାରୁ ସକ୍ରିୟ ହେଲେଣି । ବିଳମ୍ବିତ ରାତି ହେଲେ ରାଜଧାନୀରେ ଅପରାଧୀଙ୍କ ବଢ଼ିଥାଏ ତାତି । କମିଶନରେଟ୍ ପୁଲିସ ପାଟ୍ରୋଲିଂ କରୁଛି, ଥାନା ଅଧିକାରୀମାନେ ଜୋରଦାର ବ୍ଲକିଂ ଓ ଚେକିଂ କରୁଛନ୍ତି ହେଲେ ଅପରାଧୀଙ୍କ ପାଖରେ ଥିବା ମାରଣାସ୍ତ୍ର ଓ ବନ୍ଧୁକକୁ ଠାବ କରିବାରେ ସଫଳ ହେବା ତ ଦୂରର କଥା ଟେର ବି ପାଇପାରୁ ନାହାନ୍ତି । ଗାଡି ଚେକିଂ କଥା ନ କହିଲେ ଭଲ । ଉପର ଠାଉରୀଆ ଭାବେ ଗାଡି ଚେକିଂ କରାଯାଉଛି । ହେଲେ ତା ଭିତରେ କ'ଣ କ'ଣ ସବୁ ଅଛି ଟିକ୍ ନିଖୁ ଯାଞ୍ଚ କରିବା ପୁଲିସର କାର୍ଯ୍ୟ । ପୁଲିସ ଗାଡି ଚେକିଂ କରୁଛି ସତ ହେଲେ ଗାଡି ଚାଳକ ଏବଂ ଗାଡିରେ ଥିବା ଯୁବକମାନଙ୍କୁ କାହିଁକି ଚେକିଂ କରୁନାହିଁ । ଚେକିଂ କଲେ ଅପରାଧୀମାନଙ୍କ ପାଖରେ ଥିବା ମାରଣାସ୍ତ୍ର ହିଁ ଠାବ ହୋଇପାରିବ । ବିଳମ୍ବିତ ରାତି ହେଲେ ଅପରାଧୀମାନେ ହାତରେ ଭୁଜାଲି, ଛୁରୀ ଓ ବନ୍ଧୁକ ଧରି ବୁଲୁଛନ୍ତି । ହେଲେ ଅପରାଧୀଙ୍କ ଟେର ପାଇପାରୁ ନାହିଁ କମିଶନରେଟ୍ ପୁଲିସ । ନିର୍ବାଚନ ପୂର୍ବରୁ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇଛି । ବ୍ଲକିଂ ଚେକିଂକୁ ଜୋରଦାର କରାଯାଇଛି । ହେଲେ ଏପର୍ଯ୍ୟନ୍ତ ମୋଷ୍ଟ ୱାଣ୍ଟେଡ ଅପରାଧୀଙ୍କୁ ଧରିବାରେ ସଫଳ ହୋଇପାରିନାହିଁ କମିଶନରେଟ୍ ପୁଲିସ । ଏହିଭଳି ଅନେକ ଘଟଣା କିଛି ଦିନ ତଳେ ଘଟିଛି । ଦୁଇ ଦୁଇ ଜଣ ସାମ୍ବାଦିକଙ୍କୁ ଅପରାଧୀମାନେ ଗୋଡେଇ ଗୋଡେଇ ହାଣିବା ଘଟଣା ରାଜଧାନୀରେ ଆଇନଶୃଙ୍ଖଳା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ନିର୍ବାଚନ ପୂର୍ବରୁ ଅପରାଧୀଙ୍କୁ ଦମନ କରିବା ପାଇଁ କମିଶନରେଟ୍ ପୁଲିସ ଘନ ଘନ ବୈଠକ କରୁଛି, ହେଲେ କେତେ ସଫଳ ଆଉ କେତେ ବିଫଳ ତାହା ରାଜଧାନୀବାସୀ ହିଁ ଜାଣିଛନ୍ତି । ଅନ୍ୟ ପଟେ ରାଜଧାନୀର କେଉଁ କେଉଁ ଥାନା ଅଞ୍ଚଳରେ କେତେ ଚୋରା ବନ୍ଧୁକ ଅପରାଧୀଙ୍କ ପାଖରେ ରହିଛି ତାର ତଥ୍ୟ କିଛି ଥାନା ଅଧିକାରୀ ଜାଣିଥିଲେ ମଧ୍ୟ ଚୁପ୍ ବସିଛନ୍ତି । କମିଶନରେଟ୍ ପୁଲିସର କିଛି ଅଫିସରଙ୍କ ମଧ୍ୟରେ ତାଳମେଳ ଅଭାବ ଯୋଗୁଁ ଅପରାଧୀଙ୍କ ମୁହଁରେ ଲଗାମ ଲାଗିପାରୁନାହିଁ । ନିର୍ବାଚନ ଆସୁଥିବାରୁ ଅପରାଧୀମାନେ ଏବେଠାରୁ ସକ୍ରିୟ ହୋଇପଡିଲେଣି । ସେହିଭଳି ଭୋରୁ ଭୋରୁ ଫୁଲବାଣୀ, କନ୍ଧମାଳ ଆଦି ଅଞ୍ଚଳରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ କାର୍ ଯୋଗେ ୧୬ ନମ୍ବର ଜାତୀୟ ରାଜପଥ ଭୁବନେଶ୍ୱର ଦେଇ ରାଜ୍ୟ ବାହାରକୁ ଚାଲାଣ ହେଉଛି । ତାର ଟେର୍ ପାଇପାରୁନାହିଁ କମିଶନରେଟ୍ ପୁଲିସ । କାରଣ ନିଶା ମାଫିଆମାନେ କମିଶନରେଟ୍ ପୁଲିସ, ବଳ, କୌଶଳ ଓ ରଣନୀତିକୁ ମାପି ସାରିଛନ୍ତି । ଯେଉଁ ସମୟରେ ପୁଲିସ ବିଶ୍ରମ ନେଉଥିବ ସେହି ସମୟରେ ସେମାନେ ଆରମ୍ଭ କରିଥାନ୍ତି ଅପରେସନ । କଥାରେ ଅଛି ନଇଁ ପଡିଥିବ ଯେତିକି ବେଳେ ବିଧାଏ ମାରିବ ସେତିକି ବେଳେ । ୧୬ ନମ୍ବର ଜାତୀୟ ରାଜପଥରେ ଭୋର ସମୟରେ ନାଁ ପୁଲିସ ଗାଡି ବୁଲେ, ନାଁ ପିସିଆର ଭ୍ୟାନ୍ । ଏହାର ସୁଯୋଗ ନେଇ ନିଶା ମାଫିଆମାନେ ସକ୍ରିୟ ହୋଇ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ରାଜଧାନୀ ଦେଇ ରାଜ୍ୟ ବାହାରକୁ ଚାଲାଣ କରିବାରେ ସଫଳ ହୋଇଛନ୍ତି ଓ ହେଉଛନ୍ତି ମଧ୍ୟ । ଏହାର ଜ୍ୱଳନ୍ତ ଉଦାହରଣ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଓ କମିଶନରେଟ୍ ପୁଲିସ ଭୋରୁ ଭୋରୁ କିଛି ନିଶା ବେପାରୀଙ୍କୁ ଧରିଥିଲା । ଏହି ସବୁ ଅପରାଧୀଙ୍କ ଉପରେ କମିଶନରେଟ୍ ପୁଲିସ ଯଦି ଲଗାମ ନଲଗାଏ ତା ହେଲେ ପୁଲିସ ପାଇଁ ଆଗାମୀ ଦିନରେ ବୁମେରାଂ ହେବ ବୋଲି କିଛି ବରିଷ୍ଠ ନାଗରିକମାନେ ମତ ଦେଇଛନ୍ତି ।

### ଚେକ୍ ବାଉନ୍ସ ମାମଲା

## ୨ ବର୍ଷ ଜେଲ୍ ଦଣ୍ଡାଦେଶ ସହ ଜରିମାନା

ଟାଙ୍ଗୀ (ନିପ୍ର) : ଚେକ୍ ବାଉନ୍ସ ମାମଲାର ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି ଟାଙ୍ଗୀ ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟାଧୀଶ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବୋଧ କୁମାର ସେଠୀ ଦୋଷୀକୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ତାଙ୍କଠାରୁ ୭ଲକ୍ଷ ୧୦ହଜାର ଟଙ୍କା ଆର୍ଥିକ ଦଣ୍ଡାଦେଶ ଦେବା ସହ ୨ବର୍ଷ ଜେଲ୍ ଦଣ୍ଡାଦେଶ ଓ ଅର୍ଥ ଅନାଦେୟ ୬ମାସ ଜେଲ୍ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ଦୁଗଲ ଗ୍ରାମର ସୁରେନ୍ଦ୍ର କୁମାର ଜେନା ୨୦୧୫ମସିହାରେ ଟଙ୍କା ଦେବା ନେବା ନେଇ ଖୋର୍ଦ୍ଧା ଜିଲ୍ଲା ନିରକାରପୁର ଥାନା ଅନ୍ତର୍ଗତ ନିରାକାରପୁର ଖୋଲ ସାହିର ହରେକୃଷ୍ଣ ଦାସଙ୍କୁ ୩ଲକ୍ଷ୫୫ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ସର୍ତ୍ତ ଅନୁସାରେ ନେଇଥିବା ଟଙ୍କା ଫେରସ୍ତ ନଦେବାରୁ ଅଭିଯୋଗକାରୀ ହରେକୃଷ୍ଣ ଦାସ ଚେକ୍‌କୁ ନେଇ ବ୍ୟାଙ୍କରେ ଜମା କରିଥିଲେ । ହେଲେ ଅଭିଯୁକ୍ତ ସୁରେନ୍ଦ୍ର କୁମାର ଜେନା ଦେଇଥିବା ଚେକ୍‌ର ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ନଥିବା ବ୍ୟାଙ୍କ ଠାରୁ ଲିଖିତ ଭାବରେ ଜାଣିବାକୁ ପାଇଥିଲେ । ତେଣୁ ତାଙ୍କ ଓକିଲଙ୍କ ଦ୍ୱାରା ୨୦୧୫ ମସିହାରେ ଟଙ୍କା ଫେରସ୍ତ ନିମନ୍ତେ ଦାବି ପତ୍ର ପଠାଇଥିଲେ । ଦାବି ପତ୍ର ପାଇବା ପରେ ମଧ୍ୟ ଅଭିଯୁକ୍ତ ସୁରେନ୍ଦ୍ର କୁମାର ଜେନା କୌଣସି ଉତ୍ତର ଦେଇନଥିଲେ କିମ୍ବା ସମାଧାନ କରିବା ଲାଗି ଚାହିଁ ନଥିଲେ । ଏନେଇ ଅଭିଯୋଗକାରୀ ହରେକୃଷ୍ଣ ଦାସ ମାନ୍ୟବରଙ୍କ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ । ଯାହାର ମାମଲା ନଂ ୨୭/୨୦୧୫ ଓ ଏହି ମାମଲା ଏନ୍ଆଇଆକ୍ଟର ୧୩୮ ଧାରା ମତେ ହୋଇଥିଲା । ୩ ଲକ୍ଷ ୫୫ହଜାର ଟଙ୍କା ଚେକ୍‌ର ସତ୍ୟାସତ୍ୟ ତଦନ୍ତ କରିବା ସହିତ ସାକ୍ଷ୍ୟପ୍ରମାଣକୁ ଆଧାର କରି ମାନ୍ୟବର ନ୍ୟାୟାଧୀସ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବୋଧ କୁମାର ସେଠୀ ଅଭିଯୁକ୍ତ ସୁରେନ୍ଦ୍ର କୁମାର ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨ବର୍ଷ ସଶ୍ରମ କାରାଦଣ୍ଡ ଓ ୭ ଲକ୍ଷ ୧୦ ହଜାର ଟଙ୍କା ଅର୍ଥ ରାଶି ଅନାଦେୟ ୬ମାସ ଜେଲ୍ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି ।

### ଡାବୁଗାଁ ଅବକାରୀ ବିଭାଗର ଚଢାଉ

## ୪୦ଲିଟରର ସଲପ ରସ ଜବତ, ଜଣେ ଗିରଫ

ନବରଙ୍ଗପୁର (ନିପ୍ର): ଜିଲ୍ଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ବିଭାଗ ତରଫରୁ ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଶୁକ୍ରବାର ପେଟ୍ରୋଲିଂ କରିବା ସମୟରେ ଚିଚିବାଇ ରାସ୍ତାରେ ଦିବା ୧୦ ଘଣ୍ଟା ସମୟରେ ବାଇକ ଶହ ୪୦ ଲିଟର ସଲପରସ ଜବତ କରିବା ଶହ ବନ୍ଦକନା ଗ୍ରାମର ସମଡୁ ଗୌଡ଼କୁ ଗିରଫ କରିଛି ଅବକାରୀ ବିଭାଗ । ଏହି ପେଟ୍ରୋଲିଂ ସମୟରେ ବାଇକ ନଂ ଓଡି ୨୪ ଏ ୪୧୯୮ ଯୋଗେ ଯାଉଥିବା ବେଳେ ଅବକାରୀ କର୍ମଚାରୀମାନେ ଉକ୍ତ ବାଇକକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ କରିବାରୁ ଉକ୍ତ ବାଇକରେ ଏକ ପ୍ଲାଷ୍ଟିକ ଡବାରେ ୪୦ ଲିଟର ସଲପରସ ଥିଲା । ଏହା ସହ ବାଇକ ଆରୋହିକୁ ଗିରଫ କରାଯାଇଛି । ଏହି ଚଢାଉରେ ଅବକାରୀ ନିରିକ୍ଷକ ରଞ୍ଜୁଲତା ବାରିକଙ୍କ ତତ୍ତ୍ୱାବଧାନରେ ଡାବୁଗାଁ ଅବକାରୀ ଉପ ନିରିକ୍ଷକ ବୁଲୁ ପାତ୍ର, ସହ ଉପନିରିକ୍ଷକ ଏସ. କେ ପଣ୍ଡା, କର୍ମଚାରୀ ସୁରେଖା ଭତ୍ରା ଓ ଶ୍ରୀକାନ୍ତ ବିଶୋୟୀ ପ୍ରମୁଖ ସାମିଲ ଥିଲେ । ଏନେଇ ଡାବୁଗାଁ ଅବକାରୀ କାର୍ଯ୍ୟାଳୟ କେସ ନଂ ୧୮/୨୦୨୪-୨୫ରେ ଏକ ମାମଲା ରୁଜୁ କରାଯାଇଛି ।

### ନଦୀରେ ବିଷ ପ୍ରୟୋଗ ଅଭିଯୋଗ

## ଦୁର୍ବୃତ୍ତ ନାମରେ ଥାନାରେ ମାମଲା

ନିରାକାରପୁର (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମର ଗୌରହରି ଗଜେନ୍ଦ୍ରଙ୍କ ଅଭିଯୋଗ ଅନୁଯାୟୀ ସେମାନେ ବ୍ୟବହାର କରୁଥିବା ମଲାଗୁଣୀ ନଦୀ ଜଳ ରେ ଗ୍ରାମର ମୁସଲିମ ସାହିର କିଛି ଅସାମାଜିକ ଯୁବକ ଉକ୍ତ ପାଣିରେ ବିଷ ପ୍ରୟୋଗ କରିଛନ୍ତି । ଫଳରେ ଦୁଇଟି ଗୋରୁଙ୍କର ମୃତ୍ୟୁ ଘଟିଛି । ଆଉ ଏହି କଥାକୁ ନେଇ ସେମାନଙ୍କୁ ସେ ପଚାରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହିତ ଏକ ପାଣି ମଟର ଚୋରି କରି ନେଇଛନ୍ତି । ଗୌରହରି କହିବା କଥା କି ମଲାଗୁଣୀ ହୁଡୁଆ ଗଣ୍ଡ ନିକଟରୁ ଗ୍ରାମବାସୀ ଚାଲିବା ଓ ପିଇବା ପାଇଁ ପାଣି ନିଅନ୍ତି । ତାହା ସହିତ ଗାଇଗୋରୁ ଏଠାରେ ନିଜର ଶୋଷ ମେଣ୍ଟାନ୍ତି । ତେଣୁ ସେମାନେ ସେଠାରୁ କିଛି ମାଟି ଖୋଳୁ ଥିବାବେଳେ କିଛି ମୁସଲିମ ଯୁବକ ଏହାକୁ ବିରୋଧ କରି ବିଷ ପ୍ରୟୋଗ କରିଥିଲେ । ଏ ନେଇ ଗୌରହରି ଜଙ୍କିଆ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏହାକୁ ଭିତ୍ତି କରି ଜଙ୍କିଆ ଥାନା ଆଇଆଇସି ପ୍ରଜ୍ଞା ରିତମ୍ଭରା କର ଏକ ମାମଲା ରୁଜୁ କରି ଘଟଣାର ସତ୍ୟତା ପାଇଁ ତଦନ୍ତ ଜାରି ରଖି ଥିବା ଜଣାଇଛନ୍ତି ।

## ମହିଳାଙ୍କୁ ଆକ୍ରମଣ, ୩ ଅଭିଯୁକ୍ତ ଗିରଫ







ଭୁବନେଶ୍ୱର (ନିପ୍ର): ଦୋକାନ ପକାଇବାକୁ କେନ୍ଦ୍ରକରି ପତି-ପତ୍ନୀଙ୍କୁ ଦୁର୍ବୃତ୍ତମାନେ ଗୋଡେଇ ଗୋଡେଇ ଲୁହାରଡ ଓ ଠେଙ୍ଗାରେ ପିଟି ଲହୁଲୁହାଣ କରିବା ଘଟଣାରେ ଲକ୍ଷ୍ମୀସାଗର ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବମିଖାଲ କଟକ ରୋଡର ଜଗନ୍ନାଥ ବସ୍ତିର ସନ୍ତୋଷ କୁମାର ମଲ୍ଲିକ(୩୨), ବମିଖାଲ କଟକ ରୋଡ ତାରିଣୀ ବସ୍ତିର ଜି. କିଷ୍ଟା(୨୭) ଓ ଲକ୍ଷ୍ମୀସାଗର ଥାନା ସ୍ୱସ୍ତିଧାମର ବାଉରୀବନ୍ଧୁ ଦଳେଇ ଓରଫ ବବୁଲ(୪୪) । ତିନି ଅଭିଯୁକ୍ତଙ୍କୁ ଶୁକ୍ରବାର ଦିନ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନଙ୍କଠାରୁ ପୁଲିସ ଆକ୍ରମଣରେ ବ୍ୟବହୃତ ରଡ ଓ ଠେଙ୍ଗାକୁ ଜବତ କରିଛି । ଅନ୍ୟ ପଟେ ଆକ୍ରମଣରେ ସ୍ୱାମୀ,ସ୍ତ୍ରୀଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ଦୁହିଁଙ୍କୁ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅନ୍ୟ ପଟେ ପଚରା ଉଚରା ବେଳେ ଅଭିଯୁକ୍ତ ମାନେ ନିଜର ଅପରାଧ ସ୍ୱୀକାର କରିଥିଲେ । ଲକ୍ଷ୍ମୀସାଗର ଥାନା ପୁଲିସ ଅଭିଯୋଗକାରୀ ଟୁନଟୁନ ଶର୍ମାଙ୍କ ଅଭିଯୋଗ ଭିତ୍ତିରେ ମାମଲା ରୁଜୁ କରି ତଦନ୍ତ କରିବା ସହିତ ନିମ୍ନୋକ୍ତ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।

ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀଙ୍କ ଭିଣୋଇ ପଙ୍କଜ କୁମାର ରାମ ନିମ୍ନୋକ୍ତ ଜଣେ ଅଭିଯୁକ୍ତ ସନ୍ତୋଷ କୁମାର ମଲ୍ଲିକଙ୍କ ପରିବା ଦୋକାନ ନିକଟରେ ଠେଲା ଲଗାଇ ଗୁପଚୁପ ବ୍ୟବସାୟ ଆରମ୍ଭ କରିଥିଲେ । ଏହି ସମୟରେ ଅଭିଯୁକ୍ତ ସନ୍ତୋଷ ଏବଂ ତାଙ୍କ ପତ୍ନୀ ସେଠାରେ ଗୁପଚୁପ ବ୍ୟବସାୟ କରିବା ଲାଗି ତାଙ୍କୁ ବାରଣ କରିଥିଲେ । ଏହି ଘଟଣା ପରେ ପଙ୍କଜ ଅନ୍ୟତ୍ର ଠେଲା ଲଗାଇ ନିଜର ଗୁପଚୁପ ବ୍ୟବସାୟ କରିଥିଲେ । ଗତ ଗୁରୁବାର ସନ୍ଧ୍ୟାରେ ପଙ୍କଜଙ୍କ ପତ୍ନୀ କର୍ମସ୍ଥଳରୁ ଘରକୁ ଫେରିବା ବେଳେ ଅଭିଯୁକ୍ତ ସନ୍ତୋଷ ଏବଂ ଅନ୍ୟ ଦୁଇଜଣ ମିଶି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ମାଡ଼ ମାରିବା ଲାଗି ଉତ୍ତେଜିତ ହେଉଥିବା ଦେଖି ସେ ଘଟଣା ସ୍ଥଳକୁ ଦୌଡି ଯାଇ ପତ୍ନୀଙ୍କୁ ବଞ୍ଚାଇବା ଲାଗି ପ୍ରୟାସ କରିଥିଲେ । ଏହି ସମୟରେ ଅଭିଯୁକ୍ତ ମାନେ ତାଙ୍କୁ ଏବଂ ତାଙ୍କ ପତ୍ନୀଙ୍କୁ ବାଉଁଶ ଲାଠି ଏବଂ ଲୁହା ଛଡ଼ ସାହାଯ୍ୟରେ ଆକ୍ରମଣ କରିବା ସହିତ ପକେଟରେ ଥିବା ଏକ ମୋବାଇଲ ଫୋନକୁ ଚୋରିକରି ନେଇଯାଇଥିଲେ । ଏହି ଆକ୍ରମଣରେ ପଙ୍କଜଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା । ସୂଚନା ପାଇ ଅଭିଯୋଗକାରୀ ଘଟଣା ସ୍ଥଳରେ ପହଞ୍ଚିବା ସହିତ ଭଉଣୀ ଏବଂ ଭିଣୋଇଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରି ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଘଟଣାର ଅଭିଯୋଗ ପରେ, ପୁଲିସ ମାମଲାର ତଦନ୍ତ କରିବା ସହିତ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବମିଖାଲ କେନାଲ ରୋଡ଼ ଅନ୍ତର୍ଗତ ଜଗନ୍ନାଥ ବସ୍ତିରେ ଚଢଉ କରି ସୂଚିତ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି ।

### ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟରେ ଜିଲ୍ଲା ପରିଷଦ ସଭ୍ୟ, ପୂର୍ବତନ ସରପଞ୍ଚବୃନ୍ଦ

# ବିଜେଡି ଶିବିରରେ ଉତ୍ସାହ: ବିଧାୟକଙ୍କ ଗୋଷ୍ଠୀର ସ୍ୱତନ୍ତ୍ର ବୈଠକ




ନିମାପଡ଼ା (ନିପ୍ର): ନିମାପଡ଼ା ବିଜୁ ଜନତା ଦଳର ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କୁ ଦଳୀୟ ଟିକେଟ୍ ମିଳିବା ସତ୍ତ୍ୱେ ବିଧାୟକ ସମୀର ରଂଜନ ଦାଶଙ୍କ ସହଯୋଗ ନ ରହିବାରୁ ଦିଲ୍ଲୀପ ବିଭିନ୍ନ ଅଞ୍ଚଳକୁ ଯାଇ ବିଜେପି, କଂଗ୍ରେସ କର୍ମୀମାନଙ୍କୁ ଦଳରେ ସାମିଲ କରିଥିବା ଦେଖିବାକୁ ମିଳିଛି । ଚାରିଛକ ଠାରେ ୭ଟି ଗ୍ରା.ପ.କୁ ନେଇ ଏବେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଶୁକ୍ରବାର ଦିନ ବଳଙ୍ଗା ଅଞ୍ଚଳର ୫ଟି ଗ୍ରା.ପ.ର ଦଳୀୟ କର୍ମୀଙ୍କୁ ନେଇ ସମାବେଶ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି । ଚାରିଛକ ଠାରେ ପୂର୍ବତନ କାଉନସିଲର ଧନୁର୍ଦ୍ଧର ଦାସ ତଥା ବିଧାୟକ ସମୀର ଦାଶଙ୍କ ଅନ୍ୟତମ ସହଯୋଗୀ ଥାଇ ଦିଲ୍ଲୀପଙ୍କ ପାଇଁ ମଙ୍ଗୁଆଳ ସାଜିଥିବା ବେଳେ ବଳଙ୍ଗା ଠାରେ ୫ଥର ଜିଲ୍ଲା ପରିଷଦ ଜିତିଥିବା ମହିଳା ନେତ୍ରୀ କୁଞ୍ଜଲତା ସାମଲ ଆଗୁଆ ହୋଇ ପ୍ରତି ଗ୍ରା.ପ.ରୁ କର୍ମୀମାନଙ୍କୁ ଡ଼ାକି ପ୍ରଚାର କାର୍ଯ୍ୟକୁ ଜୋରଦାର କରିଥିବା ଜଣାପଡ଼ିଛି । ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ବାରିକ, ବଟକୃଷ୍ଣ ସ୍ୱାଇଁ ଦିଲ୍ଲୀପଙ୍କ ପାଇଁ ପ୍ରଚାର କାର୍ଯ୍ୟରେ ଲାଗି ଚାରିଛକ ଅଞ୍ଚଳର ଯୁବନେତା ଏହି ଅଂଚଳର ବିକାଶ ସହିତ ଗରିବ ବ୍ୟକ୍ତିଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରି ଚର୍ଚ୍ଚାରେ ରହିଛନ୍ତି ବୋଲି ଆମ ପ୍ରତିନିଧିଙ୍କୁ କହିଥିଲେ । ପ୍ରତି ଗ୍ରା.ପ.ରେ ବିଜୁ ଜନତା ଦଳ କର୍ମୀମାନେ ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ମାନସିକ ସ୍ତରରେ ନିଷ୍ପତି ନେଇଥିଲେ ମଧ୍ୟ ବିଧାୟକଙ୍କ ଗୋଷ୍ଠୀର ନେତୃତ୍ୱମାନେ ଅପେକ୍ଷା କରିବାକୁ କହି କମ୍ ଦିନରେ ଶୁଭ ସମାଚାର ପାଇବେ ବୋଲି କର୍ମୀମାନଙ୍କୁ କହିବାରୁ କର୍ମୀମାନେ ଦ୍ୱନ୍ଦ୍ୱରେ ପଡ଼ିଥିବା ସ୍ପଷ୍ଟ ବାରି ହୋଇପଡୁଛି । ଦିଲ୍ଲୀପ ନାୟକଙ୍କ ପାଇଁ କଂଗ୍ରେସ ଏବଂ ବିଜେପିର ସକ୍ରିୟ କର୍ମୀମାନେ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିବା ବେଳେ ବିଧାୟକଙ୍କ ପକ୍ଷରୁ ଶୁକ୍ରବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ପରିବର୍ତନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତି ଗ୍ରହଣ କରାଯାଇଥିବା ଦଳୀୟ ସୂତ୍ରରୁ ପ୍ରକାଶ । ସମସ୍ତ ସମର୍ଥକମାନେ ୩୦ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବିଧାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି ବୋଲି ନଗର ସଭାପତି ଜୀବନାନନ୍ଦ ମହାପାତ୍ରଙ୍କ ଠାରୁ ପ୍ରକାଶ । ବିଧାୟକଙ୍କ ଗୋଷ୍ଠୀ ଦିଲ୍ଲୀପଙ୍କୁ ବିଭିନ୍ନ ଗ୍ରା.ପ.ରେ ସହଯୋଗ କରୁ ନଥିବାରୁ ଏଠାରେ ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି । ଆଗକୁ କ'ଣ ହେବ ତାହା ସମୟ ହିଁ କହିବ ବୋଲି ବହୁ ପୁରୁଖା ନେତା, କର୍ମୀ, ସମାଜସେବୀମାନେ ମତ ପ୍ରକାଶ କରିଛନ୍ତି ।

# ଟି-୨୦ ବିଶ୍ୱକପ୍‌ର ବ୍ରାଣ୍ଡ ଆମ୍ବାସଡର ହେଲେ ଯୁବରାଜ ସିଂହ



ନୂଆଦିଲ୍ଲୀ, ୨୬/୪: ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜିତ ହେବାକୁ ଥିବା ବିଶ୍ୱକପକୁ ଆଉ ୩୬ ଦିନ ବାକି ଥିବା ବେଳେ ଆଇସିସି ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଜୁନ ମାସରୁ ଆରମ୍ଭ ହେଉଥିବା ଟି-୨୦ ବିଶ୍ୱକପର ବ୍ରାଣ୍ଡ ଆମ୍ବାସଡର ଭାବେ ଆଇସିସି ଟିମ ଇଣ୍ଡିଆର କିମ୍ବଦନ୍ତୀ କ୍ରିକେଟର ଯୁବରାଜ ସିଂହଙ୍କୁ ନିଯୁକ୍ତ କରିଛି। ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜିତ ହେବାକୁ ଥିବା ବିଶ୍ୱକପକୁ ଆଉ ୩୬ ଦିନ ବାକି ଥିବା ବେଳେ ଆଇସିସି ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୦୭ ଟି-୨୦ ବିଶ୍ୱକପର ପ୍ରଥମ ସଂସ୍କରଣ ଭାରତ ଜିତିଥିବା ବେଳେ ଯୁବରାଜ ୬ ବଲରେ ୬ ଛକା ମାରି ରେକର୍ଡ କରିଥିଲେ। ଏବେ ସେ ବ୍ରାଣ୍ଡ ଆମ୍ବାସଡର ଭାବେ ନିଯୁକ୍ତି ପାଇଥିବାରୁ ଆମେରିକାରେ ହେବାକୁ ଥିବା ପ୍ରମୋସନାଲ କାର୍ଯ୍ୟକ୍ରମରେ ଭାଗ ନେବେ। ଏଥିସହ ଜୁନ ୯ରେ ବହୁ ପ୍ରତିକ୍ଷୀତ ଭାରତ-ପାକିସ୍ତାନ ମ୍ୟାଚ୍‌ର ମଧ୍ୟ ସେ ପ୍ରମୋସନ କରିବେ। ଏପରି ନିଯୁକ୍ତି ପରେ ଯୁବରାଜ କହିଛନ୍ତି, "ଟି-୨୦ ବିଶ୍ୱକପର କିଛି ସ୍ମରଣୀୟ ମୁହୂର୍ତ୍ତ ମୋର ମନେ ପଡ଼ି ଯାଉଛି। ଏହା ମଧ୍ୟରେ ଗୋଟିଏ ଓଭରରେ ୬ ଛକା ରହିଛି। ଏବେ ଏହି ସଂସ୍କରଣର ଅଂଶୀଦାର ହେବାକୁ ଉତ୍ସାହିତ। ଏହା ସବଠାରୁ ବଡ଼ ହେବ। ୱେଷ୍ଟଇଣ୍ଡିଜରେ କ୍ରିକେଟ ଖେଳିବା ବେଶ ଚମତ୍କାର। ବିଶ୍ୱକପ ମଧ୍ୟ ଆମେରିକାରେ ଅନୁଷ୍ଠିତ ହେବ। ଆମେରିକାରେ କ୍ରିକେଟ ପ୍ରବେଶ କରିବା ଗୋଟିଏ ଭଲ ଖବର। ଟି-୨୦ ବିଶ୍ୱକପ ଦ୍ୱାରା ଏହା ଆମେରିକାରେ ଆହୁରି ଆଦୃତ ହେବ। ନ୍ୟୁୟର୍କରେ ଭାରତ-ପାକିସ୍ତାନ ମୁକାବିଲା ଚଳିତ ବର୍ଷର ସବୁଠାରୁ ବଡ଼ କ୍ରୀଡ଼ା ପ୍ରତିଯୋଗିତା ହେବାକୁ ଯାଉଛି। ଏହାର ଅଂଶିଦାର ହେବା ସୌଭାଗ୍ୟର ବିଷୟ। କାରଣ ନୂଆ ଷ୍ଟାଡିୟମରେ ଦୁଇ ଶ୍ରେଷ୍ଠ ଦଳର ଲଢ଼େଇ ଦେଖିବାର ସୌଭାଗ୍ୟ ମିଳିବ।" ଏହା ପୂର୍ବରୁ ଆଇସିସି ବିଶ୍ୱର ଦ୍ରୁତତମ ଧାବକ ଉସେନ ବୋଲ୍ଟଙ୍କୁ ମଧ୍ୟ ଟି-୨୦ ବିଶ୍ୱକପର ବ୍ରାଣ୍ଡ ଆମ୍ବାସଡର କରିଥିଲେ। ଆସନ୍ତା ଜୁନ ୧ରୁ ୨୯ ତାରିଖ ଯାଏ ଇଣ୍ଡିଜ ଓ ଆମେରିକାରେ ଟି-୨୦ ବଶ୍ୱକପ ଆୟୋଜିତ ହେବ।

# 'ରୋହିତ୍ ଟି-୨୦ବିଶ୍ୱକପ୍ ପାଇଁ ଅଧିନାୟକ ହେବାକୁ ଯୋଗ୍ୟ ନୁହନ୍ତି'



ନୂଆଦିଲ୍ଲୀ, ୨୬/୪: ରୋହିତ୍ ଟି-୨୦ବିଶ୍ୱକପ ପାଇଁ ଅଧିନାୟକ ହେବାକୁ ଯୋଗ୍ୟ ନୁହନ୍ତି। ଗୋଟିଏ ପଟେ ରୋହିତ ଶର୍ମା ବିଶ୍ୱକପରେ ଭାରତୀୟ ଟି-୨୦ ଦଳର ଅଧିନାୟକ ହେବାକୁ ଯାଉଥିବା ବେଳେ ଅନ୍ୟପଟେ କୋଲକାତା ନାଇଟ୍ ରାଇଡର୍ସର ପୂର୍ବତନ ନିର୍ଦ୍ଦେଶକ ଜୟ ଭଟ୍ଟାଚାର୍ଯ୍ୟ ଏଭଳି କହିଛନ୍ତି। ସେ କହିଛନ୍ତି ଯେ, ୨୦୨୨ରେ ହୋଇଥିବା ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲରେ ଭାରତ ଇଂଲଣ୍ଡଠାରୁ ପରାସ୍ତ ହେବା ପରେ ସେ ଏକ ବର୍ଷରୁ ଅଧିକ ସମୟ ଧରି ଏହି ଫର୍ମାଟରେ ଖେଳି ନାହାଁନ୍ତି। ଏଭଳି ସ୍ଥିତିରେ ତାଙ୍କୁ ଅଧିନାୟକ କରିବାଟା ମୂର୍ଖାମୀ ହେବ। ତାଙ୍କ କହିବା ମୁତାବକ, "ରୋହିତଙ୍କୁ ବିଶ୍ୱକପରେ ଅଧିନାୟକ ଭାବେ ନିଯୁକ୍ତ କରିବା ଦଳକୁ କ୍ଷତି ପହଞ୍ଚାଇପାରେ। ବର୍ତ୍ତମାନ, ଟି-୨୦ ଫର୍ମାଟରେ ଟିମ୍ ଇଣ୍ଡିଆର ଅଧିନାୟକ ହେବା ପାଇଁ ରୋହିତ ସଠିକ୍ ପସନ୍ଦ ନୁହଁନ୍ତି। ବର୍ତ୍ତମାନ ସେ ଫର୍ମରେ ନାହାନ୍ତି। ରୋହିତଙ୍କ ପାଇଁ ମୋ ମନରେ ବହୁତ ସମ୍ମାନ ରହିଛି। କିନ୍ତୁ ଟି-୨୦ ବିଶ୍ୱକପ୍ କଥା କହିବାକୁ ଗଲେ ସେ ଏବେ ଫର୍ମରେ ନାହାନ୍ତି। ବର୍ତ୍ତମାନ ବିରାଟ କୋହଲି, ଯଶସ୍ୱୀ ଜୈସୱାଲ, ଶୁଭମନ ଗିଲ୍ ତୁଳନାତ୍ମକ ଭାବରେ ଭଲ ଫର୍ମରେ ଅଛନ୍ତି ଏବଂ ଏହି ତିନିଜଣ ମ୍ୟାଚ୍ ଓପନିଂ ପାଇଁ ଦୃଢ଼ ପ୍ରତିଯୋଗୀ ଅଟନ୍ତି। ହେଲେ ରୋହିତ ଅଧିନାୟକ ଥିବାରୁ ସେ ମ୍ୟାଚ୍ ଓପନିଂ କରିବେ।

## ପତ୍ରିକା ଏବଂ କାର୍ଯ୍ୟାଳୟରେ ହିନ୍ଦୀରେ କାର୍ଯ୍ୟବୃଦ୍ଧି ପାଇଁ ଗୁରୁତ୍ୱ

ଭୁବନେଶ୍ୱର,୨୬/୪(ନିପ୍ର): ନାଲକୋ ଅଧକ୍ଷତାରେ ନାଲକୋ କର୍ପୋରେଟ କାର୍ଯ୍ୟାଳୟଠାରେ ଭୁବନେଶ୍ୱର ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି(ଉପକ୍ରମ)ର ୧୯ତମ ଷାଣ୍ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଲକୋ ସିଏମଡି ଶ୍ରୀଧର ପାତ୍ରଙ୍କ ଅଧକ୍ଷତାରେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ରାଜଭାଷା ବିଭାଗର ପୂର୍ବାଞ୍ଚଳ କ୍ଷେତ୍ରୀୟ ମୁଖ୍ୟ ଶ୍ରୀ ନିର୍ମଳ କୁମାର ଦୁବେଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ସରକାରୀ ଭାଷା ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ କରିବା, ହିନ୍ଦୀ କର୍ମଶାଳା, ହିନ୍ଦୀ ପ୍ରତିଯୋଗିତା ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜନ, ଉପ-କମିଟି ଗଠନ, ସମିତି ପକ୍ଷରୁ ପତ୍ରିକା ଏବଂ କାର୍ଯ୍ୟାଳୟରେ ହିନ୍ଦୀରେ କାର୍ଯ୍ୟବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ, ଗତ ତ୍ରୈମାସରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ବୈଠକରେ ପୁରସ୍କୃତ କରାଯାଇଥିଲା। ସଦସ୍ୟ କାର୍ଯ୍ୟାଳୟମାନଙ୍କ ଅଗ୍ରଗତିରେ ଖୁସି ବ୍ୟକ୍ତ କରିବା ଅବସରରେ ନାଲକୋ ସିଏମଡି ଶ୍ରୀଧର ପାତ୍ର ହିନ୍ଦୀ ଭାଷାର ବ୍ୟବହାର ବୃଦ୍ଧି ନିମନ୍ତେ ଆହ୍ୱାନ ଦେଇଥିଲେ ଏବଂ ମିଳିତ ପ୍ରୟାସ ମାଧ୍ୟମରେ ନିଜ କାର୍ଯ୍ୟାଳୟରେ ହିନ୍ଦୀର ବ୍ୟବହାର ବୃଦ୍ଧି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

## କିମ୍ସରେ ନୂତନ ପଦ୍ଧତିରେ ଅସ୍ତ୍ରୋପଚାର

ଭୁବନେଶ୍ୱର,୨୬।୪(ନିପ୍ର): କିମ୍ସ କ୍ୟାନ୍ସର ସେଣ୍ଟରରେ ଏକ ନୂତନ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇ ମଧ୍ୟଛଦା (ଡାୟାଫ୍ରାମ୍)ରୁ ଟ୍ୟୁମର ବାହାର କରିବାରେ ଡାକ୍ତରମାନେ ସଫଳ ହୋଇଛନ୍ତି। ସର୍ଜିକାଲ ଅନ୍‌କୋଲୋଜି କ୍ଷେତ୍ରରେ ଏହି ପଦ୍ଧତି ଏକ ମହତ୍ତ୍ୱପୂର୍ଣ୍ଣ ସଫଳତା ବୋଲି କୁହାଯାଉଛି। ଜନୈକ ରୋଗୀଙ୍କ ବାମ ପାର୍ଶ୍ୱ ଛାତି ଭିତରେ ଅସାମାନ୍ୟ ଭାବେ ବୃଦ୍ଧି ଘଟିଥିବା ପ୍ରାୟ ୨କେଜି ଓଜନର ଏକ ଟ୍ୟୁମରକୁ କିମ୍ସର ବରିଷ୍ଠ ସର୍ଜିକାଲ ଅନ୍‌କୋଲୋଜିଷ୍ଟ ଡା. ସବ୍ୟସାଚୀ ପରିଡ଼ାଙ୍କ ନେତୃତ୍ୱରେ ଡାକ୍ତରୀଦଳ ବାହାର କରିବାରେ ସଫଳ ହୋଇଛନ୍ତି। ଏହି ଟ୍ୟୁମର ବୃଦ୍ଧି ପାଇବା ଯୋଗୁଁ ରୋଗୀ ଖାଦ୍ୟ ଗ୍ରହଣ ଓ ଅନ୍ୟାନ୍ୟ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି ହେଉଥିଲା। ପୂର୍ବରୁ ଏଭଳି ଟ୍ୟୁମରକୁ ତୁରନ୍ତ ବାହାର କରିବା ପାଇଁ ଉଭୟ ତଳିପେଟ ଓ ଛାତିରେ ଅସ୍ତ୍ରୋପଚାର କରିବାକୁ ପଡୁଥିଲା। ଏହା ରୋଗୀକୁ ଯନ୍ତ୍ରଣା ସହ ବହୁ ଅସୁବିଧାରେ ପକାଉଥିଲା। ତେବେ ଡା. ପରିଡ଼ାଙ୍କ ଏହି ନୂଆ କୌଶଳ ରୋଗୀଙ୍କ ଯନ୍ତ୍ରଣା କମ କରିବା ସହ ଶୀଘ୍ର ଉପଶମ ମିଳିବା ସମ୍ଭାବନା ଦେଖାଦେଇଛି। ଡାକ୍ତରୀ ଦଳରେ ଡା. ମୋନିକା ଦାବଗୋତ୍ର, ନିଶ୍ଚେତକ ବିଶେଷଜ୍ଞ ଡା. ବିଭାସ ପ୍ରସାଦ ବାରିକ, ଟେକ୍ନିସିଆନ୍ କଳ୍ପନା ଓଝା, ବରିଷ୍ଠ ସେବିକା ମିକିନା ପ୍ରଧାନ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମୀ ଦୀର୍ଘ ୬ଘଣ୍ଟା ଅକ୍ଳାନ୍ତ ପରିଶ୍ରମ ପରେ ଏହି ଅସ୍ତ୍ରୋପଚାର ସଫଳ ହୋଇଛି।

## ଭବିଷ୍ୟନିଧି ପାଣ୍ଠି ଇ-ଆକାଉଣ୍ଟ ସ୍ଲିପ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୬/୪(ନିପ୍ର): ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ଇ-ଆକାଉଣ୍ଟ ସ୍ଲିପ୍ ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଲେଖା ନିୟନ୍ତ୍ରକ ଅଶୋକ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଲେଖା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଲେଖା ନିୟନ୍ତ୍ରକ ଦିବାରାଣୀ ଦୋରା ଓ ଅତିରିକ୍ତ ଲେଖା ନିୟନ୍ତ୍ରକ ବିଶ୍ୱଜିତ୍ ମହାନ୍ତିଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଲେଖା ନିୟନ୍ତ୍ରକ ଶ୍ରୀ ମହାନ୍ତି କହିଲେ ଯେ, ବୈଷୟିକ ଜ୍ଞାନକୌଶଳର ସଦୁପଯୋଗ ଓ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କ ନିଷ୍ଠାପର ପ୍ରୟାସ ଯୋଗୁଁ କ୍ରମାଗତ ଭାବେ ତିନି ବର୍ଷ ଧରି ସମାପ୍ତ ହେବାର ମାତ୍ର ଏକମାସ ମଧ୍ୟରେ ଇ-ଆକାଉଣ୍ଟ ସ୍ଲିପ୍ ପ୍ରଦାନ କରାଯାଇପାରିଛି। ଯାହାକି କାର୍ଯ୍ୟାଳୟର ଦକ୍ଷତାକୁ ପରିପ୍ରକାଶ କରୁଛି। ଏହି ପରିପ୍ରେକ୍ଷୀରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ଆଣିବା ପାଇଁ ପୂର୍ବ ଆର୍ଥିକବର୍ଷର କାର୍ଯ୍ୟଦକ୍ଷତା ପ୍ରଦର୍ଶନ ଅନୁସାରେ ଉତ୍ତମ ପ୍ରଦର୍ଶନକାରୀଙ୍କୁ ଲେଖା ନିୟନ୍ତ୍ରକ ପୁରସ୍କୃତ କରିବା ସହିତ ଏହାକୁ ବଜାୟ ରଖିବା ଲାଗି ସେ ଉପଦେଶ ଦେଇଥିଲେ।

## ଅମିତ ଶାହାଙ୍କ ଆକ୍ଷେପ କେବଳ ଲୋକ ଦେଖାଣିଆ: କଂଗ୍ରେସ

ଭୁବନେଶ୍ୱର,୨୬/୪(ନିପ୍ର): ଶୁକ୍ରବାର କଂଗ୍ରେସ ଭବନଠାରେ ବରିଷ୍ଠ କଂଗ୍ରେସ ନେତା, ରାଜ୍ୟ କଂଗ୍ରେସ ସେବା ଦଳର ଅଧକ୍ଷ ଡ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଓଡ଼ିଶାରେ ବିଜେଡ଼ି ବିଜେପିର ଏକ ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ଚାଲିଛି। ଓଡ଼ିଶାରେ ସେମାନଙ୍କର ଏକ ମାତ୍ର ଲକ୍ଷ୍ୟ କଂଗ୍ରେସ ଦଳକୁ ଶାସନଠାରୁ ଦୂରେଇ ରଖିବା। ଓଡ଼ିଶାର ଭୋଟର ଭାଇ ଭଉଣୀମାନଙ୍କୁ ବିଭ୍ରାନ୍ତ କରିବାପାଇଁ ବିଭିନ୍ନ ସମୟରେ ବିଜେପି ନେତାମାନେ ଏଭଳି ବକ୍ତବ୍ୟମାନ ରଖିବେ, ଏଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ। ଯେଉଁ ମୁଖ୍ୟମନ୍ତ୍ରୀଙ୍କୁ ସେ ଗତ ୫ ବର୍ଷ ତଳେ ପୋଡ଼ା ଟ୍ରାନ୍ସଫରମର ବୋଲି କହିଥିଲେ, ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ହୋଇଗଲେ ଶ୍ରୀ ଶାହା କହିଛନ୍ତି ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଦରକାର, ଡ. ଜ୍ଞାନେନ୍ଦ୍ର ପ୍ରଶ୍ନ କରିଛନ୍ତି, କର୍ଣ୍ଣାଟକରେ ତୁମ ଡବଲ ଇଞ୍ଜିନ ସରକାର ଫେଲ ମାରିଲା କାହିଁକି, ତାର ଉତ୍ତର ଶ୍ରୀ ଶାହା ଭୋଟରଙ୍କୁ ଦେବା ଉଚିତ। ଓଡ଼ିଶାରେ ଅଫିସରଙ୍କ ମାଧ୍ୟମରେ ଭ୍ରଷ୍ଟାଚାର ଚାଲିଛି ଜାଣି କରି, ଶ୍ରୀ ଶାହା ଓଡ଼ିଶା ରାଜ୍ୟ ସରକାରଙ୍କ ଜଣେ ସରକାରୀ ଅଫିସରଙ୍କ ସହ ଗତ ଦୁଇମାସ ତଳେ ହୋଟେଲ ମେ ଫେୟାରରେ କ'ଣ ଆଲୋଚନା କରିଥିଲେ, ସର୍ବସାଧାରଣରେ ପ୍ରକାଶ ପାଇବା ଉଚିତ।

## ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୨୬/୪(ନିପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶାର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୨ତମ ଜୟନ୍ତୀ ଶୁକ୍ରବାର ପ୍ରତ୍ୟୁଷରେ ଭୁବନେଶ୍ୱର ଏଜି ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କାମଦେବ ମହାପାତ୍ର ମହାରାଜାଙ୍କ ଉପରେ ସ୍ୱଲିଖିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ସହିତ ଅନୁଜା ଜେନା, ଶ୍ରୀରାମ ମହାନ୍ତି, ସମାଜସେବୀ ଗିରିଜା ଶଙ୍କର ମହାପାତ୍ର, ସଂଜୟ କୁମାର ପରିଡ଼ା, ରାଜକିଶୋର ପାଣିଗ୍ରାହୀ, ସୀମା□ଳ ବେହେରା, ଡକ୍ଟର ପ୍ରଦୀପ ପାଢୀ, ରୁଦ୍ରପ୍ରସାଦ ନାୟକ, ଗୌରଚନ୍ଦ୍ର ମହାପାତ୍ର, ସତ୍ୟନାରାୟଣ ଦାସ, ଅଧ୍ୟାପକ ସହଦେବ ମଲ୍ଲିକ, ରଘୁରାଜ ରାଜଗୁରୁ, ସୁରେଶ ଚନ୍ଦ୍ର ମହାରଣା, ଲଳିତ ମହାନ୍ତି, କୈଳାସ ପାଣିଗ୍ରାହୀ, ସରିତ୍ରୀ ପଟ୍ଟନାୟକଙ୍କ ସହ ପାରଳାଖେମୁଣ୍ଡି ମାଟିର ରାଜଧାନୀରେ ଥିବା ବୁଦ୍ଧିଜୀବୀ ଓ ଅନ୍ୟ ବହୁ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ମହାରାଜାଙ୍କ ଗୁଣଗାନ କରିଥିଲେ।

### ଏକତ୍ର ହେଲେ ୫ ନେତୃତ୍ୱ

## ବିଜେପିକୁ ଜିତେଇବାକୁ ନେଲେ ସଂକଳ୍ପ

ଭାପୁର, ୨୬/୪(ନିପ୍ର): ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ପାଇଁ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଗତ ୨୫ ଦିନ ହେଲା ବିଜେପି ଟିକେଟ ଆଣିଥିବାବେଳେ କେବଳ ଗାଁ କୁ ଗାଁ ଜନ ସମ୍ପର୍କ ପଦଯାତ୍ରାରେ ତାଙ୍କର ପ୍ରଚାର ସୀମିତ ରହିଥିଲା ଏବଂ ତାଙ୍କ ପଛରେ ଗୋଷ୍ଠୀକନ୍ଦଳ ମଧ୍ୟ ଲାଗି ରହିଥିଲା । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ଟିକେଟ ଆଶାୟୀ ପ୍ରାର୍ଥୀ ଭାବେ ନୟାଗଡ ଜିଲ୍ଲା ସଭାନେତ୍ରୀ ଇଞ୍ଜିନିୟର ଅର୍ଚ୍ଚନା ଦାସ, ଭାରତୀୟ ଜନତା ଯୁବମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ମର୍ଦ୍ଦରାଜ ଟିକେଟ ଆଶାୟୀ ରହିଥିବାବେଳେ ଦୁଷ୍ମନ୍ତ ସ୍ୱାଇଁ ଟିକେଟ ଆଣିବା ପରେ ତାଙ୍କ ପ୍ରତି ସମସ୍ତେ ଅସହିଷ୍ଣୁ ହୋଇପଡ଼ିଥିଲେ ଏବଂ ଅସହଯୋଗ କରିଥିଲେ । ଏପରିକି ତାଙ୍କ ବିରୋଧରେ ଗୋଷ୍ଠୀ କନ୍ଦଳ ଲାଗି ରହିବା ସହିତ ସ୍ୱାଧୀନରେ ଛିଡା ହେବା ପାଇଁ ସ୍ୱର ଉଠିଥିଲା । ଏହାକୁ ନେଇ ଦୁଷ୍ମନ୍ତ ସ୍ୱାଇଁ ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ଅବଗତ କରେଇଥିଲେ । ଶ୍ରୀ ମହତାବଙ୍କ ପ୍ରଚେଷ୍ଟାରେ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ବନମାଳୀପୁର ଗ୍ରାମର ସୋମନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବିଜେପିର ସମସ୍ତ ଆଶାୟୀ ପ୍ରାର୍ଥୀ ଏବଂ ନିଜ ନିଜର ୪୨ଗୋଟି ପଞ୍ଚାୟତର ୧୦୦୦ରୁ ଊର୍ଦ୍ଧ୍ୱ କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ, ନିଷ୍ପତି ଅନୁଯାୟୀ, ସମସ୍ତ ଆଶାୟୀ ପ୍ରାର୍ଥୀ ଏବଂ ତାଙ୍କର କର୍ମୀମାନେ ମନୋମାଳିନ୍ୟ ଭୁଲି ଏକ ହୋଇ ସାଂସଦ ପ୍ରାର୍ଥୀ ଶ୍ରୀ ମହତାବ ଏବଂ ବିଧାୟକ ପ୍ରାର୍ଥୀ ଶ୍ରୀ ସ୍ୱାଇଁ ଙ୍କୁ ଜିତେଇବା ପାଇଁ ଦୃଢ଼ ସଂକଳ୍ପ ନେଇଥିଲେ ।

# ପରୀକ୍ଷା ଫଳାଫଳ ପରେ ଜୀବନ ହାରିଲେ ୭ ଛାତ୍ରଛାତ୍ରୀ

### ଫେଲ୍ ହୋଇଥିବାରୁ ଚରମ ନିଷ୍ପତ୍ତି !

ହାଇଦରାବାଦ,୨୬।୪: ପରୀକ୍ଷା ଫଳାଫଳ ବାହାରିବାର କିଛି ଘଣ୍ଟା ମଧ୍ୟରେ ୭ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ତେଲେଙ୍ଗାନାରେ ଘଟିଛି। ତେଲେଙ୍ଗାନା ରାଜ୍ୟ ବୋର୍ଡ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ମଧ୍ୟବର୍ତ୍ତୀ ସାଧାରଣ ପରୀକ୍ଷା ୨୦୨୪ ଫଳାଫଳ ଘୋଷଣା କରିବାର ୪୮ ଘଣ୍ଟା ମଧ୍ୟରେ ସମସ୍ତଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂଚନା ଦେଇଛି। ମହବୁବାବାଦ୍ ପୋଲିସ ଅଧୀକ୍ଷକ କହିଛନ୍ତି ଯେ ପରୀକ୍ଷାରେ ଫେଲ୍ ହୋଇଥିବାରୁ ୨ ଜଣ ଝିଅ ଆତ୍ମହତ୍ୟା କରିଛନ୍ତି। ଗତ ବୁଧବାର ମଧ୍ୟବର୍ତ୍ତୀ ସାଧାରଣ ପରୀକ୍ଷା ୨୦୨୪ ଫଳାଫଳ ଘୋଷଣା କରାଯାଇଥିଲା। ଫଳାଫଳବାହାରିବାର କିଛି ସମୟ ପରେ ଜଣେ ଛାତ୍ରୀ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ମଞ୍ଚେରିଆ ଜିଲ୍ଲାରେ ଜଣେ ୧୬ ବର୍ଷୀୟା ଛାତ୍ର ନିଜ ରୁମରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ୪ଟି ବିଷୟରେ ଫେଲ୍ ହୋଇଥିଲେ। ସେହିପରି ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀ ଫାଶୀ ଲଗାଇ ଅଥବା କୂଅ ଓ ପୋଖରୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ସମସ୍ତଙ୍କର ବୟସ ୧୬ରୁ ୧୭ବର୍ଷ ମଧ୍ୟରେ ହେବ। ସମସ୍ତ ମୃତକ ତନ୍ଦୁର, ରାଜେନ୍ଦ୍ରନଗର, ମହବୁବାବାଦ୍, ଖାମମ୍ ଓ କୋଲୁର୍ ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ଚଳିତବର୍ଷ ୯.୮ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ମଧ୍ୟବର୍ତ୍ତୀ ସାଧାରଣ ପରୀକ୍ଷା ଦେଇଥିଲେ। ପ୍ରାୟ ୬୧.୦୬% ଛାତ୍ର (୨.୮୭ ଲକ୍ଷ) ଏକାଦଶ ଓ ୬୯.୪୬% ଛାତ୍ର (୩.୨୨ ଲକ୍ଷ) ଦ୍ୱାଦଶ ଶ୍ରେଣୀରେ ପାସ୍ କରିଛନ୍ତି। ୨୦୧୯ରେ ମଧ୍ୟବର୍ତ୍ତୀ ସାଧାରଣ ପରୀକ୍ଷା ଫଳାଫଳ ପ୍ରକାଶ ପାଇବା ପରେ ତେଲେଙ୍ଗାନାରେ ୨୨ ଜଣ ଛାତ୍ର ଆତ୍ମହତ୍ୟା କରିଥିଲେ।ଏହି ଘଟଣା ସାମନାକୁ ଆସିବା ପରେ ତେଲେଙ୍ଗାନା ରାଜ୍ୟ ବୋର୍ଡ ପୁନଃମୂଲ୍ୟାୟନ ପାଇଁ ଆପ୍ଲିକେସନ ପ୍ରୋସେସ୍ ଆରମ୍ଭ କରିଛି। ଯେଉଁ ଛାତ୍ରଛାତ୍ରୀ ପରୀକ୍ଷା ଫଳାଫଳରେ ଅସନ୍ତୁଷ୍ଟ ସେମାନେ ଏଥିପାଇଁ ଆବେଦନ କରିପାରିବେ। ଅଫିସିଆଲ୍ ୱେବସାଇଟ୍‌ରେ ସେମାନେ ଆବେଦନ କରିପାରିବେ। ପୁନଃ ମୂଲ୍ୟାୟନର ଶେଷ ତାରିଖ ରହିଛି ମେ' ୨୩, ୨୦୨୪। ଏଥିସହ ମେ' ୨୪ରୁ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହେବ।ଦେଶରେ ଛାତ୍ର ଆତ୍ମହତ୍ୟାର ୫ପ୍ରତିଶତ ତେଲେଙ୍ଗାନାର। ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ ଅନୁଯାୟୀ ୨୦୨୨ ମସିହାରେ ୨୮ଟି ରାଜ୍ୟ ମଧ୍ୟରେ ଏକାଦଶ ସ୍ଥାନରେ ଥିଲା ତେଲେଙ୍ଗାନା।

# ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସ୍ୱାଧୀନତାରେ ଅଛି ମୋର ଅଗାଢ଼ ବିଶ୍ୱାସ: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୨୬/୪(ନିପ୍ର): ଦୀର୍ଘ ୨୫ ବର୍ଷର ଅପାରଗ ଓ ସ୍ଥାଣୁ ସରକାରରେ ଅନେକ କ୍ରୀତଦାସ ହେବାକୁ ପସନ୍ଦ କରୁଛନ୍ତି । ମୋର କିନ୍ତୁ କ୍ରୀତଦାସ ହେବାର ପସନ୍ଦ ନାହିଁ । ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ସ୍ୱାଧୀନତାରେ ମୋର ଅଗାଢ ବିଶ୍ୱାସ ଅଛି ବୋଲି ଶୁକ୍ରବାର ଅନୁଗୋଳ ଓ ଛେଣ୍ଡିପଦାରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଅନୁଗୋଳ ଓ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ଶୋଭାଯାତ୍ରା କରିବା ସହ ଦଳ ପକ୍ଷରୁ ଆୟୋଜିତ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବରେ ଯୋଗଦେଇଛନ୍ତି କେନ୍ଦ୍ରମନ୍ତ୍ରୀ। ତାଙ୍କ ଉପସ୍ଥିତିରେ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଚେୟାରମ୍ୟାନ ଅଶୋକ ପ୍ରଧାନଙ୍କ ସହ ୨ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଓ ସମର୍ଥକମାନେ ଦଳରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ ନେତୃତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତି ଉପରେ ଭରସା କରି ଦଳରେ ଯୋଗ ଦେଇଥିବାରୁ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସେ ଧନ୍ୟବାଦ ଜଣାଇବା ସହ ଏହି ମିଶ୍ରଣପର୍ବ ଅନୁଗୋଳ ସମେତ ଓଡ଼ିଶାରେ 'ବିଜେପିର ବିଜୟ ସଂକଳ୍ପ' ଯାତ୍ରାକୁ ସୁଦୃଢ଼ କରିବ ବୋଲି କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଗତ ୨୫ ବର୍ଷର ଶାସନରେ ଶାସନରେ ଓଡ଼ିଶାର ବିକାଶ ଅପରିବର୍ତ୍ତିତ ରହିଛି । ଓଡ଼ିଶା ଯେଉଁ ମାତ୍ରାରେ ବିକାଶ ହେବା କଥା ସେହି ମାତ୍ରାରେ ହୋଇନାହିଁ । ଏଥିପାଇଁ ଏଠାକାର ଅପାରଗ ସରକାର ଦାୟୀ । ଓଡ଼ିଆ ଲୋକଙ୍କ କଷ୍ଟ ଅର୍ଜିତ ଅର୍ଥରେ ଦରମା ପାଉଥିବା କିଛି ଅସାଧୁ ଅଣଓଡ଼ିଆ କର୍ମଚାରୀ ଆଜି ଓଡ଼ିଶାକୁ ଲୁଟ୍ କରିବା ପାଇଁ ଷଡ଼ଯନ୍ତ୍ର ରଚିଛନ୍ତି। ଏଥର ନିର୍ବାଚନ ଓଡ଼ିଶାକୁ ଲୁଟ କରିବା ପାଇଁ ଷଡ଼ଯନ୍ତ୍ର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ହେବ । କ୍ରୀତଦାସ ବନାମ ସ୍ୱାଭିମାନର ନିର୍ବାଚନ ହେବ । ଓଡ଼ିଆ ଅସ୍ମିତା ପାଇଁ ନିର୍ବାଚନ ହେବ। ବିଜେଡି ସରକାରରେ ରାଜନୈତିକ ଲୋକମାନେ ଅଣଦେଖା ହୋଇଛନ୍ତି। ଏହାର ଉତ୍ତର ଶାସକ ଦଳ ପାଖରେ ନାହିଁ । ଓଲଟା ଆମେ ବିକାଶ କରିଛୁ ବୋଲି ଗାଲୁ ମାରୁଛନ୍ତି। ଗାଁ ଗଣ୍ଡାରେ ପିଇବା ପାଣି ନାହିଁ । ଜଳସେଚନ ବ୍ୟବସ୍ଥା ନାହିଁ। ସ୍କୁଲରେ ଶିକ୍ଷକ ନାହାନ୍ତି। ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି। କାମ ପାଇଁ ଲୋକମାନେ ବାହାରକୁ ଯାଉଛନ୍ତି। ମଦ ନିଶା କାରବାର ବଢୁଛି । ମହିଳାଙ୍କ ଉପରେ ଅତ୍ୟାଚାର ବଢିଛି । ଏହା କ'ଣ ବିକାଶ କି ? କେଉଁଥିରେ ଏମାନେ ୧ ନମ୍ବର ହେବାର ମିଛ ଡିଣ୍ଡିମ ପିଟୁଛନ୍ତି । ଓଡ଼ିଆଙ୍କୁ ଲୁଟ୍ କରିବାରେ ଏମାନେ ୧ ନମ୍ବର । ଓଡ଼ିଶାର ପଇସାକୁ ପକେଟମାର କରିବାରେ ୧ ନମ୍ବର ହୋଇଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଗତକାଲି ଗୃହମନ୍ତ୍ରୀ ଅମିତ ଶାହ ଓଡ଼ିଶାରେ ବିଜେପିର ସରକାର କରିବା ପାଇଁ ଜନତାଙ୍କୁ ନିବେଦନ କରିଛନ୍ତି। ଓଡିଶାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ଅତୁଟ ସମର୍ଥନ ବଢିବାର ଲାଗିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତବର୍ଷରେ ବିକାଶର ଗଙ୍ଗା ପ୍ରବାହିତ ହୋଇଛି। ଓଡ଼ିଶାରେ ମଧ୍ୟ ମୋଦୀ ଲହର ଦେଖାଯାଇଛି । ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ସୁରକ୍ଷା ପାଇଁ ଏଥର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଓଡ଼ିଶାରେ ବିଜେପି ସରକାର କରିବ। ଓଡ଼ିଶାର ଭାଷା, ସଂସ୍କୃତି ଓ ସାହିତ୍ୟର ଗୌରବ ବଢାଇବା ପାଇଁ ଭୋଟ୍ ଦେବା ପାଇଁ ସମବେତ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଥିଲେ। ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଛେଣ୍ଡିପଦାରେ ଆୟୋଜିତ ମିଶ୍ରଣ ପର୍ବ ପରେ ସେଠାରେ ମାଆ ଭଉଣୀ ମାନଙ୍କୁ ଖାଦ୍ୟ ପରଷିଥିଲେ।



ଶଙ୍ଖ ଭବନଠାରେ ଶତାଧିକ ବିଜେପି ନେତା ଓ କର୍ମୀଙ୍କ ବିଜେଡିରେ ଯୋଗଦାନ (ଫଟୋ- ଦିନଲିପି)

## ପରାଜୟ ଭୟରେ ବାଚାଳାମୀ ଆରମ୍ଭ କରିଛନ୍ତି ଓଡ଼ିଶା ବିଜେପି ନେତା: ବିଜେଡି

ଭୁବନେଶ୍ୱର,୨୬/୪(ନିପ୍ର): ମୁଖ୍ୟମନ୍ତ୍ରୀ ଦୁଇଟି ଆସନରୁ ଲଢ଼ି ଗୋଟିଏ ଆସନ ବାବୁଙ୍କ ପାଇଁ ଛାଡ଼ିବେ। ପାଣ୍ଡିଆନଙ୍କୁ ପଛ ଦ୍ୱାର ବାଟେ ବିଧାନସଭାକୁ ପ୍ରବେଶ କରାଇ ଶାସନଭାର ଦେବାର ଚକ୍ରାନ୍ତ ହେଉଛି ବୋଲି ବିଜେପି ଅଭିଯୋଗ କରିବା ପରେ ଏହାର ଜବାବ୍ ରଖିଛି ବିଜେଡି। ବିଜେଡି କହିଛି ଓଡିଶା ବିଜେପି ନେତାମାନେ ଜାଣିଗଲେଣି, ୨୦୧୯ରେ ଯେଉଁଭଳି ହାରିଥିଲେ, ତାଠାରୁ ଆହୁରି ଦୟନୀୟ ଭାବେ ୨୦୨୪ରେ ହାରିବାକୁ ଯାଉଛନ୍ତି। ଯେଉଁଥିପାଇଁ ରାଜ୍ୟ ନେତାଙ୍କ ମୁଣ୍ଡ କାମ କରୁନି, ଆଉ ବାଚାଳାମୀ ଆରମ୍ଭ କରିଥିବା କହିଛନ୍ତି ବିଜେଡି ସାଂସଦ ସୁଲତା ଦେଓ ।

# ଜଗନ୍ନାଥଙ୍କ ପ୍ରାର୍ଥୀପତ୍ର ଖାରଜ କରିବାକୁ ବିଜେପି ଓ କଂଗ୍ରେସର ଦାବି

ରାୟଗଡ, ୨୬/୪(ନିପ୍ର): ପୂର୍ବତନ ଆଇନ ମନ୍ତ୍ରୀ ତଥା ଚଳିତ ୨୦୨୪ ନିର୍ବାଚନର ରାୟଗଡ଼ା ଜିଲ୍ଲାର ବିଷମକଟକ ବିଧାନସଭା ନିର୍ବାଚନୀ ମଣ୍ଡଳୀ ୧୩୯ ନମ୍ବର ଆସନର ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କ ନାମାଙ୍କନ ପତ୍ରରେ ତ୍ରୁଟି ଥିବା ନେଇ ସୂଚନା ମିଳିଥିବା ବେଳେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ ନାମାଙ୍କନ ପତ୍ରରେ ୫ ବର୍ଷର ଆୟକର ରିଟର୍ଣ୍ଣ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ବେଳେ ସେ କେବଳ ୨୦୨୩-୨୪ ବର୍ଷର ହିଁ ସୂଚନା ଦେଇଥିବା ଓ ଅନ୍ୟ କୌଣସି ଆର୍ଥିକ ବର୍ଷର ସୂଚନା ନଥିବା ନେଇ ପ୍ରାର୍ଥୀପତ୍ର ନାକଚ କରିବାକୁ ଦାବି କଲେ ବିଜେପି ଓ କଂଗ୍ରେସ ପ୍ରାର୍ଥୀ। ଏ ନେଇ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହୁଇକା କହିଛନ୍ତି ଯେ ଏ ନେଇ ଆମେ ରିଟର୍ଣ୍ଣିଙ୍ଗ ଅଫିସରଙ୍କୁ ଅଭିଯୋଗ କଲା ପରେ ମଧ୍ୟ ସେ କୌଣସି ଅଭିଯୋଗ ଗ୍ରହଣ ନକରି ତାଙ୍କର ପ୍ରାର୍ଥୀ ପତ୍ର ଗ୍ରହଣ କରିଥିବା ଯୋଗୁଁ ଆମେ ଲିଖିତ ଭାବେ ମଧ୍ୟ ପ୍ରଦାନ କରିଛୁ ଯେ ଉକ୍ତ ବିଷୟ ବସ୍ତୁର ସାର୍ଟିଫାଏଡ୍ କପି ପାଇଁ ଆବେଦନ କରିଛୁ । ଯଦି ଏ ନେଇ କୌଣସି ନିଷ୍ପତ୍ତି ନ ନିଅନ୍ତି ତାହାଲେ ଏହି ବିଷୟକୁ ଆମେ ମୁଖ୍ୟ ନିର୍ବାଚନ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିବୁ ବୋଲି ପ୍ରତିକ୍ରିୟା ରଖିଛନ୍ତି। ବିଷମକଟକ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହୁଇକା। ଅପରପକ୍ଷରେ ରିଟର୍ଣ୍ଣିଙ୍ଗ ଅଫିସର କହିଛନ୍ତି ଯେ ବିଷମକଟକ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କ ବିରୋଧରେ ଏକ ପିଟିସନ ଦାୟର କରି ବିଷମକଟକ ନିର୍ବାଚନ ମଣ୍ଡଳୀର ଜାତୀୟ କଂଗ୍ରେସ ଦଳର ପ୍ରାର୍ଥୀ ନୀଳମାଧବ ହିକକା ଦର୍ଶାଇଛନ୍ତି ଯେ ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରାକ ତାଙ୍କ ନାମାଙ୍କନ ପତ୍ରରେ ତାଙ୍କର ଗତ ପାଞ୍ଚ ବର୍ଷର ଆୟକର ପୈଠ କରିଥିବା ଏବଂ ଏହି ସମ୍ବନ୍ଧୀୟ ଫର୍ମ ୨୬ ରେ ଏକ ସତ୍ୟପାଠ ଦାଖଲ କରିଥିବା ଯାଞ୍ଚବେଳେ ଜଣାପଡିଥିଲା। ତେଣୁ ତାଙ୍କ ପ୍ରାର୍ଥୀପତ୍ର କାୟମ ରହିଲା ଏବଂ ସେ କୌଣସି ନିୟମର ଖିଲାପ କରିନଥିବା ଜଣାପଡିଥିଲା।


**AFFIDAVIT**

"By virtue of an affidavit before the Executive Magistrate of Khandapada, Dist.-Nayagarh as on dated 16-04-24 that, I Sri Santanu Nayak (21)yrs, s/o Sadashib Nayak, Village- Pathuria, P.o- Banamalipur, P.s.-Fategarh, Dist.- Nayagarh, Odisha declare that, my LIC policy No- 585591965 is wrongly mentioned as Santisen Nayak instead of Santanu Nayak . The Santanu Nayak & Santisen Nayak is the same and one person in our locality. Henceforth I shall be known as Santanu Nayak for all purposes.

Sri Santanu Nayak

**AFFIDAVIT**

"By virtue of an affidavit before the Executive Magistrate of Tangi, Dist.-Khordha affidavit no.411 & dt.19.04.2024, that, I Damayanti Sahoo W/o Niranjan Sahoo, At-Bajapadar, Po-Gadakharad, Dist-Puri declare that, my LIC policy No- 574543456 is wrongly mentioned as Hirabati Dei instead of Damayanti Sahoo . The Hirabati Dei W/o Niranjan Sahoo & Damayanti Sahoo W/o Niranjan Sahoo is the same and one person in our locality. Henceforth I shall be known as Damayanti Sahoo for all purposes.

DAMAYANTI SAHOO


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ    ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ